

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ଶୁକ୍ରବାର ୨୨ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 22 MARCH 2024
Vol.No. 35 ■ No.81 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

# ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଗିରଫ

ନୂଆଦିଲ୍ଲୀ, ୨୧/୩ : ଲୋକସଭା ନିର୍ବାଚନ ପୂର୍ବରୁ ଭାରତୀୟ ରାଜନୀତିରେ ସବୁଠାରୁ ବଡ଼ ଘଟଣା ଘଟିଛି। ଗିରଫ ହୋଇଛନ୍ତି ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ଦିଲ୍ଲୀର ତଥାକଥିତ ଅବକାରୀ ନୀତି ଦୁର୍ନୀତି ଘଟଣାରେ ଆଜି ଇଡି କେଜ୍ରିୱାଲଙ୍କୁ ଗିରଫ କରିଛି। ଦୁଇ ଘଣ୍ଟାର ଜେରା ପରେ ଇଡିର ଅଧିକାରୀମାନେ କେଜ୍ରିୱାଲଙ୍କୁ ଗିରଫ କରିଛନ୍ତି। ଭାରତ ଇତିହାସରେ ପ୍ରଥମଥର ପାଇଁ କୌଣସି କାର୍ଯ୍ୟରତ ମୁଖ୍ୟମନ୍ତ୍ରୀଙ୍କୁ ଦୁର୍ନୀତି ମାମଲାରେ ଗିରଫ କରାଯାଇଛି। ଗିରଫ ପରେ ତାଙ୍କୁ ଇଡିର ମୁଖ୍ୟାଳୟକୁ ନିଆଯାଇଛି। ସେଠାରେ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା କଡ଼ା କଡ଼ି କରାଯାଇଥିଲା। ସେହିପରି ଇଡି ଅଫିସ ବାହାରେ ୧୪୪ ଧାରା



ଜାରି କରାଯାଇଥିଲା। ଆପ୍‌ ?ର ନେତା ଓ କର୍ମୀମାନେ ଇଡି ଅଫିସ ଘେରାଉ କରିବାର ଆଶଙ୍କା ଥିବାରୁ ଦିଲ୍ଲୀ ପୁଲିସ୍‌ ? ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅବକାରୀ ନୀତି ଦୁର୍ନୀତି ଘଟଣାରେ ଇଡି କେଜ୍ରିୱାଲଙ୍କୁ ୯ଥର ସମନ କରିଥିଲେ ହେଁ ସେ ଏହାକୁ ଖାତିର କରି ନଥିଲେ। ଇଡିର ସମନ ବିରୋଧରେ ସେ ଦିଲ୍ଲୀ ହାଇକୋର୍ଟରେ ଅପିଲ କରିବା ସହ ଗିରଫଦାରୀରୁ ସୁରକ୍ଷା ପାଇଁ ନିବେଦନ କରିଥିଲେ। କିନ୍ତୁ ଦିଲ୍ଲୀ ହାଇକୋର୍ଟ କେଜ୍ରିୱାଲଙ୍କୁ କୌଣସି ପ୍ରକାରର ସୁରକ୍ଷା ଦେଇ ନଥିଲେ। ହାଇକୋର୍ଟ କେଜ୍ରିୱାଲଙ୍କ ଆବେଦନ ଖାରଜ କରିବା କ୍ଷଣି ଇଡିର ୧୨ ଜଣିଆ ଟିମ ତାଙ୍କ ଘରେ ପହଞ୍ଚି ଯାଇଥିଲେ।

▶▶ପୃଷ୍ଠା ୭

## ମାର୍ଚ୍ଚ ଶେଷ ବେଳକୁ ତାପମାତ୍ରା ୪୦ ଡ଼ିଗ୍ରୀ ଛୁଇଁବ

ଭୁବନେଶ୍ୱର, ୨୦/୩ (ନି.ପ୍ର): ଅଦିନିଆ ମେଘ ଗଲା। ଏବେ ବଢ଼ିବ ତାତି। ଅସମ୍ଭାଳ ହେବ ସ୍ଥିତି। ଆଗାମୀ ୩ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରାରେ ୮ରୁ ୧୦ ଡ଼ିଗ୍ରୀ ଯାଏଁ ବୃଦ୍ଧି ହେବାର ସମ୍ଭାବନା ରହିଛି। ତଥା ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମାର୍ଚ୍ଚ ମାସ ଶେଷ ବେଳକୁ ତାପମାତ୍ରା ୪୦ ଡ଼ିଗ୍ରୀ ଯାଏଁ ରେକର୍ଡ ହେବାର ସମ୍ଭାବନା ରହିଛି। ଏନେଇ ପୂର୍ବନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍‌ ଅନୁସାରେ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପାଗ ଶୁଖିଲା ରହିବ। ୨୫ ତାରିଖରେ ପଶ୍ଚିମା ଝଡ଼ ପ୍ରଭାବରେ ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ହାଲ୍‌କା ବର୍ଷା



ହେବାର ସମ୍ଭାବନା ରହିଛି। ୨୬ ଓ ୨୭ ତାରିଖରେ ପାଗ ଶୁଖିଲା ରହିବ। ପଶ୍ଚିମା ଝଡ଼ ପ୍ରଭାବରେ ଯେଉଁ ତାପମାତ୍ରା(ଦିନ) ୧୦ରୁ ୧୭ ଡିଗ୍ରୀ ପର୍ଯ୍ୟନ୍ତ କମିଥିଲା, ତା'ର ବୃଦ୍ଧି ହେବାର ରହିଛି। ଆଗାମୀ ଦୁଇ ଦିନରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୮ରୁ ୧୦ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ। ପରବର୍ତ୍ତୀ ସମୟରେ ମଧ ତାପମାତ୍ରା ବୃଦ୍ଧି ଘଟିପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବୁଧବାର ରାଜ୍ୟର ୧୨ଟି ସହରର ସର୍ବାଧିକ ଦିନ ତାପମାତ୍ରା ୨୨ଡିଗ୍ରୀ ବା ଏହା ତଳେ ରହିଥିଲା। ଢେଙ୍କାନାଳର ସର୍ବାଧିକ ଦିନ ତାପମାତ୍ରା ୧୮.୯ ଡିଗ୍ରୀ ରେକର୍ଡ କରାଯାଇଥିଲା। ବାଲେଶ୍ୱରରେ ସର୍ବାଧିକ ଦିନ ତାପମାତ୍ରା ୨୧ ଡିଗ୍ରୀ ରହିଥିବା ବେଳେ ଚାନ୍ଦବାଲିରେ ୨୧, କଟକରେ ୨୦, ପାରାଦୀପରେ ୨୦.୭, ଭୁବନେଶ୍ୱରରେ ୧୯.୨, ଗୋପାଳପୁରରେ ୧୯.୨, ପୁରୀରେ ୨୦.୪, ବାରିପଦାରେ ୨୦.୪, ନୟାଗଡ଼ରେ ୧୯.୫, ଭଦ୍ରକରେ ୨୦.୫ ଓ ଯାଜପୁରରେ ୨୦ ଡିଗ୍ରୀ ରହିଥିଲା।

## ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ୫ ବରିଷ୍ଠ ଓଏଏସ୍‌ ଅଫିସରଙ୍କ ବଦଳି

ଭୁବନେଶ୍ୱର, ୨୧/୩ (ନି.ପ୍ର): ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ଆଜି ୫ଜଣ ବରିଷ୍ଠ ଓଏଏସ୍‌ ଅଫିସରଙ୍କୁ ବଦଳି କରିଚନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଓଏସଡି ଭାବେ ଡେପୁଟେସନରେ ଯାଇଥିବା ବରିଷ୍ଠ ଓଏଏସ୍‌ ଅପିସର ଜ୍ୟୋତିଶଙ୍କର ମହାପାତ୍ରଙ୍କୁ ପୁଣିଥରେ ଆଇନ ବିଭାଗକୁ ଫେରାଇ ଅଣାଯାଇଛି। ସେ ଆଇନ ବିଭାଗରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବେ। ସେହିପରି କେନ୍ଦୁଝର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଫିସର ରାମଚନ୍ଦ୍ର କିସକୁଙ୍କୁ ରାଜ୍ୟ ଇସ୍ପାତ ଓ ଖଣି ବିଭାଗର ଯୁଗ୍ମ ସଚିବ ଭାବେ ବଦଳି ହୋଇଛି। ଗଞ୍ଜାମ ଆରଆଇସିରେ ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟରତ ବରିଷ୍ଠ ଓଏଏସ୍‌ ପ୍ରସନ୍ନ କୁମାର ପାତ୍ରଙ୍କୁ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଯୁଗ୍ମ ସଚିବ, ଆସିକା ସମବାୟ ଚିନି କଳର ପରିଚାଳନା ନିର୍ଦ୍ଦେଶକ ଗାୟତ୍ରୀ ଦତ୍ତ ନାୟକଙ୍କୁ ଓସଡମା ଡେପୁଟି ଜେନେରାଲ ମ୍ୟାନେଜର ଏବଂ ବ୍ରହ୍ମପୁର ସିଡିଏମଓ ଅଫିସରେ ପ୍ରଶାସନିକ ଅଫିସର ଓଏଏସ୍‌ ସୁବ୍ରତ କୁମାର ଜେନାଙ୍କୁ ଇଡକୋ ଲ୍ୟାଣ୍ଡ ଅଫିସର ଭାବେ ଭୁବନେଶ୍ୱର ବଦଳି ହୋଇଛି। ଗତ କିଛିଦିନ ତଳେ ରାଜ୍ୟ ବିଜେପି ଏମାନଙ୍କ ମଧ୍ୟରୁ କିଛି ଅଫିସରଙ୍କ ନାଁରେ ଲିଖିତ ଭାବେ ଅଭିଯୋଗ ଆଣିଥିଲା। ନିର୍ବାଚନ କମିଶନଙ୍କ ଗାଇଡଲାଇନ ଆଧାରରେ ଏହି ଅଫିସରମାନଙ୍କ ବଦଳି ହୋଇଥିବା ଜଣାପଡ଼ିଛି।

## ଭିଜିଲାନ୍ସ ଜାଲରେ ପ୍ରଧାନ ଶିକ୍ଷକ

କଳାହାଣ୍ଡି , ୨୧/୩ (ନି.ପ୍ର): ଜଣେ ଠିକାଦାରଙ୍କ ଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ତ୍ରିଶକ୍ତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ରୋଣ କୁମାର ତାଣ୍ଡି। ଏହି ସ୍କୁଲ୍‌ ୫ଟି ଅଧୀନରେ ଥିବା ବେଳେ ଏବେ ଏଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଜୟସେନ ସାହୁ ନାମକ ଜଣେ ଠିକାଦାର ନିର୍ମାଣ କାର୍ଯ୍ୟ ଦାୟିତ୍ୱ ପାଇଥିବା ବେଳେ କିଛି ବିଲ୍‌ ପାସ୍‌ କରି ଦେବା ପାଇଁ ପ୍ରଧାନ ଶିକ୍ଷକ ଦ୍ରୋଣ କୁମାର ତାଣ୍ଡି ତାଙ୍କୁ ଲାଞ୍ଚ ମାଗିଥିଲେ। ଏହା ପରେ ଜୟସେନ ସାହୁ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ



ଆଜି ଠିକାଦାର ଜୟସେନ ସାହୁ ସ୍କୁଲରେ ପ୍ରଧାନ ଶିକ୍ଷକ ଦ୍ରୋଣ କୁମାର ତାଣ୍ଡିଙ୍କୁ ୪୦ ହଜାର ଟଙ୍କା ଲାଞ୍ଚ ଦେବା ବେଳେ ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଧରା ଯାଇଥିଲା। ଏହା ପରେ ମକରାଗୁଡ଼ା ସ୍ଥିତ ତାଙ୍କ ବାସଭବନକୁ ଯାଇ ଖାନତଲାସି କରିଥିଲେ ଭିଜିଲାନ୍ସ ଅଧିକାରୀ।

## ଗୋଟିଏ ପରିବାରର ୫ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ

ଗଞ୍ଜାମ, ୨୧/୩ (ନି.ପ୍ର): ଗୋଟିଏ ପରିବାରର ୫ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ବ୍ରହ୍ମପୁର ଅତିରିକ୍ତ ଦୌରା ଜିଲ୍ଲାଜଜ୍‌-୧ଙ୍କ କୋର୍ଟ। ୨୦୧୩ରେ ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଜଗନ୍ନାଥପୁର ଗାଁରେ ଘଟିଥିବା ଏକ ଡବଲ ମର୍ଡର ମାମଲାରେ କୋର୍ଟ ଆଜି ଏହି ରାୟ ଶୁଣାଇଛନ୍ତି। ଆଜୀବନ କାରାଦଣ୍ଡାଦେଶ ପାଇଥିବା ଦୋଷୀମାନେ ହେଉଛନ୍ତି- ଭଗବାନ ସ୍ୱାଇଁ, ସରୋଜ ସ୍ୱାଇଁ,



ଅମିନ ସ୍ୱାଇଁ, କାର୍ତ୍ତିକ ସ୍ୱାଇଁ ଓ ଧନୁ ସ୍ୱାଇଁ। ୨୦୧୩ ଡିସେମ୍ବର ୨୮ ତାରିଖରେ ଜଗନ୍ନାଥପୁର ଗାଁ ପୋଖରୀ ନିକଟରେ ଗୁଲା ସ୍ୱାଇଁ ଓ ତାଙ୍କ ପୁଅ ରାଜୀବ ସ୍ୱାଇଁଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପାଟପୁର ଥାନା ପୁଲିସ୍‌ ୮ ଜଣଙ୍କୁ ଗିରଫ କରିଥିଲା।

▶▶ପୃଷ୍ଠା ୭

## ବରିଷ୍ଠ ବିଜେଡି ନେତା ଦାମୋଦର ରାଉତ ଗୁରୁତର



ଭୁବନେଶ୍ୱର, ୨୧/୩ (ନି.ପ୍ର): ବରିଷ୍ଠ ବିଜେଡି ନେତା ଡାକ୍ତର ଦାମୋଦର ରାଉତଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି। ତାଙ୍କର ବ୍ରେନ ଡେଡ୍‌ ହୋଇଯାଇଥିବା ନେଇ ତାଙ୍କ ପୁଅ ସମ୍ବିତ ରାଉତରାୟ ସୂଚନା ଦେଇଛନ୍ତି। ସଂକଟାପନ୍ନ ଅବସ୍ଥାରେ ଡାକ୍ତର ରାଉତଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

▶▶ପୃଷ୍ଠା ୭

## ବିଜେପିର ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା: ପୂର୍ବତନ ରାଜ୍ୟପାଳ ତାମିଲିସାଇଙ୍କୁ ମିଳିଲା ଟିକେଟ୍‌

ନୂଆଦିଲ୍ଲୀ, ୨୧/୩ : ଆଗାମୀ ଲୋକସଭା ନିର୍ବାଚନ ପାଇଁ ଆଜି କେନ୍ଦ୍ରରେ କ୍ଷମତାସୀନ ବିଜେପି ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରିଛି। ତାମଲନାଡୁର ୯ଟି ଆସନ ପାଇଁ ଦଳ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ନିକଟରେ ତେଲଙ୍ଗାନା ରାଜ୍ୟପାଳ ପଦରୁ ଇସ୍ତଫା ଦେଇଥିବା ତାମିଲିସାଇ ସୌନ୍ଦର୍ଯ୍ୟରାଜନ୍‌ ଚେନ୍ନାଇ ଦକ୍ଷିଣରୁ ଲଢ଼ିବେ। ସେହିପରି ତାମିଲନାଡୁର ବିଜେପି ମୁଖ୍ୟ କେ ଆନ୍ନାମଲାଇଙ୍କୁ ଦଳ କୋଏମ୍ବାଟୁରରୁ ପ୍ରାର୍ଥୀ କରିଛି। ଏହାବାଦ କେନ୍ଦ୍ରମନ୍ତ୍ରୀ ଏଲ ମୁରୁଗାନ ନୀଲଗିରୀ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଏହି ଆସନଟି



ଏସ୍‌ସି ସଂପ୍ରଦାୟକ ପାଇଁ ସଂରକ୍ଷିତ। ଏଲ ମୁରୁଗାନ ୨୦୨୧ରେ ରାଜ୍ୟସଭାକୁ ଯିବା ସହ କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ଏବେ ସେ ୨୦୨୪ରେ ଲୋକସଭା ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଏହାବାଦ ଚେନ୍ନାଇ ସେଣ୍ଟ୍ରାଲରୁ ବିନୋଜ ପି ସେଲଭମ, ଭେଲ୍ଲୋରରୁ ଏସି ଶାନମୁଗମ, କୃଷ୍ଣଗିରିରୁ ସି ନରସୀମା, ପେରାମବାଲୁରରୁ ଟିଆର ପରବିନ୍ଧର, ଟୁଟକୁଡ୍ଡିରୁ ଏନ ନଗେନ୍ଦ୍ରନ ଓ କନ୍ୟାକୁମାରୀରୁ ପି ରାଧାକ୍ରିଷ୍ଣନଙ୍କୁ ବିଜେପି ଟିକେଟ ଦେଇଛି। ଏହାପୂର୍ବରୁ ବିଜେପି ଦୁଇଟି ପର୍ଯ୍ୟାୟରେ ପ୍ରାର୍ଥୀ ତାଲିକା ଘୋଷଣା କରିଥିଲା।

## କେନ୍ଦ୍ରକୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ: 'ବିକଶିତ ଭାରତ' ମେସେଜ୍‌ ପଠାଇବା ବନ୍ଦ କର

ନୂଆଦିଲ୍ଲୀ, ୨୧/୩ : ନିର୍ବଚନ ଆଦର୍ଶ ଆଚରଣ ବିଧି ବା କୋଡ୍‌ ଅଫ୍‌ କଣ୍ଡକ୍ଟ ଲାଗୁ ହୋଇ ସାରିଥିବାରୁ ରାଜନୈତିକ ଦଳ ଉପରେ କଡା ନଜର ରଖିଛନ୍ତି ଇଲେକ୍ସନ କମିଶନ। ଏହିପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କୁ ଏତ ନୋଟିସ୍‌ ଏକ ପଠାଇଛନ୍ତି। ହ୍ୱାଟ୍ସଆପରେ 'ବିକଶିତ ଭାରତ' ମେସେଜକୁ ତୁରନ୍ତ ବନ୍ଦ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ମଧ କାହିଁକି ହ୍ୱାଟ୍ସଆପରେ ଏହି ମେସେଜ୍‌ ପଠାଯାଉଛି, ତୁରନ୍ତ ଉତ୍ତର ରଖିବାକୁ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି

▶▶ପୃଷ୍ଠା ୭




## ନିର୍ବାଚନ ବଣ୍ଡକୁ ନେଇ ସୁପ୍ରିମକୋର୍ଟରେ ଉତର ରଖିଲା ଏସବିବଆଇ

ନୂଆଦିଲ୍ଲୀ, ୨୧/୩ : ବାରମ୍ବାର ସୁପ୍ରିମକୋର୍ଟଙ୍କ ଠାରୁ ଗାଳି ଖାଇବା ପରେ ଚେତିଛି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବା ଏସବିଆଇ। ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ପରେ ଆଜି ଏସ୍‌ବିଆଇ ପକ୍ଷରୁ କ୍ରମିକ ସଂଖ୍ୟା ସହ ନିର୍ବାଚନ ବଣ୍ଡର ବିସ୍ତୃତ ତଥ୍ୟ ନିର୍ବାଚନ କମିଶନଙ୍କୁ ଦିଆଯାଇଛି। ଏସ୍‌ବିଆଇ ଦେଇଥିବା ତଥ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବଣ୍ଡର ସିରିଏଲ ନମ୍ବର ବା ୟୁନିକ ବା ସ୍ୱତନ୍ତ୍ର ନମ୍ବର ରହିଛି। ଏହି ନମ୍ବର ଦ୍ୱାରା କେଉଁ ଦାନଦାତା କେଉଁ ରାଜନୀତିକ ଦଳକୁ କେତେ ପରିମାଣର ଚାନ୍ଦା ଦେଇଛନ୍ତି, ସେକଥା ଜଣାପଡ଼ିବ। ଗୁରୁବାର ଏସ୍‌ବିଆଇ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରି ନିର୍ବାଚନୀ ବଣ୍ଡ ସଂକ୍ରାନ୍ତ ତଥ୍ୟ ଇସିଙ୍କୁ ଦିଆଯାଇଥିବା କହିଛି। ଉକ୍ତ ସତ୍ୟପାଠର ଗୋଟିଏ ପଏଣ୍ଟରେ ଏସବିଆଇ କହିଛି ଯେ ବ୍ୟାଙ୍କ ବର୍ତ୍ତମାନ ସମସ୍ତ ତଥ୍ୟ ସାର୍ବଜନୀନ




କରି ସାରିଛି। ସଂପୂର୍ଣ୍ଣ ଆକାଉଣ୍ଟ ନମ୍ବର ଓ କଣଉ ସୂଚନାକୁ ଛାଡ଼ି ଆଉ କୌଣସି ତଥ୍ୟ ଜାରି କରିବାକୁ ବ୍ୟାଙ୍କ ପାଖରେ ନାହିଁ। ଏହାର ଅର୍ଥ ନିର୍ବାଚନ କମିଶନ ୱେବସାଇଟରେ ଖୁବଶୀଘ୍ର ଏସ୍‌ବିଆଇ ଦେଇଥିବା ତଥ୍ୟ ଅପଲୋଡ ହେବ। ଏହାପରେ ୟୁନିକ ନମ୍ବରକୁ ମେଳ କରି ଜଣେ ନିର୍ବାଚନୀ ବଣ୍ଡ ଜରିଆରେ କେଉଁ ସଂସ୍ଥା କେଉଁ ରାଜନୀତିକ ଦଳକୁ କେତେ ପରିମାଣର ଚାନ୍ଦା ଦେଇଛନ୍ତି, ସେକଥା ଜାଣିପାରିବେ। ବ୍ୟାଙ୍କ ଦେଇଥିବା ତଥ୍ୟ ଖୁବଶୀଘ୍ର ଇସିଙ୍କ ୱେବସାଇଟରେ ଉପଲବ୍ଧ ହେବ ବୋଲି ଜଣାପଡ଼ିଛି। ୧୮ ତାରିଖ ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଏସବିଆଇକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ସୁପ୍ରିମକୋର୍ଟ କହିଥିଲେ ଯେ ମାର୍ଚ୍ଚ ୧୧ର ନିଷ୍ପତ୍ତିରେ ସ୍ପଷ୍ଟ ଭାବେ କୁହାଯାଇଥିଲା ଯେ ବଣ୍ଡର ସମ୍ପୂର୍ଣ୍ଣ ବିବରଣୀ, କ୍ରୟ ତାରିଖ, କ୍ରେତାଙ୍କ ନାମ ଓ ବଣ୍ଡ ନମ୍ବର ଓ ଅର୍ଥ ଗ୍ରହଣ କରିଥିବା ଦଳ ସଂପର୍କରେ ସୂଚନା ସାର୍ବଜନୀନ କରାଯାଉ। କିନ୍ତୁ ଏସ୍‌ବିଆଇ ଏହାକୁ ଉଲ୍ଲଂଘନ କରି ପୂର୍ଣ୍ଣାଙ୍ଗ ସୂଚନା ଦେଇନାହିଁ। ସେମାନଙ୍କୁ ବଣ୍ଡ୍‌ ନମ୍ବର ଦେବାକୁ ହିଁ ହେବ ବୋଲି ପ୍ରଧାନ ବିଚାରପତି ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ସଂଧ୍ୟା ୫ଟା ସୁଦ୍ଧା ଏ ସମ୍ପର୍କରେ ଗୋଟିଏ ସତ୍ୟପାଠ ଦେବାକୁ ମଧ ଏସବିଆଇ ଚେୟାରମ୍ୟାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସହିତ ଯେଉଁ ତଥ୍ୟ ଷ୍ଟେଟ ବ୍ୟାଙ୍କ ଦେଇଛି, ତାକୁ ୱେବସାଇଟରେ ପ୍ରକାଶ କରିବାକୁ ନିର୍ବାଚନ କମିଶନଙ୍କୁ ମଧ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁସାରେ ଆଜି ଏସ୍‌ବିଆଇ ପକ୍ଷରୁ ଇସିଙ୍କୁ ତଥ୍ୟ ଦିଆଯାଇଛି।

## ଭାରତରେ ରହିପାରିବେନି ରୋହିଙ୍ଗ୍ୟା ଶରଣାର୍ଥୀ

ନୂଆଦିଲ୍ଲୀ, ୨୧/୩ : ଭାରତରେ ରହିପାରିବେନି ରୋହିଙ୍ଗ୍ୟା ଶରଣାର୍ଥୀ। ବିଦେଶୀ ନଗରିକମାନେ ଭାରତରେ ଶରଣାର୍ଥୀ ରୂପେ ବସିତି ସ୍ଥାପନ କରିପାରିବେ ନାହିଁ।' ରୋହିଙ୍ଗ୍ୟା ଶରଣାର୍ଥୀମାନଙ୍କୁ ଭାରତରେ ରହିବାକୁ ନେଇ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟରେ ଏକ ଆଫିଡେଭିଟ ଦାଖଲ କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ଭଳି କିଛି ଦର୍ଶାଯାଇଛି। କେନ୍ଦ୍ର ସରକାର କହିଛନ୍ତି, 'ବିଶ୍ୱର ବୃହତ୍ତମ ଜନସଂଖ୍ୟା ଏବଂ ସୀମିତ ସମ୍ବଳ



ଥିବା ଏକ ବିକାଶଶୀଳ ଦେଶ ଭାବରେ ଦେଶ ନିଜ ନାଗରିକଙ୍କୁ ପ୍ରାଥମିକତା ଦେବା ଜରୁରୀ। ବିଧାନ ପରିଷଦ ବାହାରେ ଶରଣାର୍ଥୀଙ୍କ ସ୍ଥିତିକୁ କୌଣସି ସ୍ୱୀକୃତି ମିଳିପାରିବ ନାହିଁ। ନ୍ୟାୟିକ ନିର୍ଦ୍ଦେଶ ମାଧ୍ୟମରେ ମଧ ଶରଣାର୍ଥୀଙ୍କୁ ରହିବାକୁ ଦିଆଯାଇ ପାରିବ ନାହିଁ।' କେନ୍ଦ୍ର ଆହୁରି କହିଛି, ଅଧିକାଂଶ ବିଦେଶୀମାନେ ବେଆଇନ ଭାବେ ଭାରତରେ ପ୍ରବେଶ କରିଛନ୍ତି। ସମ୍ବିଧାନ ମୌଳିକ ଅଧିକାର କେବଳ ଦେଶର ନାଗରିକଙ୍କ ପାଇଁ ଉପଲବ୍ଧ। ତେଣୁ ଆବେଦନକାରୀ ନାଗରିକମାନଙ୍କ ପାଇଁ ଏକ ନୂତନ ନିୟମ ସୃଷ୍ଟି କରିବାକୁ ଦାବି କରିପାରିବେ ନାହିଁ। ଏହି ପ୍ରକାରର ନିଷ୍ପତ୍ତି ବିଧାନସଭାର ସ୍ୱତନ୍ତ୍ର ଅଧିକାର ଅଧୀନରେ ଅଛି। ନ୍ୟାୟିକ ଆଦେଶ ମାଧ୍ୟମରେ ଏହାର ଅନୁମତି ଦିଆଯାଇପାରିବ ନାହିଁ। ବେଆଇନ ପ୍ରବାସୀ ହୋଇଥିବାରୁ ରୋହିଙ୍ଗ୍ୟାମାନେ ସମ୍ବିଧାନର ତୃତୀୟ ଭାଗ ଅନୁଯାୟୀ ସୁରକ୍ଷା ଦାବି କରିପାରିବେ ନାହିଁ। କାରଣ ତୃତୀୟ ଭାଗ କେବଳ ଦେଶର ନାଗରିକଙ୍କୁ ସୁରକ୍ଷା ଦେଇଥାଏ। ବେଆଇନ ପ୍ରବାସୀଙ୍କୁ ନୁହେଁ।

# ଦୁଷ୍କର୍ମ ମାମଲାରେ ଦୋଷୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୨୧/୩ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ବିସିଂପୁର ଥାନା ଅଂଚଳରେ ୨୦୧୮ ମସିହାରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ମାମଲାରେ ବିଚାର କରି ୧୦ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ଓ ୧୯ ଟି ଦସ୍ତାବିଜକୁ ଭିତିକରି ସ୍ୱତନ୍ତ୍ର ପୋକ୍ସ କୋର୍ଟ ଜୟପୁର ନୂଆଗୁଡା ଗ୍ରାମର ଦୋଷୀ ସୁନ୍ଦର ଜାନୀ (୨୩)କୁ ଆଇ. ପି. ସି.ର ଧାରା ୩୭୬(ଆଇ)ରେ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ ଦଣ୍ଡ ଭୋଗିବାକୁ ପଡ଼ିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ମାଧ୍ୟମରେ ଟଙ୍କା ୫ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମକଦ୍ଦମା ଚାଲିଥିବା ବେଳେ ପିଡିତଙ୍କୁ ଟଙ୍କା ୨ ଲକ୍ଷ ୫୦ ହଜାର ଟଙ୍କା ଦିଆଯାଇଥିଲା ବଳକା ଟଙ୍କା ପାଇବେ ପୀଡ଼ିତା। ୨୮/୯/୨୦୧୮ ମସିହାରେ ପିଡିତା ଗାଧୋଇବା ପାଇଁ ପାଖରେ ଥିବା ପୋଖରୀକୁ ଯାଉଥିବା ସମୟରେ ସୁନ୍ଦର ଜାନୀ ଜବରଦସ୍ତ ଟାଣି ନେଇ ପୀଡ଼ିତାର ଇଚ୍ଛା ବିରୁଦ୍ଧରେ ଦୁଷ୍କର୍ମ କରିଥିଲା । ପିଡିତା ଘରକୁ ଫେରି ନିଜ ବାପାଙ୍କୁ ଜଣାଇଥିଲେ। ଏହାପରେ ଗ୍ରାମରେ ଏକ ବୈଠକ କରାଯାଇଥିଲା। ଉକ୍ତ ବୈଠକରେ ସୁନ୍ଦର ଜାନୀ ନିଜର ଦୋଷ ସ୍ୱୀକାର କରି ପିଡିତାଙ୍କୁ ତା ଘରକୁ ନେଇଥିଲା। ଦୀର୍ଘ ୬ ମାସ ରଖିବା ପରେ ପୀଡ଼ିତାଙ୍କୁ ମାରପିଟ୍ କରି ଘରୁ ବାହାର କରି ଦେଇଥିଲା। ପୀଡ଼ିତା ଜଣକ ଜୟପୁର ମହିଳା ଥାନାରେ ଏକ ଏତଲା ଦେଇଥିଲେ। ମହିଳା ଥାନାର ତତ୍କାଳୀନ ଆଇଆଇସି ତିଳୋତମା ନାୟକ ମାମଲାର ତଦନ୍ତ କରି ସୁନ୍ଦର ଜାନୀ ବିରୁଦ୍ଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡଃ ଗାୟତ୍ରୀ ଦେବୀ ମାମଲାର ପରିଚାଳନା କରିଥିଲେ।

# ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନାଲ୍ କମିଶନରଙ୍କ କନ୍ଧମାଳ ଗସ୍ତରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

କନ୍ଧମାଳ, ୨୧/୩ (ନି.ପ୍ର): ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନାଲ୍ କମିଶନର୍, ବ୍ରହ୍ମପୁର ରଞ୍ଜନ କୁମାର ଦାସ ଆଜି କନ୍ଧମାଳ ଜିଲ୍ଲା ଗ୍ରସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ପାଇଁ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା ବୈଠକ କରିଛନ୍ତି । ନିଯୁକ୍ତି କରାଯାଇଥିବା ବିଭିନ୍ନ ନୋଡାଲ ଅଫିସରମାନଙ୍କ ସହିତ ଆଲୋଚନା କରିଥିଲେ । ଆବଶ୍ୟକ ହେବାକୁଥିବା ସମସ୍ତ ପ୍ରକାର ଫର୍ମାଟର ଛପାକାର୍ଯ୍ୟ, ଭିନ୍ନକ୍ଷମ ଭୋଟରମାନଙ୍କୁ ଯୋଗାଇଦେବାକୁ ଥିବା ସର୍ବନିମ୍ନ ସୁବିଧା, ମତଦାନ କେନ୍ଦ୍ର ନିକଟରେ ସେମାନଙ୍କ ବସିବା ପାଇଁ ସ୍ଥାନ ସଂରକ୍ଷଣ ଓ ଆବଶ୍ୟକ ପଡ଼ିଲେ ସ୍ୱେଚ୍ଛାସେବୀ ନିଯୁକ୍ତି, ପୂର୍ବରୁ ବନ୍ଦ ଥିବା ବିଦ୍ୟାଳୟ ମାନଙ୍କରେ ଯଦି ମତଦାନ କେନ୍ଦ୍ର କରାଯାଇଛି, ସେଠାରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି କି ନା ତା'' ଉପରେ ଦୃଷ୍ଟି ଦେବା, ନିର୍ବାଚନ କାର୍ଯ୍ୟରେ ଯୋଗ ନ ଦେବା ଲାଗି ଆସୁଥିବା ଅଭିଯୋଗକୁ ଗୁରୁତ୍ୱ ନଦେବା ବା ଅନୁକମ୍ପା ନ ଦେଖାଇବା, ଏଥିପାଇଁ ଗଠିତ ହୋଇଥିବା ମେଡିକାଲ ବୋର୍ଡ଼ ମିଥ୍ୟା ପ୍ରମାଣ ପତ୍ର ନଦେବା, ନିର୍ବାଚନର ସୁପରିଚାଳନା ପାଇଁ ଭାରତୀୟ ନିର୍ବାଚନ ଆୟୁକ୍ତଙ୍କ ନିକଟରୁ ଆସୁଥିବା ସର୍କୁଲାର୍ ଗୁଡ଼ିକୁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅବଗତି ନିମନ୍ତେ ବ୍ୟବସ୍ଥା କରିବା, ଅଭିଯୋଗ ଗ୍ରହଣ ପାଇଁ ଥିବା କଲ୍ ସେଂଟରର କାର୍ଯ୍ୟକାରୀତା, ଆଇନ ଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ସଂଖ୍ୟକ ପୋଲିସ୍ ନିଯୁକ୍ତି କରିବା , ଜିଲ୍ଲାର ପ୍ରତି ପୋଲିସ୍ ଷ୍ଟେସନରେ ଥିବା ଅପରାଧିଙ୍କ ତାଲିକା ସଂଗ୍ରହ କରିବା, ଲାଇସେନ୍ସ ସହିତ ବେଆଇନ ଅସ୍ତ୍ରଶସ୍ତ୍ର ଜମାକରିବା, ପୋଲିଂ ପାର୍ଟିଙ୍କ ଆରାମ୍ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବା, ପେଡ୍ ନ୍ୟୁଜ୍ ଓ ଫେକ୍ ନ୍ୟୁଜ୍ ଉପରେ ତଦାରଖ ଓ କାର୍ଯ୍ୟାନୁଷ୍ଠାନ ନେବା ଇତ୍ୟାଦି ଉପରେ ବିଭାଗୀୟ ନୋଡାଲ ଅଫିସରମାନଙ୍କ ସହ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ଜେନା ପାୱାର ପଏଂଟ ମାଧ୍ୟମରେ ଆଗାମୀ ସାଧାରଣ ନିର୍ବାଚନ-୨୦୨୪ର ଅବ୍ୟବହିତ ପୂର୍ବରୁ ଯେଉଁସବୁ ବ୍ୟବସ୍ଥା କରାଯାଇଛି, ଏବଂ ଆଗକୁ ଯେଉଁ ସବୁ ବ୍ୟବସ୍ଥା କରାଯିବା ପାଇଁ ପ୍ରସ୍ତୁତି ଚାଲିଛି ତା'' ଉପରେ ଅବଗତ କରାଇଥିଲେ । ଆଲୋଚନାରୁ ଜଣାପଡ଼ିଛି ଯେ, ଜିଲ୍ଲାର ସମୁଦାୟ ଲୋକ ସଂଖ୍ୟା ୮ଲକ୍ଷ ୪ହଜାର୨୮ଜଣ ମଧ୍ୟରୁ ୪ଲକ୍ଷ୨ହଜାର ୭୫୬ ଜଣ ପୁରୁଷ ଓ ମହିଳା ୪ଲକ୍ଷ ୧ହଜାର ୨୭୨ ଜଣଙ୍କ ମଧ୍ୟରୁ ୫ ଲକ୍ଷ ୬୮ ହଜାର ୯୬୧ ଜଣ ଭୋଟର୍ ଚଳିତ ବର୍ଷ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ସେମାନଙ୍କ ମଧ୍ୟରୁ ୨ଲକ୍ଷ ୭୪ହଜାର ୮୩୮ଜଣ ପରୁଷ, ୨ଲକ୍ଷ ୯୪ହଜାର ୫୦ଜଣ ମହିଳା ଏବଂ ୭୩ ଜଣ କିନ୍ନର ମତଦାତା ଅଛନ୍ତି । ଜିଲ୍ଲାରେ ସମୁଦାୟ ଭିନ୍ନକ୍ଷମ ଭୋଟର ସଂଖ୍ୟା ୧୧ହଜାର ୨୪୮ ଜଣ ବୋଲି ଜଣାପଡ଼ିଥିବାବେଳେ, ୧୪ହଜାର ୩୩୦ଜଣ ଯୁବ ଭୋଟର ଅଛନ୍ତି । ୩ହଜାର ୮୫୨ଜଣ ୮୫ ବର୍ଷରୁ ଅଧିକ ବୟସର ଭୋଟର ଅଛନ୍ତି ।୧୩-କନ୍ଧମାଳ ସଂସଦୀୟ କ୍ଷେତ୍ର ସମେତ ୮୨-ବାଲିଗୁଡ଼ା,୮୩-ଘୁ.ଉଦୟଗିରି ଏବଂ ୮୪-ଫୁଲବାଣୀ ବିଧାନସଭା ନିର୍ବାଚନ ପାଇଁ ମତଦାନ କେନ୍ଦ୍ରମାନଙ୍କରେ ସର୍ବନିମ୍ନ ମୌଳିକ ସୁବିଧାକୁ ସୁନିଶ୍ଚିତ କରାଯାଉଛି ।ସେହିପରି, ନୋମିନେସନ୍ କେନ୍ଦ୍ର, ପୋଲିଂ ପର୍ସୋନେଲ ସଂଖ୍ୟା, ସେମାନେ ମତଦାନ ସାମଗ୍ରୀ କେଉଁଠାରୁ ନେବେ ଓ କେଉଁଠାରେ ଜମା କରିବେ, ଭୋଟ ଗଣତି କେନ୍ଦ୍ର, ସି.ଭିଜିଲ୍ ଆପ୍ ଓ ସୋସିଆଲ୍ ମିଡିଆ ରେ କିପରି ଅଭିଯୋଗ ଦାଖଲ କରିପାରିବେ, ଜିଲ୍ଲା ନିର୍ବାଚନ ପରିଚାଳନା ଯୋଜନା, ଜିଲ୍ଲା ସ୍ତରୀୟ ଏମ୍.ସି.ଏମ୍.ସି. ଗଠନ ଓ କାର୍ଯ୍ୟ ସମ୍ପର୍କରେ ପାୱାର ପଏଂଟ ମାଧ୍ୟମରେ ଜେନା ଅବଗତ କରାଇଥିଲେ । ଉକ୍ତ ସମୀକ୍ଷା ବୈଠକରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ରତ୍ନାକର ସାହୁ, ବାଲିଗୁଡ଼ା ଉପ-ଜିଲ୍ଲାପାଳ ଡା.ରୀନା ପ୍ରଧାନ, କନ୍ଧମାଳ ଉପ-ଜିଲ୍ଲାପାଳ ଚିରଞ୍ଜନ ମହନ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, କନ୍ଧମାଳ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଶ୍ରୀ ପ୍ରବୀଣ କୁମାର ବାଣୁଆଙ୍କ ସମେତ ଡେପୁଟି କଲେକ୍ଟର, ନିର୍ବାଚନ ଡି.ମାଳେଶ୍ୱର ପାତ୍ର,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲ୍ଦାର, ନିର୍ବାଚନ ସହିତ ସଂଶ୍ଳିଷ୍ଟ ସମସ୍ତ ନୋଡାଲ୍ ଅଫିସର ଓ ସହକାରୀ ନୋଟାଲ ଅଫିସରମାନେ ଉପସ୍ଥିତ ଥିଲେ ।

# ରଙ୍ଗଶାଳାର ଜାତୀୟସ୍ତରୀୟ ନାଟକ ମହୋତ୍ସବ

ପୁରୀ, ୨୧/୩ (ନି.ପ୍ର): ମାର୍ଚ୍ଚ ୨୧ ତାରିଖ ଠାରୁ ବଡ଼ଦାଣ୍ଡ ସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗ ମଂଚରେ ଆରମ୍ଭ ହେବ ଜାତୀୟ ସ୍ତରୀୟ ନାଟକ ମହୋତ୍ସବ । ଏହି ମହୋତ୍ସବକୁ ପୁରୀର ନାଟକ ଅନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ଆୟୋଜିତ ହେଉଛି । ୨୧ ତାରିଖରେ ରଙ୍ଗଶାଳା ପକ୍ଷରୁ ଶବବାହକମାନେ ନାଟକ ପରିବେଷଣ କରାଯିବ । ୨୨ ତାରିଖରେ ଭୁବନେଶ୍ୱର ଅନୁଷ୍ଠାନ ପକ୍ଷରୁ ଏମିତି କୁହାଯାଏ ନାଟକ ପରିବେଷଣ ହେବ । ୨୩ ତାରିଖରେ ଶ୍ରୀ ନାଟ୍ୟମ୍ ଓ ଶ୍ରୀ ସଦାଶିବମ୍ ରଙ୍ଗଦଳମ୍ ଅନୁଷ୍ଠାନ ପକ୍ଷରୁ ସଂସ୍କୃତ ନାଟକ କୃଷ୍ଣକୁତୂହମଲ ମଞ୍ଚସ୍ଥ ହେବ । ସେହିପରି ୨୪ ତାରିଖରେ ଭୁବନେଶ୍ୱର ଭିକ୍ସଜର ଥିଏଟର ପକ୍ଷରୁ କାନ୍ଦେ ମାଷ୍ଟ୍ରେ ମଞ୍ଚସ୍ଥ ହେବ । ଚଳଚ୍ଚିତ୍ର ହାସ୍ୟ ଅଭିନେତା ହରିହର ମହାପାତ୍ରଙ୍କୁ ନାଟ୍ୟ ସଞ୍ଜୀବନୀ ବ୍ୟୋମକେଶ ସମ୍ମାନରେ ସମ୍ମାନିତ କରାଯିବ । ବିଜୟ କୁମାର ଆପଟ,ଅଜୟ ରଥ, ଦିଲ୍ଲିପ ଚୌଧୁରୀ ଓ ବିଦ୍ୟାଧର ମହାରଣାଙ୍କୁ ରଙ୍ଗଶାଳା ସମ୍ମାନରେ ସମ୍ମାନିତ କରାଯିବ । ଦୀର୍ଘ ୧୪ ବର୍ଷ ଧରି ରଙ୍ଗାଶାଳା ଅନୁଷ୍ଠାନ ପକ୍ଷରୁ ଏହି ଜାତୀୟ ସ୍ତରୀୟ ନାଟକ ମହୋତ୍ସବ ଆୟୋଜନ କରାଯାଉଛି ବୋଲି ଅନୁଷ୍ଠାନର ନିର୍ଦ୍ଦେଶକକ ବିକ୍ରମ କୁମାର ସାହୁ (ଭିକି) ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ଫୁଲବାଣୀ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ବୃଦ୍ଧି

କନ୍ଧମାଳ, ୨୧/୩ (ନି.ପ୍ର): ଫୁଲବାଣୀ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ବୃଦ୍ଧି ହୋଇଛି। ୟୁଜିସି ପତ୍ର ସଂଖ୍ୟା ଏଫ୍୨-୧୦/୨୦୨୩ ତା ୨୦/୦୨/୨୦୨୪ ଏବଂ ବ୍ରହ୍ମପୁର ବିଶ୍ୱାବିଦ୍ୟାଳୟ ପତ୍ର ସଂଖ୍ୟା ୧୮୩୦ ସିଡିସି/ବ୍ୟୁ /୨୪ ତା ୧୮/୦୩/୨୦୨୪ ମାଧ୍ୟମରେ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ଶିକ୍ଷାବର୍ଷ ୨୦୨୩/୨୪ ଠାରୁ ୨୦୨୭/୨୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପ୍ରକାଶଯୋଗ୍ୟ ଯେ କିଛି ମାସ ପୂର୍ବରୁ ନାକ୍ ଟିମ ଦ୍ୱାରା ମହାବିଦ୍ୟାଳୟକୁ ବି ଗ୍ରେଡ ମାନ୍ୟତା ମିଳିଥିଲା। ନାକ୍ ଓ ୟୁଜିସି ଦ୍ୱାରା ଉଭୟ ମାନ୍ୟତା ପାଇବା ପରେ କନ୍ଧମାଳ ଜ୍ଲିଲ୍ଲାର ସର୍ବ ପୁରାତନ ମହାବିଦ୍ୟାଳୟ ପ୍ରତି ଲୋକ ମାନଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତନ ସହିତ ଖୁସିର ଲହରୀ ଖେଳିଯାଇଛି। ଅନ୍ୟ ଏକ ଘଟଣା କ୍ରମେ ବହୁ ପୂର୍ବରୁ ୟୁଜିସି ଠାରେ ପଡି ରହିଥିବା ସମସ୍ତ ସମସ୍ୟାର ମଧ ସମାଧାନ ହୋଇଛି। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଆଜି ଏ ସଫଳତା ମିଳିପାରିଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ସମସ୍ତ କର୍ମଚାରୀ ତଥା ଜନସାଧାରଣଙ୍କୁ ସାଧୁବାଦ ଦେବା ସହିତ ଭବିଷ୍ୟତରେ ସମସ୍ତଙ୍କ ଠାରୁ ଏ ମହାବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗ କାମନା କରିଛନ୍ତି।

# ପୁରୀ ଜିଲ୍ଲାର ୧୪,୦୫,୬୫୪ ଭୋଟରଙ୍କ ପାଇଁ ୧୫୯୮ ବୁଥ

ପୁରୀ, ୨୧/୩ (ନି.ପ୍ର): ପୁରୀ ଜିଲ୍ଲା ପାଇଁ ଆଗାମୀ ସାଧାରଣ ନିର୍ବାଚନର ତାରିଖ ଭାରତର ନିର୍ବାଚନ କମିଶନର ଘୋଷଣା କରିଛନ୍ତି। ୧୭-ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା ୧୦୭- ପୁରୀ, ୧୦୮- ବ୍ରହ୍ମଗିରି ,୧୦୯-ସତ୍ୟବାଦୀ ଓ ୧୧୦-ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଇ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ୧୬- ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା ୧୦୫- କାକଟପୁର ଓ ୧୦୬-ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜୁନ ୧ ତାରିଖରେ ମତଦାନ ଅନୁଷ୍ଠିତ ହେବ। ମୋଟ ୧୫୯୮ ଟି ବୁଥ ସହ ୧୫୦୦ ରୁ ଅଧିକ ଭୋଟର ଥିବା ୬ ଟି ସହାୟକ ବୁଥରେ ୧୪,୦୫,୬୫୪ ଜଣ ଭୋଟର ମତଦାନ କରିବେ। କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୮୦ ବୁଥରେ ୨୪୦୬୩୧ ଜଣ ଭୋଟର ମତଦାନ କରିବେ। ସେହିପରି ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୮୦ ମୁଖ୍ୟ ଓ ୧ ସହାୟକ ବୁଥ ମାଧ୍ୟମରେ ୨୪୪୫୦୩, ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୩୯ ମୁଖ୍ୟ ଓ ୪ ସହାୟକ ବୁଥ ମାଧ୍ୟମରେ ୨୩୫୩୧୫, ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୭୧ ମୁଖ୍ୟ ଓ ୧ ସହାୟକ ବୁଥ ମାଧ୍ୟମରେ ୨୨୬୪୭୬, ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୫୪ ବୁଥରେ ୨୧୨୦୪୩ ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୭୪ ବୁଥ ମାଧ୍ୟମରେ ୨୩୪୬୨୩ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ପୁରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଯେହେତୁ ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟା ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୈନିକ ଭିତ୍ତିରେ ଜାରି ରହିଛି ତେଣୁ ଦୈନିକ ଭୋଟର ତାଲିକା ଓ ୧୫୦୦ ରୁ ଅଧିକ ହେଉଥିବା ବୁଥର ସଂଖ୍ୟାରେ ମଧ ପରିବର୍ତ୍ତନ ଘଟୁଛି ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ଅବଗତ କରାଇଛନ୍ତି।

# ନୃସିଂହ ମହାନ୍ତିଙ୍କୁ କୋ-ଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେଲେ ସରକାର

ମାଲକାନଗିରି, ୨୧/୩ (ନି.ପ୍ର): ରାଜ୍ୟ ସରକାରଙ୍କ କୋ-ଅପରେସନ ବିଭାଗ ପକ୍ଷରୁ ରାଜ୍ୟର ପ୍ରତ୍ୟେକ କୋ-ଅପରେଟିଭ ବ୍ୟାଙ୍କଗୁଡିକରେ ଦୁଇ ଜଣ ଲେଖାଏଁ ନିର୍ଦ୍ଦେଶକ ନିଯୁକ୍ତି କରାଯାଇଛି। ଏହି ପରିପ୍ରେକ୍ଷୀରେ କୋରାପୁଟ କୋ-ଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ରୂପେ ମାଲକାନଗିରି ଜିଲ୍ଲାର ବରିଷ୍ଠ ଓକିଲ ତଥା ପୂର୍ବତନ ବାର ଆସୋସିଏସନର ସଭାପତି ନୃସିଂହ ଚରଣ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି ।ଏହି କୋ-ଅପରେଟିଭି ଅଧିନରେ ଅନ୍ୟ ଜଣେ ନବରଂଗପୁର ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକର ଡଙ୍ଗର ଭେଜା ଗ୍ରାମର ସଦାଶିବ ସାହୁଙ୍କୁ ମନୋନୀତ କରାଯାଇଛି ।ପ୍ରତ୍ୟେକ କୋଅପରେଟିଭି ବ୍ୟାଙ୍କର କମିଟିମାନଙ୍କରେ ଦୁଇ ଜଣ ଲେଖାଏଁ ନିର୍ଦ୍ଦେଶକ ରହିବେ ବୋଲି ରାଜ୍ୟ କୋ-ଅପରେସନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ।ନୃସିଂହ ଚ ରଣ ମହାନ୍ତି କୋରାପୁଟ କୋ-ଅପରେଟିଭ ବ୍ୟାଙ୍କର ନର୍ଦେଶକ ପଦବୀ ପାଇଁ ମଧ ନାମାଙ୍କନ ପତ୍ର ଦାଖଲ କରିଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ମୁଖଗହ୍ୱର ଦିବସ ପାଳନ

କେନ୍ଦ୍ରାପଡ଼ା, ୨୧/୩ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ(ପୁରୁଣା) ସମ୍ମିଳନୀ କକ୍ଷରେ ବିଶ୍ୱ ମୁଖଗହ୍ୱର ଦିବସ ପାଳନ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡାକ୍ତର ଅନିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡାକ୍ତର ନୃପେନ ଶତପଥୀ, ଏଡିଇଓ ସୁରମା ମହାପାତ୍ର, ଡାକ୍ତର ସୌମ୍ୟ ରଞ୍ଜନ ଦାସ, ପ୍ରଶାସନିକ ଅଧିକାରୀ ଅଞ୍ଜଳୀ ତରାଇ, ଡାକ୍ତର ଦିବ୍ୟଜ୍ୟୋତି ସ୍ୱାଇଁଙ୍କ ସମେତ ମିନତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସଭାରେ ଉପସ୍ଥିତ ଥିବା ଏଏନଏମ ର ଛାତ୍ରୀ, ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀ ମାନେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ ଅଂଶଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇ ଥିଲା ।

# ସିବିସି କେନ୍ଦୁଝର ପକ୍ଷରୁ ଭୋଟର ସଚେତନତା କର୍ମଶାଳା

ଭୁବନେଶ୍ୱର, ୨୧/୩ (ନି.ପ୍ର): ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବୁରୋ, କ୍ଷେତ୍ର କାର୍ଯ୍ୟାଳୟ କେନ୍ଦୁଝର ପକ୍ଷରୁ କେନ୍ଦୁଝର ଜିଲ୍ଲା ପିପିଳିଆ ସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଠାରେ ଦୁଇଦିନିଆ ଭୋଟର ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । 'ମୋର ପ୍ରଥମ ଭୋଟ ଦେଶ ପାଇଁ' ଶୀର୍ଷକ ଏହି କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ଶ୍ରୀ ଦୈତାରୀ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଜୁନିଅର କଲେଜ ଅଧକ୍ଷ ଶ୍ରୀ ନିରାକାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଅଧାପକ ଶ୍ରୀ ବିଷ୍ଣୁ ଚରଣ ସାମଲ, ତପନ କୁମାର ମହନ୍ତ, ମନୋରଞ୍ଜନ ପଲାଇ, ତ୍ରିଲୋଚନ ପଣ୍ଡା ପ୍ରମୁଖ ଅତିଥି ବକ୍ତା ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଭୋଟ ଦାନ ଅଧିକାର ଉପରେ ନିଜ ନିଜର ମତ ରଖିଥିଲେ । ବିଶେଷ କରି ପ୍ରଥମ ଥର ପାଇଁ ମତଦାନ କରିବାକୁ ଯୋଗ୍ୟ ବିବେଚିତ ହୋଇଥିବା ଯୁବ ଭୋଟରଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇ ମତଦାନ କରିବା ଲାଗି ବକ୍ତା ମାନେ ମନ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ଅବସରରେ ଏକ ଭୋଟ ଦାନ ଅଧିକାର ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । କଲେଜର ବହୁ ସଂଖକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କେନ୍ଦୁଝର ସିବିସିର କ୍ଷେତ୍ର ପ୍ରଚାର ଅଧିକାରୀ ପାର୍ଥସାରଥୀ ମଲ୍ଲିକଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶ୍ରୀ ପ୍ରଦୀପ କୁମାର ନାୟକ ସହଯୋଗ କରିଥିଲେ ।

# ହୃଦଘାତରେ ଆଡଭୋକେଟ୍ ଶାରଦା ପ୍ରସାଦ ଦାସଙ୍କ ଦେହାନ୍ତ

କେନ୍ଦ୍ରାପଡ଼ା, ୨୧/୩ (ନି.ପ୍ର): ଆଡଭୋକେଟ୍ ଶାରଦା ପ୍ରସାଦ ଦାସ(୬୪)ଙ୍କର ଗତକାଲି ରାତିରେ ହୃଦଘାତରେ ବିୟୋଗ ହୋଇଯାଇଛି। ନିଜେ ଜଣେ କଳା ସଂସ୍କୃତି ସମ୍ପନନୃତ୍ୟ ସଂଗୀତ ଅଭିନୟ ଦକ୍ଷତା ରଖୁଥିବା ବ୍ୟକ୍ତି ଥିଲେ। ସେ ସରସ୍ୱତୀ ଶିଶୁ ମନ୍ଦିରର ଆଠବର୍ଷ କାଳ ସାନ୍ତସାହି ପରିଚାଳନା ସମିତିର ସଭାପତି ଓ ତୁଳସୀ କଲଚରାଲ୍ ଆସୋସିଏସନ୍ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଥିଲେ। କୌଣସିରେ ବିଚଳିତ ନ ହୋଇ କାମ କରିବା ତାଙ୍କର ସଦ୍‌ଗୁଣ । ୨୦୧୨ ମସିହାରେ ଏକ ଦୁର୍ଘଟନା ପରେ ଅକର୍ମଣ୍ୟ ହୋଇ ମଧ ଆଗ୍ରହରେ ତୁଳସୀ କଲଚରାଲ୍ ଆସୋସିଏସନ୍ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଥିଲେ। ବହୁ ସମୟ ଫୋନ୍‌କରି ନାଟ୍ୟସଂସ୍ଥାକୁ ଜାରିରଖିବାକୁ ପରାମର୍ଶ ଦେଉଥିଲେ। କେନ୍ଦ୍ରାପଡ଼ା ସହରର ପ୍ରତିଷ୍ଠିତ ଗୋଲୋକ ବାବୁଙ୍କ ସାନ ପୁଅ। ଗତ ରାତିରେ ଅସୁସ୍ଥ ହୋଇ ଚିକିତ୍ସା ପାଇଁ କଟକ ଯିବାବେଳେ ସାଲେପୁର ପାଖରେ ତାଙ୍କ ଆମ୍ବୁଲାନ୍ସ ମଧ ଅଚଳ ହୋଇଯାଇଥିଲା। ଅନ୍ୟ ଏକ ଅମ୍ବୁଲାନ୍ସରେ ଚିକିତ୍ସାଳୟକୁ ନେବା ବାଟରେ ତାଙ୍କର ଦେହାନ୍ତ ହୋଇଯାଇଥିଲା । ସହରର ଗଣାମାହାଲ ସ୍ଥିତ ତାଙ୍କ ବାସଭବନରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ସମାଜସେବୀ ରଞ୍ଜିତ ସାହୁ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ସରୋଜ ସାହୁ, ଭୁବନ ମୋହନ ଜେନା, ପ୍ରକାଶ ରଞ୍ଜନ ଦାସ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ କେନ୍ଦ୍ରାପଡା ସହର ପରିକ୍ରମା କରି ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟକୁ ନିଆଯାଇଥିଲା । ସେଠାରେ ତାଙ୍କ ମର ଶରୀରରେ ଓକିଲ ସଂଘ ସଭାପତି ବିଚିତ୍ରାନନ୍ଦ ମହାନ୍ତି, ପୂର୍ବତନ ସଭାପତି ଭିମସେନ ଭୂୟାଁ, କେନ୍ଦ୍ରାପଡାର ପୂର୍ବତନ ପୌରପାଳିକା ଧିରେନ ସାହୁ, ଆଇନଜୀବୀ ପ୍ରଦୀପ୍ତ ମହାନ୍ତିଙ୍କ ସମେତ ବାର ଆସୋସିଏସନର ବହୁ ବିଶିଷ୍ଟ ଆଇନଜୀବୀମାନେ ପୁଷ୍ପମାଲ୍ୟ ଦେଇଥିଲେ । ଏହାପରେ ବାୟାବାବା ମଠ ନିକଟରେ ମଧ ବହୁ ଲୋକ ଶ୍ରଦ୍ଧାଞ୍ଜଳୀ ଦେବା ପରେ କଜଳା ଶ୍ମଶାନରେ ଶେଷ କୃତ୍ୟ କାର୍ଯ୍ୟ ସମ୍ପର୍ଣ୍ଣ କରାଯାଇଥିଲା । ଏକମାତ୍ର ପୁତ୍ର ଆମ୍ନନ ଦାସ ମୁଖାଗ୍ନୀ ଦେଇଥିଲେ।

# ପାଲାମୁରେ ବ୍ରିଜ ତଳେ ମିଳିଥିବା ପଥର ଖଣି ବିସ୍ଫୋରକ: ସୁପରଭାଇଜର ଗିରଫ

ପଲାମୁ, ୨୧/୩ (ନି.ପ୍ର): ମଙ୍ଗଳବାର ରାତିରେ ଜିଲ୍ଲାର ସତବାରୱା ପୋଲିସ ଷ୍ଟେସନ ଅଂଚଳର ମୁରମା ସ୍ଥିତ ମଳୟ ଡ୍ୟାମ ରୋଡ ନିକଟ ବ୍ରିଜ ତଳେ ଏହି ବିସ୍ଫୋରକ ଉଦ୍ଧାର କରାଯାଇଛି। ଏହି ସଂପର୍କରେ ଖଣି କମ୍ପାନୀ ଏଜିଆର ମିନେରାଲ୍ସ ଷ୍ଟୋନ ମାଇନ୍ସର ସୁପରଭାଇଜର, ପାଂଙ୍କି ପୋଲିସ ଷ୍ଟେସନ ଅଂଚଳର କୁସଡି ଗାଁର ବୀରେନ୍ଦ୍ର କୁମାର ସିଂହଙ୍କୁ ଗିରଫ କରାଯାଇ ବୁଧବାର ଜେଲ ପଠାଯାଇଛି। କମ୍ପାନୀ ବିରୋଧରେ ମଧ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଷ୍ଟେସନ ଦାୟିତ୍ୱରେ ଥିବା ଅଂଚିତ କୁମାର ବୁଧବାର କହିଛନ୍ତି ଯେ ଖଣି ଅପରେଟର ସତବରବା ପୋଲିସ ଷ୍ଟେସନର ମୁରମା ଗ୍ରାମରେ ବିନା ଅନୁମତିରେ ବିସ୍ଫୋରକ ସାମଗ୍ରୀ ରଖିଥିଲେ।

## ଫତେଗଡ ପାହାଡ ଉପର ରାମମନ୍ଦିରରୁ ଚୋରି

ଭୁବନେଶ୍ୱର/ନୟାଗଡ, ୨୧/୩ (ନି.ପ୍ର): ନୟାଗଡ ଜିଲ୍ଲା ଭାପୁର ବ୍ଲକ ଫତେଗଡ ପାହାଡ଼ ଉପରେ ନବନିର୍ମିତ ରାମ ମନ୍ଦିରରୁ ଚୋରି । ଗତକାଲି ବିଳମ୍ବିତ ରାତିରେ ଦାନ ବାକ୍ସରୁ ଦୁର୍ବୃତ୍ତ ମାନେ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଚୋରି କରିଛନ୍ତି । ଘଟଣା ସ୍ଥଳରେ ଫତେଗଡ ଥାନା ପୋଲିସ ପହଂଚି ତଦନ୍ତ ଜାରି ରଖିଛି।

# ୨୦୨୪ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସ ସେବାଦଳ ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର , ୨୧/୩ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନ କାର୍ଯ୍ୟକୁ ଜିଲ୍ଲା ସ୍ତରରେ ସୁପରିଚାଳନା କରିବା ପାଇଁ, ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ବରିଷ୍ଠ କାର୍ଯ୍ୟକର୍ତାମାନଙ୍କୁ ବିଭିନ୍ନ ଜିଲ୍ଲାର ଦାୟୀତ୍ୱ ଦିଆଯାଇଛି ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ରାଜ୍ୟ ସେବାଦଳ ଅଧ୍ୟକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଜଣାଇଛନ୍ତି । ଜଗତସିଂହପୁର ଓ କେନ୍ଦ୍ରାପଡ଼ା ପାଇଁ ଆଡଭୋକେଟ ଅଶୋକ କୁମାର ସିଂହ ଓ ଅଶୋକ ନାଥ, ନୟାଗଡ଼- ଆଡଭୋକେଟ ମନୋଜ କୁମାର ସାହୁ, ଖୋର୍ଦ୍ଧା- ଆଡଭୋକେଟ ରମେଶ ଚନ୍ଦ୍ର ବରାଳ ଓ ମହମ୍ମଦ ସାହାଦୁଲ୍ଲା, ନୂଆପଡ଼ା ଓ ବରଗଡ଼- ଦିଲ୍ଲିପ କୁମାର ପଣ୍ଡା, କଟକ ସହର- ତୃପ୍ତି ଦାସ ଓ ଉଷାରାଣୀ ବେହେରା, ଗଞ୍ଜାମ-୨- ଶ୍ରୀମତୀ ସ୍ୱରୂପା ତ୍ରିପାଠୀ, ଗଞ୍ଜାମ-୧ ଓ ଗଜପତି ଆଡଭୋକେଟ ସମ୍ଭୁନାଥ ପାଣିଗ୍ରାହୀ, ଭୁବନେଶ୍ୱର- ଜ୍ୟୋତିଷ କୁମାର ସାହୁ, କୁଳମଣି ସାହୁ, କଟକ- ବରୁଣ ରାଜ, ପ୍ରତାପ ମଲ୍ଲିକ, ସୁନ୍ଦରଗଡ଼- ମୁନୁ ସରାଫ, ଭୀଷ୍ମଦେବ ସିଂହ ଓ ସମ୍ଭୁ ସିଂହ, ଝାରସୁଗୁଡ଼ା- ବିପିନ ନାୟକ, ସମ୍ବଲପୁର ବିନୋଦିନୀ ଦୀପ, ଯାଜପୁର ଖଗେଶ୍ୱର ମଲ୍ଲିକ, ରାଉରକେଲା- ରଞ୍ଜିତା ମଲ୍ଲିକ, ବିନୋଦ କୁମାର ରାଉତ, କେଉଁଝର- ବିରଭଦ୍ର ମହନ୍ତ, ଅନୁଗୁଳ- ସୌମ୍ୟ ସଂଜୀବ ମିଶ୍ର, ଢେଙ୍କାନାଳ- ସଂଜୀବ ନାୟକ, ପୁରୀ- ଅବିନାଶ ମିଶ୍ର, ରମେଶ ମଲ୍ଲିକ, ରାୟଗଡ଼ା-ଅନୀଲ ଜୈନ, କୋରାପୁଟ- ବାଲାଜୀ ମାଦଳା, ନବରଙ୍ଗପୁର- ଉର୍ମିଳା ସାହୁ, ସେକ ଚାନ୍ଦ ଉସମାନୀ, କନ୍ଧମାଳ- ଶ୍ୟାମଘନ ପ୍ରଧାନ, ବଲାଙ୍ଗିର ଅସିତ ମିଶ୍ର, ସୋନପୁର- ସନ୍ତୋଷ ପ୍ରଧାନ, ବୌଦ-କନିସ୍କ ରାଜହଂସ । ରାଜ୍ୟ ମୁଖପାତ୍ର ଭାବେ ଆଡଭୋକେଟ ଦୁଃଖିଶ୍ୟାମ ଦାସ, ଇଂ ମାନସ ନାୟକ, ସାମାଜିକ ଗଣମାଧ୍ୟମ ଦାୟୀତ୍ୱରରେ ବରୁଣ ରାଜ ଓ ଶ୍ରୀକାନ୍ତ ଡାଣ୍ଡିଆ କାର୍ଯ୍ୟ କରିବେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ମୁଖଗହ୍ୱର ଦିବସ ୨୦୨୪ ପାଳିତ

ମାଲକାନଗିରି, ୨୧/୩ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ଘଡେଇ ଆବାସିକ ବିଜ୍ଞାନ ମହାବିଦ୍ୟାଳୟରେ ବିଶ୍ୱ ମୁଖଗହ୍ୱର ଦିବସ ୨୦୨୪ ପାଳିତ ହୋଇଛି। ଏହି ସଭାରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ପ୍ରଫୁଲ୍ଲ କୁମାର ନନ୍ଦ ଛାତ୍ରଛାତ୍ରୀଙ୍କୁ ଉଦବୋଧନ କରି ଏହି ଦିନର ତାତ୍ପର୍ଯ୍ୟ ବିଷୟରେ ବୁଝାଇଥିଲେ। ଏହି ସଭାକୁ ଦନ୍ତ ଚିକିତ୍ସକ ଡକ୍ଟର ଲୋଲୁପ ଶତପଥୀ ସଭାପତିତ୍ୱ କରିଥିବା ବେଳେ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ ଯୋଗଦେଇ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ଦିନ ଦୁଇଥର ଦାନ୍ତ ଘଷନ୍ତୁ ଓ ପ୍ରତିଥର ପାଞ୍ଚ ମିନିଟ ପର୍ଯ୍ୟନ୍ତ ଘଷନ୍ତୁ ବୋଲି ଉଦବୋଧନ ଦେଇଥିଲେ। ମୁଖ୍ୟ ବକ୍ତା ରୂପେ ଜିଲ୍ଲା ରେଡ଼କ୍ରସ ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରି ଖାଦ୍ୟ ଖାଇବା ପରେ ଭଲଭାବେ ଚାରି ରୁ ପାଞ୍ଚ ଥର କୁଳି କରନ୍ତୁ ଏବଂ ତମାଖୁ ବର୍ଜନ ପାଇଁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷର ସ୍ଲୋଗାନ ଥିଲା-ଗୋଟିଏ ହସ ମୁଖ, ଗୋଟିଏ ଖୁସି ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ। ଏହି ଅବସରରେ ଏକ ତର୍କ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ ବିଜେତା ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା !ଏଥିରେ ପ୍ରଥମ ସ୍ଥାନ:- ଶୁଭସ୍ମିତା ମହାନ୍ତି, ଦ୍ୱିତୀୟ ସ୍ଥାନ:-ଶୁଭସ୍ମିତା ପ୍ରଧାନ, ତୃତୀୟ ସ୍ଥାନ:-ଦିଲ୍ଲୀପ କୁମାର ହାସଲ କରିଥିଲେ। ଅଧାପିକା ରତୁଶ୍ରୀ ଭତ୍ରା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିବ ଶଙ୍କର ପାଣିଗ୍ରାହୀ ସହକାରୀ ପରିଚାଳକ ଜିଲ୍ଲା ଭୁତାଣୁ ଜନିତ ରୋଗ ବିଭାଗ ମଞ୍ଚ ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ଜାତୀୟ ରାଜପଥରେ ଦୁର୍ଘଟଣା, ତିନି ଜଣ ଆହତଙ୍କ ମଧ୍ୟରୁ ଜଣେ ଗୁରୁତର

ଜଲପାଇଗୁଡୀ, ୨୧/୩ (ନି.ପ୍ର): ବୁଧବାର ଦିନ ସିଲିଗୁଡି-ଜଲପାଇଗୁଡି ଜାତୀୟ ରାଜପଥରେ ଫୁଲବାଡୀ ନିକଟରେ ଥିବା ଜିଆଗଞ୍ଜ ଅଂଚଳରେ ଏକ ସଡ଼କ ଦୁର୍ଘଟଣାରେ ତିନିଜଣ ଯୁବକ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ତିନିଜଣ ଯୁବକ ଅପରାହ୍ନରେ ଜାତୀୟ ରାଜପଥରେ ବାଇକ୍ ଯୋଗେ ଯାଉଥିଲେ। ତା'ପରେ ଜଲପାଇଗୁଡୀ ଦିଗରୁ ଆସୁଥିବା ଏକ ସାମଗ୍ରୀ ବୋଝେଇ ଗାଡି ସହିତ ବାଇକ୍ ଧକ୍କା ହୋଇଥିଲା। ଏହି ଘଟଣାରେ ବାଇକ୍ ଚଳାଉଥିବା ତିନିଜଣ ଯୁବକ ରାସ୍ତାରେ ପଡିଯାଇଥିଲେ, ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା । ପରେ ତିନିଜଣ ଯୁବକଙ୍କୁ ଉଦ୍ଧାର କରାଯାଇ ଫୁଲବାଡୀରେ ଅବସ୍ଥିତ ଏକ ନର୍ସିଂହୋମରେ ଭର୍ତି କରାଯାଇଥିଲା।

# ଡାଉନ ସିଣ୍ଡ୍ରୋମ ଓ ଦିବ୍ୟାଙ୍ଗତା



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଆପଣଙ୍କ ଶିଶୁଟିର ଶାରୀରିକ ଅବସ୍ଥାରେ ଅସ୍ୱାଭାବିକତା ରହି କିଛି ସ୍ୱତନ୍ତ୍ର ଲକ୍ଷଣ ଭାବେ ତାର ମୁହଁ ଆଉ ନାକ ଚେପଟା କି ? ପିଲାଟିର ଛୋଟ କାନ ଆଉ ବେକ ରହିବା ସହ ତାର ଚକ୍ଷୁ ଓ ଭ୍ରୁଲତା ତୀର୍ଯ୍ୟକ ରହିଛି କି ? ଜିଭଟି ଟିକେ ଲମ୍ବା ଆଉ ଏହା ଟିକେ ବାହାରକୁ ବାହାରି ଆସିଛି କି ? ଏବଂ ପିଲାଟିର ମୁଖ ଗହ୍ୱର ଉଚ୍ଚ ରହିଛି କି ? ଏହାସହ ତାର ହାତ ଓ ପାଦ ଆଙ୍ଗୁଠିରେ ସମାନତା ରହିଛିକି ? ତାହାହେଲେ ଏହି ପିଲାଟି ଡାଉନ ସିଣ୍ଡ୍ରୋମ ସମସ୍ୟାକୁ ସାମ୍ନା କରୁଛି ଯାହାକି ଦିବ୍ୟାଙ୍ଗତା ଶ୍ରେଣୀଭୁକ୍ତ ଗୋଟିଏ ଜନ୍ମଗତ ତ୍ରୁଟି । ୧୮୬୬ ମସିହାରେ ଖ୍ୟାତନାମା ବ୍ରିଟିଶ ଭେଷଜ ସୁନାମଧନ୍ୟ ବିଶେଷଜ୍ଞ ଜନ ଲାଙ୍ଗଡନ ଡାଉନ ମଙ୍ଗୁଲିଜିମ ଭଳି ଏକ ଅସ୍ୱାଭାବିକ ଶାରୀରିକ ଆକୃତିକୁ ଚିକିତ୍ସା ବିଜ୍ଞାନରେ ଆବିଷ୍କାର କରିଥିଲେ ଯାହାର ପରବର୍ତ୍ତୀ ନାମକରଣ ହୋଇଛି ଡାଉନ ସିଣ୍ଡ୍ରୋମ ସମସ୍ୟା । ଏହି ସମସ୍ୟାଟିକୁ ଜାଣିବା ଓ ସଚେତନତା କରାଇବା ନେଇ ପ୍ରତିବର୍ଷ ମାର୍ଚ୍ଚ ଏକୋଇଶ ତାରିଖରେ ମିଳିତ ଜାତିସଂଘ ପକ୍ଷରୁ ୨୦୧୨ ମସିହାରୁ ପାଳିତ ହୋଇ ଆସୁଛି ବିଶ୍ୱ ଡାଉନ ସିଣ୍ଡ୍ରୋମ ଦିବସ ।

ଅନେକ ହୁଏତ ଜାଣିନଥିବେ ପୃଥିବୀରେ ପ୍ରତି ହଜାରେ ଜଣ ଶିଶୁଙ୍କ ଭିତରେ ଜଣେ ଏହି ସିଣ୍ଡ୍ରୋମର ଶିକାର । ଏ କ୍ଷେତ୍ରରେ ବିକାଶଶୀଳ ଭାରତ ମଧ୍ୟ ପଛରେ ପଡ଼ିନାହିଁ । ବାସ୍ତବ କଥା ହେଉଛି ଏହା ଏକ ଜନ୍ମଗତ ଗୁଣସୂତ୍ର ଜନିତ ସମସ୍ୟାରୁ ସୃଷ୍ଟି ହୋଇଥିବାରୁ ଏହାର କାରଣ ଜାଣି ସଚେତନ ହେବା ଅତ୍ୟନ୍ତ ଜରୁରୀ । ଆମ ଶରୀର ୨୩ଯୋଡ଼ା ଗୁଣସୂତ୍ର ବା କ୍ରୋମୋଜମ ସମ୍ମିଶ୍ରଣରେ ଗଠନ ହୋଇଛି । ପିଲାଟି ଭ୍ରୁଣ ଅବସ୍ଥାରେ ଥିବା ସମୟରେ ଏହାର ତିଆରି ବେଳେ ଟ୍ରିଜୋମି-୨୧ ନାମକ ଏକ ୨୧ ନମ୍ବର ଗୁଣସୂତ୍ରର ଅସଜଡ଼ା ତଥା ଏକାଧିକ ସଂଯୋଜନା ଯୋଗୁଁ ଏହି ସମସ୍ୟା ଦେଖାଦେଇଥାଏ ଅର୍ଥାତ ଜଣଙ୍କ ଶରୀରରେ ୪୬ଟି ଗୁଣସୂତ୍ର ଥିବାବେଳେ ଡାଉନ ସିଣ୍ଡ୍ରୋମ ସମସ୍ୟାର ଶିକାର ହୋଇଥିବା ପିଲାଟି ପାଖରେ ୪୭ଟି ଗୁଣସୂତ୍ର ଥାଏ । ଏହାର କାରଣ ସମ୍ପର୍କରେ ଦିନକୁ ଦିନ ଅଧିକରୁ ଅଧିକ ଗବେଷଣା ଜାରି ରହିଛି । ତେବେ ଏହାର ପ୍ରମୁଖ କାରଣ ଗୁଡ଼ିକ ହେଉଛି ଅଧିକ ବୟସରେ ବା ବିଳମ୍ବିତ ସମୟରେ ମହିଳା ମାନଙ୍କର ଗର୍ଭଧାରଣ, ଗର୍ଭାଶୟରେ ସଂକ୍ରମଣ ସେହିପରି ଗର୍ଭାନଳୀ ଆକୃତିରେ ସମସ୍ୟା ଏହାର ପ୍ରମୁଖ କାରଣ । ୨୫ବର୍ଷ ବୟସରେ ଜଣେ ଗର୍ଭଧାରଣ କଲେ ଡାଉନ ସିଣ୍ଡ୍ରୋମ ସମସ୍ୟାକୁ ସାମ୍ନା କରିବାର ଯେତିକି ଭୟ ରହିଥାଏ ବୟସ ବଢ଼ିବା ସହ ଏହି ସମସ୍ୟାର ଜଟିଳତା ମଧ୍ୟ ବଢ଼ିଥାଏ ।

ପିଲାଟିର ଡାଉନ ସିଣ୍ଡ୍ରୋମ ସମସ୍ୟା ଜାଣିବା ପାଇଁ ଅନେକ କାରଣ ଗୁଡ଼ିକ ମଧ୍ୟ ରହିଛି । ପିଲାଟି ପାଖରେ ଯଦି ଆପଣ ଅଳସୁଆମି ଦେଖନ୍ତି, ତାର ଏକାଗ୍ରତାରେ ଅଭାବ ରହିଥାଏ, ଭାଷା ଶିକ୍ଷାରେ ବିଶେଷକରି ଭାଷା ବିକାଶରେ ଅପାରଗତା ବା ଶିଥିଳତା, ଉଚ୍ଚାରଣରେ ତ୍ରୁଟି, ସାମାନ୍ୟରୁ ମଧ୍ୟମ ଭାବେ ମାନସିକ ଅନଗ୍ରସରତା ଏବଂ କେତେବେଳେ ପାଟି ଶୃଙ୍ଖଳା ରହେତ ଆଉ କେତେବେଳେ ଅତ୍ୟଧିକ ଲାଳ ବୋହିଥାଏ ଏବଂ ସର୍ବୋପରି ପିଲାଟି ଚଲାବୁଲା ଆଉ ଦୌଡ଼କୁଦ ଆଉ ଛୋଟିଆ ମୋଟିଆ ନିତ୍ୟ ନିୟମିତ କାର୍ଯ୍ୟକରିବାରେ ଅପାରଗ ହେଲେ । ସେହିପରି ଏହାର ଆନୁସଙ୍ଗିକ ସମସ୍ୟା ଗୁଡ଼ିକରେ ମାଂସପେଶୀ ଦୁର୍ବଳତା, ଥାଇରଏଡ଼ ସମସ୍ୟା, ରକ୍ତ ସଂକ୍ରମଣ, ଦୃଷ୍ଟି ଦୋଷ, କାନ ସଂକ୍ରମଣ ଓ ଶ୍ରବଣ ସମସ୍ୟା ମେରୁଦଣ୍ଡ ଉପରିଭାଗର ସମସ୍ୟା, ଏପରିକି ହୃଦରୋଗ ମଧ୍ୟ ଦେଖାଦେଇଥାଏ ।

ଦିବ୍ୟାଙ୍ଗଶ୍ରେଣୀଭୁକ୍ତ ଏହି ଜନ୍ମଗତ ତ୍ରୁଟି ଜନିତ ଡାଉନ ସିଣ୍ଡ୍ରୋମ ସମସ୍ୟାର ଚିକିତ୍ସା ଯଦିଓ ବ୍ୟାପକ କିନ୍ତୁ ଏହାର ପ୍ରଭାବ ସ୍ୱଳ୍ପ ରହିଥାଏ । କେତେକ କ୍ଷେତ୍ରରେ ଗର୍ଭଧାରଣର ତିନିମାସ ଭିତରେ ମଲ୍ଟିମେକର ସିରମ ସ୍କ୍ରିନିଂ ପରୀକ୍ଷା ଦ୍ୱାରା ଡାଉନ ସିଣ୍ଡ୍ରୋମର ଲକ୍ଷଣ ଜାଣି ପାରିବା ଦ୍ୱାରା ବିଶେଷ କ୍ଷେତ୍ରରେ ଗର୍ଭପାତ କରାଯାଇପାରେ ଯାହାକି ଭାରତରେ ଆଇନ ସମ୍ମତ । ତେବେ ମହିଳାମାନେ ସୁସ୍ଥ ଗର୍ଭଧାରଣ ପାଇଁ ଡାକ୍ତରୀ ପରାମର୍ଶରେ ଫଲିକ ଏସିଡ଼ ଓ ଲୌହସାରଯୁକ୍ତ ଖାଦ୍ୟ କିମ୍ବା ବଟିକା ଗ୍ରହଣ କରନ୍ତୁ ତେବେ ଡାଉନ ସିଣ୍ଡ୍ରୋମ ସମସ୍ୟା ପରବର୍ତ୍ତୀ ସମୟରେ ଦିବ୍ୟାଙ୍ଗତାର ପ୍ରଭାବକୁ କମାଇ ଦକ୍ଷତା ବିକାଶକୁ ବଢ଼ାଇବା ନିମିତ୍ତ ବିଭିନ୍ନ ଥେରାପି ଲାଭଦାୟକ ହୋଇଥାଏ । ସେଗୁଡ଼ିକ ହେଉଛି ସ୍ପିଚ୍ ଥେରାପି, ଅକୁପେସନାଲ ଥେରାପି, କଗନିଟିଭ ଥେରାପି, ଏଜୁକେସନ ଥେରାପି ଓ ଫିଜିଓ ଥେରାପି ପ୍ରମୁଖ । ଏ ସବୁ ଚିକିତ୍ସା ସମସ୍ୟାର ଶ୍ରବଣ ବାକ୍ ବିଶେଷଜ୍ଞ ବା ଥେରାପିଷ୍ଟ ଓ ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଦରକାର ପଡ଼ିଥାଏ । ଏହି ପରୀକ୍ଷା ନିରୀକ୍ଷା ଓ ଆବଶ୍ୟକୀୟ ପରାମର୍ଶ ରାଜ୍ୟର ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ମିଳୁଛି । ବ୍ଲକ, ଜିଲ୍ଲା କିମ୍ବା ରାଜ୍ୟ ପୁର୍ନବାସ ସଂସ୍ଥା, ଘରୋଇ ଦିବ୍ୟାଙ୍ଗ ନିରାକରଣ ଓ ଚିକିତ୍ସାକେନ୍ଦ୍ରରେ ମଧ୍ୟ ଏହା ଏହି ସୁଯୋଗ ଉପଲବ୍ଧ । ଡାଉନ ସିଣ୍ଡ୍ରୋମ ସମସ୍ୟାକୁ ନେଇ ଆପଣମାନେ ସେତେ




ଭୟଭୀତ ହୁଅନ୍ତୁ ନାହିଁ । ପ୍ରାଥମିକ ସମୟରୁ ପରାମର୍ଶ ଓ ଚିକିତ୍ସା ଗ୍ରହଣ କଲେ ଏହା ସମସ୍ୟା ହୋଇ ରହିବନାହିଁ ।

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲାରୋଡ଼,
ମଙ୍ଗଳାବାଗ, କଟକ,
ମୋ : ୯୪୩୮୨୭୬୭୬୦

# ବ୍ରହ୍ମାଙ୍କ ପଞ୍ଚମ ମୁଣ୍ଡ କିଏ ଓ କାହିଁକି କାଟିଥିଲେ, ସୃଷ୍ଟିକର୍ତ୍ତା ପୂଜା ନ ପାଇବାର କାରଣ କ'ଣ ?



ହିନ୍ଦୁ ଧର୍ମରେ ସମସ୍ତ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ମାତ୍ର ସାରା ସୃଷ୍ଟିର ରଚୟିତା ବ୍ରହ୍ମାଙ୍କ ପୂଜା କରାଯାଏ ନାହିଁ । ଏପରିକି କୌଣସି ସ୍ଥାନରେ ବି ତାଙ୍କର ମନ୍ଦିରଟିଏ ନାହିଁ । ଏହାଛଡ଼ା କୌଣସି ସ୍ଥାନରେ ତାଙ୍କର ମୂର୍ତ୍ତି ରଖି ପୂଜା ବି କରାଯାଏ ନାହିଁ । ତେବେ ଏକଥା ଅନେକ ହୁଏତ ଜାଣିନଥିବେ ପୁଷ୍କରରେ ଥିବା ବିଖ୍ୟାତ ମନ୍ଦିରରେ ବ୍ରହ୍ମାଙ୍କର ପୂଜା କରାଯାଇଥାଏ ।

ବ୍ରହ୍ମାଙ୍କର ଚାରିଟି ନୁହେଁ ପାଞ୍ଚଟି ମୁଣ୍ଡ ଥିଲା । ସେଥିମଧ୍ୟରୁ ଗୋଟିଏ ମୁଣ୍ଡକୁ ଦେବଦେବ ମହାଦେବ ଶିବ କାଟି ଦେଇଥିଲେ । ଶାସ୍ତ୍ର ଅନୁସାରେ, ବ୍ରହ୍ମା ଯେତେବେଳେ ସଂସାରର ରଚନା କରୁଥିଲେ ସେତେବେଳେ ସେ ଏକ ସୁନ୍ଦର ସ୍ତ୍ରୀଙ୍କୁ ସୃଷ୍ଟି କରିଥିଲେ, ଯେ କି ସତରୂପା ଥିଲେ । ସେ ଏତେ ସୁନ୍ଦର ଥିଲେ ଯେ ସ୍ୱୟଂ ବ୍ରହ୍ମା ମଧ୍ୟ ତାଙ୍କ ରୂପରେ ମୁଗ୍ଧ ହୋଇଯାଇଥିଲେ ।
ତେବେ ସତରୂପା ବ୍ରହ୍ମାଙ୍କ ହରକତରୁ ବର୍ତ୍ତିବା ପାଇଁ ଶତ ଚେଷ୍ଟା କରିଥିଲେ, ମାତ୍ର ସଫଳ ହୋଇନଥିଲେ । ସତରୂପା ନିଜକୁ ବଞ୍ଚାଇବା ପାଇଁ ଉପରକୁ ଚାହିଁବାରୁ ବ୍ରହ୍ମା ନିଜର ଏକ ମୁଣ୍ଡ ଉପର ଆଡ଼େ ବିକଶିତ କରିଦେଇଥିଲେ । ବ୍ରହ୍ମାଙ୍କର ଏହିସବୁ ହରକତ ଶିବ ଦେଖୁଥିଲେ । ଶିବଙ୍କ ଦୃଷ୍ଟିରେ ସତରୂପା ବ୍ରହ୍ମାଙ୍କର ଝିଅ ପରି । ତେଣୁ ଏହା ତାଙ୍କୁ ଘୋର ପାପ ଲାଗିଲା ଓ ସେ ବ୍ରହ୍ମାଙ୍କର ପଞ୍ଚମ ମୁଣ୍ଡକୁ କାଟିଦେଇଥିଲେ । ପୁରାଣ ଅନୁସାରେ, ଥରେ ବ୍ରହ୍ମା ଧରିତ୍ରୀକୁ ଏକ ପଦ୍ମ ଫୁଲ ପଠାଇଥିଲେ । ଫୁଲଟି ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ପଡ଼ିଥିଲା । ପଦ୍ମର ଅଂଶ ପଡ଼ିବା କାରଣରୁ ସେ ସ୍ଥାନରେ ଏକ ପୋଖରୀ ସୃଷ୍ଟି ହୋଇଥିଲା । ସେଠାରେ ଏକ ଯଜ୍ଞ କରିବା ପାଇଁ ସମସ୍ତ ଦେବାଦେବୀ ପହଞ୍ଚିଥିଲେ । ତେବେ ପରେ ବ୍ରହ୍ମା ଓ ତାଙ୍କ ମାତା ଗାୟତ୍ରୀ ପୃଥିବୀ ପୃଷ୍ଠରେ ଯଜ୍ଞସ୍ଥଳରେ ଏକତ୍ର ବସିଥିଲେ । ପୃଥିବୀ ଲୋକ ଯାଇଥିବା ଜାଣି ତାଙ୍କ ପତ୍ନୀ ସାବିତ୍ରୀ ଅଭିଶାପ ଦେଇଥିଲେ ଯେ ବ୍ରହ୍ମାଙ୍କର ପୂଜା ଧରିତ୍ରୀ ବକ୍ଷରେ କରାଯାଇ ପାରିବ ନାହିଁ । ମାତ୍ର ଅଭିଶାପ ଫେରସ୍ତ କରି ନେବାକୁ ସମସ୍ତ ଦେବାଦେବୀ ତାଙ୍କୁ ଅନୁରୋଧ କରିଥିଲେ । ଏହା ପରେ ସାବିତ୍ରୀ ଅଭିଶାପ ପ୍ରତ୍ୟାହାର କରିନେଇଥିଲେ ଓ ସାରା ଦୁନିଆରେ କେବଳ ପୁଷ୍କରରେ ହିଁ ବ୍ରହ୍ମାଙ୍କର ପୂଜା କରାଯାଇଥିଲା ।

# ସୌନ୍ଦର୍ଯ୍ୟ ପାଇଁ ଉପକାରୀ ଲବଙ୍ଗ ତେଲ




ଲବଙ୍ଗ ତେଲରେ ଅନେକ ଔଷଧୀୟ ଗୁଣ ଭରି ରହିଛି । ସ୍ୱାସ୍ଥ୍ୟ ଜନିତ ଅନ୍ୟ ସମସ୍ୟା ସହିତ ସୁନ୍ଦର ତ୍ୱଚା ପାଇଁ ବି ଏହାକୁ ବ୍ୟବହାର କରାଯାଏ । ଏଥିରେ ଆଣ୍ଟିସେପ୍ଟିକ୍ ଗୁଣ ସହିତ ଭିଟାମିନ୍ ସି, ଭିଟାମିନ୍ ଏ , ଆଣ୍ଟି-ବ୍ୟାକ୍ଟେରିଆଲ୍ ଓ ଆଣ୍ଟି-ଇନ୍‌ଫ୍ଲାମେଣ୍ଟାରୀ ଗୁଣ ରହିଛି । ଆଉ ଏସବୁ ସୁସ୍ଥ ତ୍ୱଚା ପାଇବା ପାଇଁ ଖୁବ୍ ଉପକାରୀ । ତା'ହେଲେ ଆସନ୍ତୁ ଜାଣିବା ଏହାକୁ ବ୍ୟବହାର କରି ତ୍ୱଚା ଜନିତ କେଉଁ କେଉଁ ସମସ୍ୟାରୁ ମୁକ୍ତି ପାଇ ପାରିବେ ।

* ଯଦି ଆପଣଙ୍କ ମୁହଁରେ ବାରମ୍ବାର ବ୍ରଣ ସମସ୍ୟା ଦେଖାଯାଉଛି, ତା'ହେଲେ ଲବଙ୍ଗ ତେଲ ବ୍ୟବହାର କରନ୍ତୁ । ଏହା ବ୍ରଣ ସମସ୍ୟାକୁ ଦୂର କରିବ ।
* ଲବଙ୍ଗ ତେଲ ଶରୀରରେ ଥିବା କଳାଦାଗ ଦୂର କରିବା ପାଇଁ ସାହାଯ୍ୟ କରିଥାଏ । ଏହି ତେଲ ବହୁତ ଷ୍ଟ୍ରଙ୍ଗ ହୋଇଥିବାରୁ ଏହାକୁ ବାଦାମ କିମ୍ବା ନଡ଼ିଆ ତେଲ ସହିତ ମିଶାଇ ଲଗାନ୍ତୁ । ଯଦି ଏପରି କରିବାକୁ ଚାହୁଁନାହାନ୍ତି, ତେବେ ଦୁଇ ବୁନ୍ଦାରୁ ଅଧିକ ଲବଙ୍ଗ ତେଲ ବ୍ୟବହାର କରନ୍ତୁ ନାହିଁ ।
* ଯଦି ମୁହଁର ତ୍ୱଚାରେ କୁଞ୍ଚନ ଦେଖାଯାଉଛି, ତା'ହେଲେ ଚିନ୍ତା କରନ୍ତୁ ନାହିଁ । ନଡ଼ିଆ ତେଲ ସହିତ ୫ ବୁନ୍ଦା ଲବଙ୍ଗ ତେଲ ମିଶାନ୍ତୁ ଏବଂ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ମୁହଁରେ ମାଲିସ କରନ୍ତୁ । ଏପରି କଲେ ଚେହେରାରେ ପଡୁଥିବା ଭାଙ୍ଗ ଓ କୁଞ୍ଚନ ସମସ୍ୟା କମ୍ ହେବା ଆପଣ ଲକ୍ଷ୍ୟ କରିପାରିବେ ।
* ଘରୁ ବାହାରକୁ ବାହାରିଲେ ଧୂଳି ଓ ପ୍ରଦୂଷଣ ଯୋଗୁଁ ମୁହଁର ତ୍ୱଚା ଉପରେ ପ୍ରଭାବ ପଡ଼ିଥାଏ । ପ୍ରଦୂଷଣ ସ୍କିନ୍‌କୁ ଡଲ୍ କରିଥାଏ । ଏଥିପାଇଁ ଘରକୁ ଆସିଲେ, କଟନ୍‌ରେ ଅଳ୍ପ ଲବଙ୍ଗ ତେଲ ନେଇ ମୁହଁକୁ ଭଲ ଭାବରେ ସଫା କରନ୍ତୁ ।

# ଘରେ କାଠ ବଂଶୀ ରଖିଲେ ଦୂର ହେବ ବାସ୍ତୁ ଦୋଷ



ଭଗବାନ କୃଷ୍ଣଙ୍କର ପ୍ରିୟ ହେଉଛି ବଂଶୀ । ଆମେ ଯହାକୁ ବଇଁଶୀ ବୋଲି କହିଥାଉ । ଶାସ୍ତ୍ର ଅନୁସାରେ ଏହା ଅତି ପବିତ୍ର । ସେଥିପାଇଁ ବାସ୍ତୁ ଶାସ୍ତ୍ରରେ ଏହାର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରାଯାଇଛି । ବାସ୍ତୁ ଶାସ୍ତ୍ର ଅନୁଯାୟୀ ବଂଶୀ ଆମ ଜୀବନରେ ଅନେକ ପ୍ରଭାବ ପକାଇଥାଏ । ବିଭିନ୍ନ ରଙ୍ଗର ବଂଶୀ ଅଲଗା ଅଲଗା ପ୍ରଭାବ ପକାଇଥାନ୍ତି ।
ବଂଶୀକୁ ଉନ୍ନତି ଓ ସମୃଦ୍ଧିର ପ୍ରତୀକ ବୋଲି ମଧ୍ୟ କୁହାଯାଇଥାଏ । ବିବାହ ହେଉ ବା ଅନ୍ୟ ଶୁଭ କାର୍ଯ୍ୟରେ ଏହାର ବ୍ୟବହାର ହୋଇଥାଏ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ଆମ ଜୀବନରେ ବଂଶୀର ବ୍ୟବହାର କରିବା ଦ୍ୱାରା ଏହା ଆମକୁ ଅନେକ ବାସ୍ତୁଦୋଷରୁ ରକ୍ଷା କରିଥାଏ । ତେବେ ଆସନ୍ତୁ ଜାଣିବା ବଇଁଶୀ ଆମ ଜୀବନ ଉପରେ କିପରି ପ୍ରଭାବ ପକାଇଥାଏ ।

# ଭୁଲରେ ବି ଏହି ଦେବତାଙ୍କୁ ଅର୍ପଣ କରନ୍ତୁ ନାହିଁ ତୁଳସୀ : ନଚେତ୍ ଭୋଗିବାକୁ ପଡିବ ଅନେକ ସମସ୍ୟା

ହିନ୍ଦୁ ଧର୍ମରେ ତୁଳସୀ ଗଛର ବିଶେଷ ଗୁରୁତ୍ୱ ବିଷୟରେ କୁହାଯାଇଛି । କୁହାଯାଏ ଯେ ତୁଳସୀ ଗଛରେ ମା ଲକ୍ଷ୍ମୀ ବାସକରିଥାନ୍ତି । ଫଳରେ ଏହାକୁ ଘର ଆଗରେ ଲଗାଇବା ଏବଂ ପୂଜା କରିବା ଦ୍ୱାରା ଘରେ ଧନପ୍ରାପ୍ତି ହୋଇଥାଏ । ଏଥିସହିତ ସର୍ବଦା ଘରେ ସୁଖ ଶାନ୍ତି ଲାଗି ରହିଥାଏ । ଏତତ ବ୍ୟତୀତ ତୁଳସୀ ଭଗବାନ ବିଷ୍ଣୁଙ୍କ ଠାରୁ ହନୁମାନଙ୍କ ପର୍ଯ୍ୟନ୍ତ ସମସ୍ତ ଦେବାଦେବୀଙ୍କ ପ୍ରିୟ ହୋଇଥାଏ । ଫଳରେ ପୂଜା ସମୟରେ ଏହି ଭଗବାନଙ୍କୁ ତୁଳସୀ ଅର୍ପଣ କଲେ ସେମାନେ ପ୍ରଶନ୍ନ ହୋଇଥାନ୍ତି ଏବଂ ଆପଣଙ୍କ ଉପରେ ତାଙ୍କର କୃପା ଦୃଷ୍ଟି ରଖିଥାନ୍ତି । କିନ୍ତୁ ହିନ୍ଦୁ ଧର୍ମରେ ଏପରି କିଛି ଦେବାଦେବୀ ଅଛନ୍ତି ଯେଉଁମାନଙ୍କୁ ତୁଳସୀ ଅର୍ପଣ କରିବାକୁ ବାରଣ କରାଯାଏ । କୁହାଯାଏ ଏହିସବୁ ଭଗବାନଙ୍କୁ ତୁଳସୀ ଅର୍ପଣ କଲେ ସେ କ୍ରୋଧୀତ ହୋଇଥାନ୍ତି ଏବଂ ଆପଣଙ୍କ ଉପରେ କୋପ ଦୃଷ୍ଟି ପକାଇଥାନ୍ତି । ଫଳରେ ଆପଣଙ୍କ ଜୀବନରେ ଅନେକ ସମସ୍ୟାର ଦେଖାଦେବା ସହ ଘରେ ସର୍ବଦା ଅଶାନ୍ତି ଲାଗି ରୁହେ । ବର୍ତ୍ତମାନ ଆସନ୍ତୁ ଜାଣିବା କେଉଁ ଦେବାଦେବୀଙ୍କୁ ତୁଳସୀ ଅର୍ପଣ କରାଯାଏ ନାହିଁ ଏବଂ କାହିଁକି ?

ଏହି ଦେବତାଙ୍କୁ ଭୁଲରେ ଅର୍ପଣ କରନ୍ତୁ ନାହିଁ ତୁଳସୀ: ହିନ୍ଦୁ ଧର୍ମ ଏବଂ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ପ୍ରତ୍ୟେକ ଦେବତାଙ୍କର କିଛି ପ୍ରିୟ ଜିନିଷ ରହିଥାଏ । ଯାହାକୁ ଅର୍ପଣ କରିବା ଦ୍ୱାରା ସେ ଅତ୍ୟନ୍ତ ପ୍ରଶନ୍ନ ହୋଇଥାନ୍ତି । ଫଳରେ ସେ ତାଙ୍କର କୃପା ଦୃଷ୍ଟି ସର୍ବଦା ଆପଣଙ୍କ ଉପରେ ରଖିଥାନ୍ତି । ତେବେ ତୁଳସୀ ମଧ୍ୟ ଭଗବାନ ବିଷ୍ଣୁଙ୍କର ଅତ୍ୟନ୍ତ ପ୍ରିୟ ହୋଇଥିବା ବେଳେ ପ୍ରଭୁ ଭୋଳାନାଥ ଏବଂ ତାଙ୍କ ପୁତ୍ର ପ୍ରଭୁ ଗଣେଶଙ୍କୁ ଅର୍ପଣ କରାଯାଏ ନାହିଁ । ନଚେତ୍ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ତେବେ ଭଗବାନ ଶିବ ଏବଂ ଗଣେଶଙ୍କୁ ତୁଳସୀ ନଦେବାର କିଛି କାରଣ ମଧ୍ୟ ରହିଥାଏ । ଆସନ୍ତୁ ଜାଣିବା କଣ ପାଇଁ ଏହି ଦୁଇ ଦେବତାଙ୍କୁ ତୁଳସୀ ଅର୍ପଣ କରାଯାଏ ନାହିଁ ।

ଏହି କାରଣ ପାଇଁ କରାଯାଏ ନାହିଁ ତୁଳସୀ ଅର୍ପଣ: ଜ୍ୟୋତିଷ ଶାସ୍ତ୍ର ଏବଂ ପୌରାଣିକ ଗାଥା ଅନୁଯାୟୀ, ଥରେ ଭଗବାନ ଗଣେଶ ଗଙ୍ଗା ନଦୀ କୂଳରେ ତପସ୍ୟା କରୁଥିଲେ । ଠିକ୍ ଏହି ସମୟରେ ତୁଳସୀ ବିବାହ ଇଚ୍ଛା ନେଇ ଯାତ୍ରା କରିଥିଲେ । ଗଣେଶଙ୍କୁ ଦେଖି ସେ ଆକର୍ଷିତ ହୋଇଥିଲେ ଏବଂ ତାଙ୍କର ତପସ୍ୟାକୁ ଭଙ୍ଗ କରିଥିଲେ । ଏଥିସହିତ ତାଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ।



ଯାହାକୁ ଭଗବାନ ଶ୍ରୀଗଣେଶ ପ୍ରତ୍ୟାଖ୍ୟାନ କରିଥିଲେ । ଯେଉଁଥିରେ ତୁଳସୀ ରାଗିଯାଇ ଶ୍ରୀଗଣେଶଙ୍କୁ ଦୁଇଟି ବିବାହ କରିବାକୁ ଅଭିଶାପ ଦେଇଥିଲେ । ଏହାପରେ ଶ୍ରୀ ଗଣେଶ ତାଙ୍କ ପ୍ରକୃତ ରୂପକୁ ଆସିବା ସହ ତୁଳସୀକୁ ମଧ୍ୟ ଅଭିଶାପ ଦେଇଥିଲେ ଏବଂ କହିଥିଲେ ତୁମର ବିବାହ ଜଣେ ରାକ୍ଷସ ସହିତ ହେବ । ଏଥିସହିତ ସେ ଏହା ମଧ୍ୟ କହିଥିଲେ ଯେ ତୁମେ ମୋ ପୂଜାରେ ଲାଗି ପାଇବ ନାହିଁ । ମୋ ପୂଜାରେ ଯେଉଁ ବ୍ୟକ୍ତି ତୁଳସୀ ଅର୍ପଣ କରିବ ଏହା ଅଶୁଭ ଭାବରେ ବିବେଚନା କରାଯିବ । ଏହି କାରଣରୁ ଗଣେଶ ଭଗବାନଙ୍କୁ ତୁଳସୀ ଅର୍ପଣ କରାଯାଏ ନାହିଁ । ସେହିପରି ଭଗବାନ ଶିବଙ୍କୁ ମଧ୍ୟ ତୁଳସୀ ଅର୍ପଣ କରିବା ଅଶୁଭ ହୋଇଥାଏ । କାରଣ ଭଗବାନ ଶ ଶିବଙ୍କ ପ୍ରିୟ ପତ୍ର ବେଲପତ୍ର ହୋଇଥାଏ । ଯାହା ଫଳରେ ପ୍ରଭୁ ଭୋଳାନାଥଙ୍କୁ ତୁଳସୀ ଅର୍ପଣ କରିବା ବଦଳରେ ବେଲପତ୍ର ଅର୍ପଣ କରିବା ଆବଶ୍ୟକ । ତେବେ ତୁଳସୀ ଭଗବାନ ବିଷ୍ଣଙ୍କ ପ୍ରିୟ ହୋଇଥାଏ ଏବଂ ଏହା ଭଗବାନ ବିଷ୍ଣୁଙ୍କୁ ହିଁ ଅର୍ପଣ କରାଯାଏ । ଯଦି କୌଣସି ବ୍ୟକ୍ତି ପ୍ରଭୁ ଭୋଳାଶଙ୍କରଙ୍କୁ ତୁଳସୀ ଅର୍ପଣ କରନ୍ତି ତେବେ ସେ କ୍ରୋଧିତ ହୋଇଯାଆନ୍ତି ଏବଂ ତାଙ୍କ କୋପଦୃଷ୍ଟି ପକାଇଥାନ୍ତି । ଫଳରେ ଜଣେ ବ୍ୟକ୍ତି ତା ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଏ । ଏଥିସହିତ ଘରେ ସର୍ବଦା ଅଶାନ୍ତି ଏବଂ କଳହ ଲାଗି ରୁହେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## 'ଶକ୍ତି' ଶବ୍ଦର ଶକ୍ତି...

ଶକ୍ତି ପ୍ରଦର୍ଶନର ଦିନ ପାଖେଇ ଆସୁଛି ରାଜନୀତିକ ଦଳମାନଙ୍କର ସମଗ୍ର ଭାରତବର୍ଷରେ, ଲୋକସଭା ନିର୍ବାଚନ ମଇଦାନରେ ଆଉ ମାତ୍ର ଅଳ୍ପ କେତେ ସପ୍ତାହ ପରେ। ଆଦର୍ଶ ଆଚରଣ ବିଧି (ଏମ୍‌ସିସି) ଲାଗୁ ହୋଇ ସାରିଛି ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରା ଏଇ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା ହୋଇ ସାରିବା ଉତ୍ତାରୁ । ତେଣୁ ଏବେ ଶକ୍ତିର ଏକ ଶକ୍ତିଶାଳୀ ଖେଳ ଆରମ୍ଭ ହୋଇ ସାରିଛି କହିଲେ ଚଳେ। ତେବେ ଏସବୁ ଭିତରେ 'ଶକ୍ତି' ଶବ୍ଦକୁ ନେଇ ସର୍ବଭାରତୀୟ ସ୍ତରର ଦୁଇ ପ୍ରମୁଖ ରାଜନୀତିକ ଦଳ ବିଜେପି ଓ କଂଗ୍ରେସର ଶକ୍ତିଶାଳୀ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାହୁଲ ଗାନ୍ଧୀଙ୍କ ମଧ୍ୟରେ ପରସ୍ପର ପ୍ରତି ଆକ୍ଷେପ ପ୍ରତିଆକ୍ଷେପ ଜରିଆରେ ମୌଖିକ ଶକ୍ତି ପ୍ରଦର୍ଶନ ଆରମ୍ଭ ହୋଇ ଯାଇଛି । ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାବରେ ଭାରତର ରାଜନୀତିକ ଦୃଶ୍ୟପଟ ବିଭିନ୍ନ ପ୍ରକାରର ଅନେକଗୁଡ଼ିଏ ସାଂସ୍କୃତିକ ପ୍ରତୀକ ଏବଂ ଆଖ୍ୟାନ ଦ୍ୱାରା ଗଠିତ, ଯେଉଁଥିରୁ ପ୍ରତ୍ୟେକଙ୍କର ନିଜସ୍ୱ ସାମାଜିକ-ରାଜନୀତିକ ମହତ୍ତ୍ୱ ରହିଛି । ଆଉ ଭୋଟରମାନଙ୍କର ବିଭିନ୍ନ ବର୍ଗଙ୍କ ନିକଟରେ ପ୍ରିୟ ଭାଜନ ହେବା ନିମନ୍ତେ ପ୍ରତୀକଗୁଡ଼ିକ ଯଥେଷ୍ଟ ପରିମାଣରେ ସହାୟକ ହେବ ବୋଲି ଜାଣିଥିବାରୁ ପାରମ୍ପରିକତା ଏବଂ ଆଧୁନିକତା, ପ୍ରତୀକବାଦ ଏବଂ ଯଥାର୍ଥତା ଭିତରେ ପ୍ରାୟତଃ ଏକ ଅସ୍ପଷ୍ଟ ରେଖାଟିଏ ଟାଣି ଭୋଟରମାନଙ୍କୁ ପ୍ରଭାବିତ କରିବାର ଉଦ୍ୟମ କରିଥାନ୍ତି, ଯାହା ଏବେ ଉପରୋକ୍ତ ଉଭୟ ଦଳର ନେତା 'ଶକ୍ତି' ଶବ୍ଦ ଏବଂ ଏହାର ନିହିତାର୍ଥକୁ ନିଜ ନିଜ ଢଙ୍ଗରେ ବ୍ୟାଖ୍ୟା କରି ବିବାଦରେ ବ୍ୟାପୃତ ହୋଇଛନ୍ତି। ଏଇ ଶବ୍ଦ ଜରିଆରେ ରାହୁଲ ମହିଳାମାନଙ୍କ ଉଦ୍ଦେଶ୍ୟରେ ନିଜର ସମ୍ମାନ ବ୍ୟକ୍ତ କରିବାକୁ ଯାଇ ସେମାନଙ୍କୁ ଐଶ୍ୱରିକ ଶକ୍ତିର ଅଧିକାରିଣୀଙ୍କ ସହିତ ସମାନ କରିଛନ୍ତି। ପରନ୍ତୁ, ମୋଦୀ ଚନ୍ଦ୍ରଯାନ ମିଶନ୍ ଅବତରଣ ସ୍ଥାନକୁ 'ଶିବ ଶକ୍ତି' ନାମରେ ନାମିତ କରିବାର ଗୁରୁତ୍ୱକୁ ଦର୍ଶାଇ ପ୍ରତିକୂଳ ପରିସ୍ଥିତିଗୁଡ଼ିକ ବିରୁଦ୍ଧରେ ପ୍ରସ୍ତୁତି ସମ୍ପର୍କରେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି । 'ଶକ୍ତି' ଶବ୍ଦ ସମଗ୍ର ଦେଶରେ ଗଭୀର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ମହତ୍ତ୍ୱର ପ୍ରତୀକ, ଯାହା ନାରୀମାନଙ୍କର ଶକ୍ତି, କ୍ଷମତା ଏବଂ ସାମର୍ଥ୍ୟକୁ ବୁଝାଇ ଥାଏ। ହିନ୍ଦୁ ଧର୍ମଶାସ୍ତ୍ରଗୁଡ଼ିକରେ ଦୁର୍ଗା, କାଳୀ, ଲକ୍ଷ୍ମୀ ଏବଂ ସରସ୍ୱତୀଙ୍କ ଭଳି ଦେବୀମାନଙ୍କ ସହିତ ଏହା ସମ୍ପୃକ୍ତ ଏବଂ ଏହା କ୍ଷମତା ଓ ବଳଶାଳୀ ହେବାର ବିଭିନ୍ନ ଦିଗକୁ ଦର୍ଶାଇ ଥାଏ । ନିଜର ଚମତ୍କାର ଭାଷଣ ଦେବାର କଳା ଏବଂ ସାଧାରଣ ଜନତାଙ୍କ ମନରେ ଭାଷଣର ପ୍ରତ୍ୟେକ ଶବ୍ଦକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଞ୍ଜରିତ କରାଇବାରେ ଦକ୍ଷ ମୋଦୀ ନିଜକୁ ଜଣେ ଟାଣୁଆ ଏବଂ ରାଷ୍ଟ୍ରର ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଦୃଢ଼ ନିଷ୍ପତ୍ତି ଗ୍ରହଣକାରୀ ନେତା ଭାବରେ ଉପସ୍ଥାପନ କରିବା ନିମନ୍ତେ ଶକ୍ତି ପ୍ରତୀକବାଦକୁ ଉପଯୋଗ କରିଛନ୍ତି । ଅର୍ଥାତ୍ ମୋଦୀଙ୍କ ପାଇଁ ଶକ୍ତିକୁ ଜାଗ୍ରତ କରିବାର ଅର୍ଥ କେବଳ ସାଂସ୍କୃତିକ ପ୍ରତୀକବାଦକୁ ଜାଗ୍ରତ କରିବା ନୁହେଁ, ବରଂ ରାଷ୍ଟ୍ର ଶାସନ ଓ ଜାତୀୟ ସୁରକ୍ଷା ପରିସରରେ ନିଜକୁ ଶକ୍ତିଶାଳୀ ନେତା ଭାବରେ ଦର୍ଶାଇବା। ତେବେ 'ଶକ୍ତି' ଶବ୍ଦର ବ୍ୟାଖ୍ୟାକୁ ନେଇ ରାହୁଲ ଗାନ୍ଧୀ ଓ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ବିବାଦ ଗଭୀର ରାଜନୀତିକ ଉଦ୍ଦେଶ୍ୟର ଖେଳ ଚାଲିବାକୁ ଉଲ୍ଲେଖ କରିଥାଏ । ଶକ୍ତିର ପ୍ରକୃତ ଅର୍ଥ ବୁଝାଇବାକୁ ଯାଇ ରାହୁଲ ରାଜନୀତିକ ଲାଭ ପାଇଁ ମୋଦୀ ଏହି ଶବ୍ଦକୁ ବିକୃତ ଭାବରେ ଉପସ୍ଥାପନ କରୁଛନ୍ତି ବୋଲି ଅଭିଯୋଗ ଉଠାଇଛନ୍ତି। ନିଜ କଥାର ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇ ମୋଦୀଙ୍କ ଶକ୍ତି ସଶକ୍ତିକରଣ ଏବଂ ସମାବେଶିତା ଉପରେ ନିଷ୍ଠୁର ପ୍ରହାର ବୋଲି ଗୁରୁତ୍ୱାରୋପ କରିବା ସହିତ ଏହା ବିଭାଜନ ସୃଷ୍ଟିକାରୀ ଏବଂ ବହିଷ୍କାରକ ବୋଲି ସେ ଅଭିଯୋଗ ଉଠାଇଛନ୍ତି। ମୋଦୀଙ୍କର 'ଶକ୍ତି' ଶବ୍ଦ ବ୍ୟବହାର ଉପରେ ତାଙ୍କର ଏହି ସମାଲୋଚନା ବିଜେପିର ବ୍ୟାଖ୍ୟାନକୁ ଆହ୍ୱାନ ଦେବା ନିମନ୍ତେ ଏକ ବ୍ୟାପକ ରଣକୌଶଳକୁ ପ୍ରତିଫଳିତ କରୁଛି ଏବଂ ଏହା ମଧ୍ୟ ଭାରତର ଭବିଷ୍ୟତ ପାଇଁ ଏକ ବିକଳ୍ପ ଦୃଷ୍ଟିକୋଣ ପ୍ରଦାନ କରୁଛି । ଏଥି ପ୍ରତି ପତିକ୍ରିୟା ପ୍ରକାଶ କରିବାକୁ ଯାଇ ମୋଦୀ ରାହୁଲଙ୍କ ଅଭିଯୋଗଗୁଡ଼ିକୁ ହାସ୍ୟାସ୍ପଦ କହିବା ସଙ୍ଗେ ସଙ୍ଗେ ତାଙ୍କ ସରକାରର ନୀତିଗୁଡ଼ିକ ବସ୍ତୁତଃ ଶକ୍ତିର ନୀତିଗୁଡ଼ିକ ଉପରେ ପର୍ଯ୍ୟବସିତ ବୋଲି କହିଛନ୍ତି ଯାହା ପ୍ରଗତି, ବିକାଶ ଏବଂ ଜାତୀୟ ଗୌରବ ଉପରେ ଗୁରୁତ୍ୱାରୋପ କରିଥାଏ। ରାହୁଲ ନିଜର ରାଜନୀତିକ କାର୍ଯ୍ୟସୂଚୀ ନିମନ୍ତେ ସାଂସ୍କୃତିକ ପ୍ରତୀକବାଦକୁ ଅପହରଣ କରୁଛନ୍ତି ବୋଲି ମୋଦୀ ଅଭିଯୋଗ କରିବା ସହିତ ଏହାକୁ ସୁବିଧାବାଦ ଏବଂ ତାଙ୍କର ଅପାରଗତାର ଆଖ୍ୟା ଦେଇଛନ୍ତି। ତେବେ 'ଶକ୍ତି' ରାହୁଲଙ୍କ ସମାବେଶୀ 'ଶକ୍ତି' ପାଇଁ ଅନ୍ୱେଷଣକୁ ବୁଝାଉ ଥାଉ କି ମୋଦୀଙ୍କର ଦୃଢ଼ ନିର୍ଣ୍ଣୟ ନେବାର 'ଶକ୍ତି'କୁ ବୁଝାଉ ଥାଉ, ଏହି ବିତର୍କ କେବଳ ଯାହା ଶବ୍ଦାର୍ଥର ସଂଚରଣ ବ୍ୟତୀତ ଅନ୍ୟ କିଛି ନୁହେଁ, ଯାହା ଭାରତୀୟ ରାଜନୀତିକୁ ଆଜିକା ସମୟରେ ପରିଭାଷିତ କରୁଥିବା ବ୍ୟାପକ ଆଦର୍ଶଗତ ପ୍ରତିଦ୍ୱନ୍ଦିତା ବୋଲି କୁହାଯାଇପାରେ।



# ଜଳ ହିଁ ଜୀବନ

**ବିଶ୍ୱବିଜୟୀ ଦାଶ**



ଜଳ ହିଁ ଜୀବନ। ବିଶ୍ୱର ୪ ଭାଗରୁ ୩ ଭାଗ ଜଳ ଓ ୧ ଭାଗ ସ୍ଥଳ। ବିଶ୍ୱ ଜଳ ଦିବସ ପ୍ରତିବର୍ଷ ୨୨ ମାର୍ଚ୍ଚରେ ବିଶ୍ୱ ସାରା ପାଳିତ ହୁଏ । ବିଶ୍ୱର ସମସ୍ତ ବିକଶିତ ଦେଶରେ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳ ଉପଲବ୍ଧ କରାଇବା ସହ ଜଳ ସଂରକ୍ଷଣର ମହତ୍ତ୍ୱ ତଥା ଆବଶ୍ୟକତା ବିଷୟରେ ଜନ ସଚେତନତା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ । ପ୍ରଥମ ଥର ପାଇଁ ୧୯୯୨ ମସିହାରେ ବ୍ରାଜିଲ ସ୍ଥିତ

ରିଓ ଡି ଜେନିରୋଠାରେ ମିଳିତ ଜାତିସଂଘର ଆୟୋଜିତ 'ପର୍ଯ୍ୟାବରଣ ଓ ବିକାଶ ସମ୍ମେଳନ'ରେ ବିଶ୍ୱ ଜଳ ଦିବସ ପାଳନ କରାଯିବାର ନିଷ୍ପତ୍ତି ନିଆଯାଇଥିଲା । ପୁଣି ମିଳିତ ଜାତିସଂଘର ସାଧାରଣ ସଭାରେ ୧୯୯୩ ମସିହାରେ ଏହି ନିଷ୍ପତ୍ତି ଅନୁମୋଦନ ଲାଭ କଲା । ସ୍ୱଚ୍ଛ ତଥା ସୁରକ୍ଷିତ ଜଳର ଆବଶ୍ୟକତା ବିଷୟରେ ଜନ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଏହି ଦିନଟିକୁ ପ୍ରତିବର୍ଷ ଏକ ବାର୍ଷିକ କାର୍ଯ୍ୟକ୍ରମ ଭାବେ ପାଳିବାକୁ ସର୍ବ ସମ୍ମତି କ୍ରମେ ଗୃହିତ ହେଲା, ସେବେଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖରେ ବିଶ୍ୱ ଜଳ ଦିବସ ପାଳନ ହୋଇଆସୁଛି। ଜଳ ହିଁ ଜୀବନ, ଜଳ ବିନା ସୃଷ୍ଟି ଅସମ୍ଭବ। ବିଶ୍ୱବାସୀଙ୍କୁ ଜଳର ଆବଶ୍ୟକତା ଓ ଜଳ ପ୍ରଦୂଷଣ ବାବଦରେ ଅବଗତ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ। ଜଳ ପ୍ରଦୂଷଣୟକୁ ଯେତେ ମାତ୍ରାରେ କମାଯାଇପାରିବ, ତାହା ବିଶ୍ୱକୁ ବହୁତ ଉପକାର।ମନୁଷ୍ୟ, ଜୀବଜନ୍ତୁ, ଉଦ୍ଭିଦ ଜଗତ ଜଳ ବିନା ବଞ୍ଚିବା ଅସମ୍ଭବ।ଜଳ ସଂରକ୍ଷଣ କରିବା ନିତାନ୍ତ ଆବଶ୍ୟକ।

ଅଳିଆ, ଆବର୍ଜନାକୁ ଜଳରେ ନପକାଇ ଅନ୍ୟତ୍ର ପକାଇବା ଦରକାର। ଆମେ ଆଗକୁ ବଢୁଥିବା ମଧୁର ଜଳ ସଙ୍କଟର ସମ୍ମୁଖୀନ ହେଉଛୁ ଯାହା ଲୋକଙ୍କୁ ଏବଂ ପୃଥିବୀକୁ ବିପଦରେ ପକାଇଥାଏ । ଆମେ ଇକୋସିଷ୍ଟମକୁ ନଷ୍ଟ କରୁଛୁ, ଯାହା ଜଳ ଏବଂ ସମସ୍ତ ଜୀବନ ଅଧିକାଂଶ ଉପରେ ନିର୍ଭର କରିଥାଏ। ଆର୍ଦ୍ରଭୂମି ଆମର ଅଧିକାଂଶ ମଧୁର ଜଳ ଧାରଣ କରିଥାଏ ଏବଂ ଯୋଗାଇଥାଏ । ସ୍ୱାଭାବିକ ଭାବରେ ପ୍ରଦୂଷକ ଫିଲ୍ଟର୍ କରିଥାଏ ଆଉ ଆମେ ନିରାପଦରେ ପିଇବା ପାଣି ପାଇଥାଉ।

ଜଳଚର ହେଉଛନ୍ତି ଦ୍ରୁତ ଅଭିବୃଦ୍ଧିଶୀଳ ଖାଦ୍ୟ ଉତ୍ପାଦନ । କେବଳ ଆଭ୍ୟନ୍ତରୀଣ ମତ୍ସ୍ୟଜୀବୀମାନେ ମାଛ ଯୋଗାଉଛନ୍ତି। ଧାନଚାଷ ବାର୍ଷିକ ୩.୫ ବିଲିୟନ ଲୋକଙ୍କୁ ଖାଇବାକୁ ଦେଇଥାଏ। ବିଶ୍ୱର ୪୦% ପ୍ରଜାତି ଆର୍ଦ୍ରଭୂମିରେ ବାସ କରନ୍ତି ଏବଂ ପ୍ରଜନନ କରନ୍ତି । ବାର୍ଷିକ ପ୍ରାୟ ୨୦୦ ନୂତନ ମାଛ ପ୍ରଜାତି ମଧୁର ଜଳ ଆର୍ଦ୍ରଭୂମିରେ ରୁହନ୍ତି। ସମସ୍ତ ପ୍ରଜାତିର ୨୫ ପ୍ରତିଶତ ପ୍ରାଣୀଗୁଡିକ ବାସ କରନ୍ତି । ମାଛ, ସାମୁଦ୍ରିକ ପ୍ରାଣୀ, କଙ୍କଡ଼ା ଆଦି ଜଳଚ୍ଚର ପ୍ରାଣୀ।ଜଳ ବିନା ଜଳଚ୍ଚର ପ୍ରାଣୀ ମାନେ ବଞ୍ଚିବା ଅସମ୍ଭବ।ଏହି ଦିବସରେ ଜଳ ର ସୁରକ୍ଷା ଓ ଜଳ ପ୍ରଦୂଷଣର ନିରାକରଣ ସମ୍ବନ୍ଧିତ ସଚେ଼ତନତା କରାଯାଇଥାଏ, ଯାହାଦ୍ୱାରା କି ଜନସାଧାରଣ ଜଳର ସୁରକ୍ଷା, ଜଳ ପ୍ରଦୂଷଣର ନିରାକରଣ ବିଷୟରେ ଅବଗତ ହୋଇପାରିବେ, ଯାହାଦ୍ୱାରା କି ଜଳର ସୁରକ୍ଷା ହୋଇପାରିବ ଓ ଜଳ ସଂରକ୍ଷଣ ହୋଇପାରିବ। ଜଳ ଆମର ସବୁଠାରୁ ମୂଲ୍ୟବାନ ପ୍ରାକୃତିକ ବନ୍ଧୁ । ଆମ ଦୈନନ୍ଦିନ କାର୍ଯ୍ୟ ତଥା ଆମର ସବୁ କରିବାରେ ଜଳ ଏକାନ୍ତ କାମ୍ୟ । ତେଣୁ ସାରା ଦେଶରେ ଜଳ ଦିବସକୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି । ଯେଭଳି ଭିଜୁଆଲ, ଆର୍ଟ, ବିଭିନ୍ନ ପ୍ରକାର ନାଟକ, ସଂଗୀତାତ୍ମକ ଉତ୍ସବ, ଜଳ ପ୍ରବନ୍ଧନ, ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଚର୍ଚ୍ଚା, ଟିଭି ରେଡିଓ ବା ଇଣ୍ଟରନେଟ ମାଧ୍ୟମରେ ଜଳ ସଂରକ୍ଷଣ ଉପାୟ ଆଦି ସଚେ଼ତନତା ହୁଏ। ଆଜି ବିଶ୍ୱ ଜଳ ଦିବସ ରେ ଆମେ ଶପଥ ନେବା ଜଳର ସୁରକ୍ଷା ଓ ସଂରକ୍ଷଣ କରିବା ଓ ଜଳ ପ୍ରଦୂଷଣ ଆଦୌ କରିବା ନାହିଁ।

ସମ୍ପାଦକ, ବ୍ରଜବିଳାସ ପତ୍ରିକା
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ:୬୩୭୦୨୦୮୪୨୮

# ରିଲ୍ସ ନିଶାରେ ଚାଲି ଯାଉଛି ଜୀବନ



**ଡାକ୍ତର ସମ୍ରାଟ କର**

ସକାଳୁ ବର୍ଷା। ଲାଗିରହିଥିବାବେଳେ ସାମ୍ନାପଟ ଚା ଦୋକାନୀ କେଶବ ବଡ଼ ପାଟି କରି ଆମ ଘର ଭିତରକୁ ଚାଲି ଆସିଲା। କହିଲା ସାର ସବୁ ଓଲଟ ପାଲଟ ହୋଇଗଲା, ସେ କହିଲା ତାର ଜଣେ ସାନ ଭାଇ ଗତକାଲି ଛାତ ଉପରେ ରିଲ୍ସ ତିଆରି କରୁ କରୁ ତଳକୁ ଗଳି ପଡ଼ି ଗୁରୁତର ହୋଇଯାଇଛି ଏବେ ସେ ଚେତାଶୂନ୍ୟ ହୋଇ ଡାକ୍ତରଖାନାରେ ପଡ଼ିଛି। ମୁଁ ତାକୁ କହିଲି ସାମାନ୍ୟ ଅସାବଧାନରୁ ଏହି ରିଲ୍ସ ନିଶାରେ ଜଣେ ବିଏସଏଫ ଯବାନ ଜିତେନ୍ଦ୍ର ପାଢ଼ୀଙ୍କ ମୂଲ୍ୟବାନ ଜୀବନ ଚାଲିଯାଇଛି। ଗଞ୍ଜାମ ଧରାକୋଟ ଥାନା ନରଡ଼ା ବିଲିରୁ ଏଭଳି ସ୍ତବ୍ଧ କରିଦେବା ଭଳି ଦୁର୍ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ସୋସିଆଲ ମିଡ଼ିଆ ଭୂତ ଗ୍ରାସିଥିବା ଯୁବପିଢ଼ିଙ୍କ ଅଭିଭାବକଙ୍କ ନିଦ ହଜାଇଛି। ଏଭଳି ବିପଦଜନକ ରିଲ୍ସ ରାଜ୍ୟର ବୁଦ୍ଧିଜୀବୀ ଓ ସଚେତନ ଚିନ୍ତାଶୀଳ ନାଗରିକ ମାନଙ୍କ ଉଦବେଗ ବଢ଼ାଇ ଦେଇଛି।

ଗତକାଲି ବାଲେଶ୍ୱରରେ ଏହିପରି ଏକ ଅଭାବନୀୟ ଘଟଣା ଘଟି ଅପେରା ପାର୍ଟିର ଜଣେ ପିଲା ରେଳଲାଇନରେ ରିଲ୍ସ ତିଆରି କରିବା ସମୟରେ ତାଙ୍କ ଉପରେ ଟ୍ରେନ ମାଡି ଯିବାରୁ ତାଙ୍କର ଅକାଳରେ ଜୀବନ ଦୀପ ଲିଭିଗଲା। କିଛି ଦିନ ତଳେ କଟକ ରେଳ ଷ୍ଟେସନର କିଛି ଦୂର ସାମ୍ନାରୁ ଆସୁଥିବା ଏକ ରେଳଗାଡ଼ିର କିଛି ଦୂର ଆଗରେ ରେଳ ଲାଇନରେ ଦୁଇ ଯୁବକ ଏହି ରିଲ୍ସ କରୁଥିବା ସମୟରେ ଗିରଫ ହୋଇଥିଲେ। ଖାଲି ଜିତେନ୍ଦ୍ର କାହିଁକି ପୂର୍ବରୁ ଏମିତି ପୁଳା ପୁଳା ଅଘଟଣ ମିଳିଯିବ, ଯେଉଁଥିରେ ରିଲ୍ସ ନିଶାରେ ଅନେକ ଜୀବନକୁ ବାଜିରେ ଲଗାଉଛନ୍ତି। କିଛିଙ୍କ ମୂଲ୍ୟବାନ ଜୀବନ ଅଚିରେ ଝଡ଼ି ଯାଉଛି। ଆଉ କିଛି ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଉଛନ୍ତି। ଅନେକ ବିପଦଜନକ ବାଇକ ଷ୍ଟଣ୍ଟ ଦେଖାଉଛନ୍ତି। ପାହାଡ଼ ଶିଖରରେ ଚଢ଼ି ଭିଡ଼ିଓ ବନାଉଛନ୍ତି। ରିଲ୍ସ ପାଇଁ ପଶୁପକ୍ଷୀଙ୍କୁ ହଇରାଣ କରୁଛନ୍ତି। ଅଥବା ଜୀବନରୁ ମାରି ଦେଉଛନ୍ତି। ଏମିତିକି କିଛି ବିପଦଜନକ ରିଲ୍ସ ଯୋଗୁଁ ଅନ୍ୟ ନିରୀହ ଲୋକଙ୍କ ଜୀବନ ବାଜିରେ ଲାଗୁଛି। ଏଭଳି ବିପଦଜନକ ରିଲ୍ସ ବନାଇବା ବର୍ତ୍ତମାନ ଅନେକଙ୍କ ସଉକ ପାଲଟିଛି। ୨୦୨୧ ଜାନୁଆରୀ ୩ ତାରିଖ। ବିପଦଜନକ ଭାବେ ସେଲ୍ଫି ନେଉଥିବା ବେଳେ ନିରୁପମା ପ୍ରଜାପତି ଝାରସୁଗୁଡ଼ା କୁନକୁଣ୍ଡ ନଦୀ ସୁଅରେ ଭାସି ପ୍ରାଣ ହରାଇଥିଲେ। ଗତ ଫେବୃଆରୀ ୧୩ରେ ନବରଙ୍ଗପୁର ରାଇଘର ସରକାରୀ ଉଚ୍ଚବିଦ୍ୟାଳୟର ଏକ ରିଲ୍ସ ଭାଇରାଲ ହୋଇଥିଲା। ଜଣେ ସ୍କୁଲ ଛାତ୍ର ସ୍କୁଲ ଛାତରୁ ଆରପାର୍ଶ୍ୱ ଆଜବେଷ୍ଟସକୁ ଡେଇଁ ଷ୍ଟଣ୍ଟ ଦେଖାଉଥିଲେ। ତଳେ ପଡ଼ି ଆହତ ବି ହେଲେ। ବାସ୍ତବ କଥା ହେଉଛି କେହି ଜାଣିଶୁଣି ଏମିତି ଭୁଲ କରେନି। ରାତାରାତି ଷ୍ଟାର ବନିଯିବା ନିଶା ଓ ୟୁଟ୍ୟୁବରୁ ପ୍ରବଳ ରୋଜଗାର ଲୋଭ ଏମାନଙ୍କୁ ଗ୍ରାସିଥାଏ। ଅନଲାଇନ ଗେମିଂରେ ଆତ୍ମହତ୍ୟା କରୁଥିବା ଓ ବିନା କାରଣରେ ପାଗଳଙ୍କ ଭଳି ହାତ କାଟି ଦେଉଥିବା ଇମୋସନାଲ ଅନଷ୍ଟେବଲ ପରସୋନାଲିଟି ଡିଜଅର୍ଡ଼ର ଭଳି ମାନସିକ ରୋଗୀଙ୍କ ସହ ଏମାନଙ୍କ ଲକ୍ଷଣ ପ୍ରାୟତଃ ସମାନ। ଏଭଳି ବିପଦଜନକ କାର୍ଯ୍ୟରୁ ନିବୃତ୍ତ ରହିବାକୁ ସେମାନଙ୍କ ପରିବାର କିମ୍ବା ନିକଟତମ ଲୋକ ସଚେତନ କରାଇବା ଉଚିତ। ରାତାରାତି ସୀମିତ ଉଦ୍ୟମ ଓ ସମ୍ବଳରେ ପ୍ରତିଷ୍ଠିତ ହେବା ସହ ନିଜ ସାଙ୍ଗସାଥିଙ୍କ ମହଲରେ ଦେଖେଇ ହେବାର ପ୍ରବଣତା ଓ ଏହାକୁ ୟୁଟ୍ୟୁବରେ ଅପଲୋଡ କରି ରାତାରାତି ଧନୀ ହୋଇଯିବାର ନିଶା ମଧ୍ୟ ଏକ କାରଣ ରହୁଛି।

ତେବେ ସବୁଠାରୁ ବଡ଼ ବିପଜ୍ଜନକ ଦିଗ ହେଉଛି ନିଶାଗ୍ରସ୍ତ ହୋଇ ଏହି କାର୍ଯ୍ୟରେ ଲିପ୍ତ ହେବା କାରଣ ନିଶା ସେବନ କରିବା ପରେ ଜଣେ ସାମୂହିକ ଭାବେ ଦେହଗତ କ୍ଷେତ୍ରରେ କିଛି ଉତ୍ତେଜନା ପାଇଥାଏ। ଯାହାକି ସେମାନଙ୍କୁ ଏପରି ଦୁର୍ବାର କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିଥାଏ। ରିଲ୍ସ ପରି ସେଲଫି ମାନିଆ ମଧ୍ୟ ଏକ ପ୍ରକାର ବିକୃତି କହିଲେ ଅତ୍ୟୁକ୍ତି ହେବନାହିଁ। ଏପରି କାର୍ଯ୍ୟ ଭାରତ ବାହାରେ ହେଉଥିଲେ ମଧ୍ୟ ସେଠାକାର ଆଇନରେ ଏ ନେଇ ବିଧିବଦ୍ଧ ବ୍ୟବସ୍ଥା ରହିଛି ଏବଂ ରିଲ୍ସ ବନାଇବା ପାଇଁ ମଧ୍ୟ ଏକ କ୍ଷେତ୍ର ରହିଛି। ଏହି ରିଲ୍ସ ବନାଇବାରେ କେତେକ କ୍ଷେତ୍ରରେ ଅଭିଭାବକଙ୍କ ଦୋଷ ମଧ୍ୟ ନଜରକୁ ଆସିଥାଏ କାରଣ ଆଜିକାଲି ସମସ୍ତଙ୍କ ହାତରେ ଉଚ୍ଚ ପ୍ରଯୁକ୍ତି ବିଦ୍ୟାର ଦାମୀ ମୋବାଇଲ ରହିଛି। ଏବଂ କେତେକ ଅଭିଭାବକ ସେମାନଙ୍କ ଛୋଟ ପିଲାଙ୍କୁ ଆକର୍ଷଣୀୟ ଓ ଅନ୍ୟ ମାନଙ୍କ ଠାରୁ ଶ୍ରେଷ୍ଠ ଦେଖାଇବା ପାଇଁ ରିଲ୍ସ ବା ମୋବାଇଲ ଫୋନରେ ସର୍ବଶେଷ ଫଟୋ ସୁଟ କରି ଅନ୍ୟମାନଙ୍କୁ ପଠାଇବା ପାଇଁ ପ୍ରେରିତ କରିଥାନ୍ତି। ପରବର୍ତ୍ତୀ ସମୟରେ ଏହା ପିଲାଟିର ବୟସ ବୃଦ୍ଧି ହେବା ସହ ଏଥିପ୍ରତି ଆସକ୍ତି ମଧ୍ୟ ବଢ଼ିଥାଏ। ଏହା କେତେକ କ୍ଷେତ୍ରରେ ହିଂସାତ୍ମକ ରୂପ ମଧ୍ୟ ନେଇଥାଏ। ପ୍ରେମ କ୍ଷେତ୍ର ହେଉ ବା ଅର୍ଥ ଦେଣନେଣ କ୍ଷେତ୍ରରେ ବନ୍ଧୁତା ସବୁକିଛି ତୁଚ୍ଛ ହୋଇଯାଇ ଏହା ଅସାମାଜିକ ଭାବନାକୁ ବଢ଼ାଇ ଦେଇଥାଏ। ଜନୈକ ସାଇବର ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବିପଦଜନକ ରିଲ୍ସ ବନାଇବା ବେଳେ କାହାରିକୁ ସାବାଡ଼ କରି ହେବନି। କିନ୍ତୁ ବିରି ମାଡ଼ ଦେଖି କୋଳଥ ଚେପା ଉକ୍ତି ଭଳି ପଦକ୍ଷେପ ନେବାକୁ ପଡ଼ିବ। ସୋସିଆଲ ମିଡ଼ିଆରେ ବିପଦଜନକ ରିଲ୍ସ ଭିଡ଼ିଓ ଦେଖିବା ମାତ୍ରେ ସମ୍ପୃକ୍ତ ଆଡ଼ମିନ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ସାଇବର ପୁଲିସ ଏ ଦିଗରେ ଧ୍ୟାନ ଦେଉ। ପୁଲିସର ଏକ ସ୍ୱତନ୍ତ୍ର ଟିମ ଫେସବୁକ, ୟୁଟ୍ୟୁବ ଓ ଇନଷ୍ଟାଗ୍ରାମରେ ରୀତିମତ ନଜର ରଖି ଅମାନିଆଙ୍କୁ ଖୋଜି ବାହାର କରୁ। ବିପଦଜନକ ରିଲ୍ସ ଟ୍ରେଣ୍ଡ ଆପେ କମିଯିବ। ଏମିତି ନୁହେଁ ଯେ, ଓଡ଼ିଶା ପୁଲିସ କିଛି ପଦକ୍ଷେପ ନେଉନି। ଗତ ମାର୍ଚ୍ଚ ମାସରେ ଟୁଇଟ କରିଥିଲା ରାଜ୍ୟ ପୁଲିସ। ରେଳଧାରଣା, ପାହାଡ଼ ଓ ଗଭୀର ପାଣି, ଘାଟି ଭଳି ବିପଦପୂର୍ଣ୍ଣ ଜାଗାରେ ରିଲ୍ସ ନ କରିବାକୁ ପରାମର୍ଶ ଦେଇଥିଲା। କମିଶନରେଟ ପୁଲିସ ମଧ୍ୟ ଏଭଳି ଉତ୍ପାତିଆଙ୍କ ବିରୋଧରେ ଫତୱା ଜାରି କରିଥିଲା। ସୋସିଆଲ ମିଡ଼ିଆରେ ଭୟଙ୍କର ରିଲ୍ସ ଦେଖାଇ ଆତଙ୍କ ଖେଳାଉଥିବା ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ଚେତାଇଥିଲା। ଏ କ୍ଷେତ୍ରରେ ବାପା ମାଆଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପ୍ରାଥମିକ ଭାବେ ପିଲାମାନଙ୍କୁ ମୋବାଇଲ ବ୍ୟବହାର କରିବା ପାଇଁ ଦେଉଥିଲେ ସତର୍କତା ଅବଲମ୍ବନ କରନ୍ତୁ। ପିଲା କେଉଁ ସାଇଟକୁ ଯାଉଛି, କ'ଣ ଦେଖୁଛି, କେତେ ସମୟ ବିତାଉଛି ଏବଂ ଏହାକୁ ନେଇ ତାର ବ୍ୟବହାରିକ ଓ ଆଚରଣଗତ ପରିବର୍ତ୍ତନ କ'ଣ ହେଉଛି ନଜର ରଖିବା ଜରୁରୀ। ଯଦି ପରବର୍ତ୍ତୀ ସମୟରେ ପିଲାଟି ଏଥିରେ ଅଭ୍ୟସ୍ତ ହୋଇଯାଉଛି ବା ଯେଉଁମାନେ ବି ଘଣ୍ଟା ଘଣ୍ଟା ଏପରି ବିପଦଜନକ ରିଲ୍ସ ତିଆରି କରୁଛନ୍ତି ସେମାନଙ୍କ ମନସ୍ତାତ୍ତ୍ୱିକ ପରୀକ୍ଷଣ ଓ ପରାମର୍ଶ ଦରକାର। ସେମାନେ କ୍ଲିନିକାଲ ସାଇକୋଲୋଜିଷ୍ଟଙ୍କ ଠାରୁ ଥେରାପି ବି ନେଇପାରିବେ। ଅଭଭାବକମାନେ ଏ ନେଇ ଅଧିକ ବ୍ୟତିବ୍ୟସ୍ତ ନ ହୋଇ ପିଲାଟିକୁ ସ୍ୱାଭାବିକ ଜୀବନ ଅତିବାହିତ କରିବା ପାଇଁ ବା ଜଣକୁ ଏହି ନିଶାରୁ ନିବୃତ୍ତ କରିବା ପାଇଁ ତାକୁ ଉଚିତ ପରାମର୍ଶ ଦିଅନ୍ତୁ, ତା ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ ଏବଂ ଆବଶ୍ୟକ ପଡ଼ିଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।



ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ଼,
କଟକ,
ମୋ: ୯୧୩୨୪୩୩୩୩୩




### ଝରା ଶେଫାଳୀ

**ଶ୍ରୀ ତନ୍ମୟଜ୍ୟୋତି ନାୟକ**



ଝରିପଡ..
ତୁ ଫୁଟି ବାସିଲେବି
ରାତିର ସେ ଅଭିଶପ୍ତ ପ୍ରହରରେ
ଏ ବିନିଦ୍ର ଅନ୍ଧ ମାନେ ତୋତେ
ଦେଖି, ଶୁଙ୍ଘି, ଜାଣି
ନଦେଖି ନଜାଣିବାର ଅଭିନୟ
କରିପାରନ୍ତି ।
ଝରିପଡ, ସକାଳ ହେବା ଆଗରୁ :
ତୋ ଅସ୍ତିତ୍ୱ ପାଇଁ ଲଢି ଲଢି,
ତୁ ଜୀବିତ - ଏହାର ଶତ ପ୍ରମାଣ
ଦେଲେ ବି
ଏମାନେ ତୋ ଉପରେ ଚଢି
ତୋତେ ଦଳି ମକଚି ଦେବେ।
କେହି ତୋତେ ଆଦରିବେ ନାହିଁ -
ତୁ ଆସିଚୁ ଝରିବା ପାଇଁ,
ମରିବା ପାଇଁ।
ଖାଲି ତୁ ନୁହଁ, ତୋର ଭବିଷ୍ୟତର
ଅଭିସମ୍ପାତିତ ପିଢ଼ି ମାନେ ବି
ଏମିତି ଚାହି ଚାପରା ସହୁଥିବେ।
ରାତି ସାରା କୁହୁଡି ମାଡ଼ ଖାଇ
ସକାଳକୁ ଝରିଯିବେ
କେଉଁ ଏକ ହୀନ ଅଭିମାନରେ।

+ବିଶ୍ୱଭାରତୀ, ଶାନ୍ତିନିକେତନ

### ତୁମେ ନାହଁ ବୋଲି

**ନିରଞ୍ଜନ ପତି**



ତୁମେ ନାହଁ ବୋଲି ବସନ୍ତ ଥିଲେବି
ଗାଉନି କୋକିଳ
ସପ୍ତ ସୁରେ ମିଠା କୁହୁ
ତୁମେ ନାହଁ ବୋଲି ବାଟଚଲା
ବାଧେ
ଏକା ମୁଁ ବାଟୋଇ
ହୁଏ ଖାଲି ହୁ ହୁ ହୁ ହୁ।

ତୁମେ ନାହଁ ବୋଲି ସୁନ୍ଦର ଘରଟା
ମାଧୁରୀ ହରାଇ
ଲାଗୁଅଛି ଖାଆଁ ଖାଆଁ,
ତୁମେ ନାହଁ ବୋଲି ଦୁଃସ୍ୱପ୍ନ ଦେଖୁଛି
କାନମୁଣ୍ଡ ଖାଲି
ହେଉଅଛି ଭାଆଁ ଭାଆଁ।

ତୁମେ ନାହଁ ବୋଲି ଟିଭି କାର୍ଯ୍ୟକ୍ରମ
ସୁରଭି ବିହୀନ
ଶବ୍ଦ ଖାଲି ସଅଁ ସାଆଁ,
ବନ୍ଧୁ ଭାଇ ଭଗ୍ନୀ ଫୋଓନ କରିଲେ
ଦୁଃଖ ମନ ନେଇ
କହେ ଖାଲି ହଅଁ ହାଆଁ।

ତୁମେ ନାହଁ ବୋଲି ଥାକ ଅସଜଡା
ଯୋଉଠି ଯେମିତି
ବହି ଖାତା ଠାଆ ଠାଆ,
ତୁମେ ନାହଁ ବୋଲି ମନ ଗହନଟା
ଅଶାନ୍ତ, ବ୍ୟଥିତ
ଦୁଃଖ ଲାଗେ ଛାଆଁ ଛାଆଁ ।

+ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ-୯୯୩୮ ୧୩୩୫୫୯

### ନୀରବତା

**ମୂଳ ହିନ୍ଦୀ-ଡକ୍ଟର ଗୀତାଞ୍ଜଳି ରେଣୁ ଦାଶ**
**ଅନୁସୃଜନ-ଦିବାକର ନାୟକ**



ଆଖିରେ ମୋ ତୁମ ପାଇଁ
ଛଳଛଳ ପ୍ରୀତିର ଝରଣା
କୁଳୁ କୁଳୁ ସୁରେ ଗାଏ ତୁମ ନାମ,
ନିରନ୍ତର ବହି ଚାଲୁ
ଥିରି ଥିରି ତୁମ ମନ ଛୁଇଁବାକୁ
ତୁମେ କିନ୍ତୁ ତାକୁ ରୋକିବନି ଶ୍ୟା।

କୁହ ତ ତୁମର ଏହି ଅଭାଗିନୀ
ପ୍ରେୟସୀକୁ
କେତେ ଥର ଆସିଛ ବା ଦେଖିବାକୁ
ଭୁଲରେ ବି ମନରେ ଆସିଛି କି
କେବେ
ଲାଗିଛି କି ଆପଣାର !

ତୁମ ନାଆଁରେ ମୋ ସଂଜ ସକାଳ
ତୁମ ପାଇଁ ମୁଁ କେତେ ଯେ ବ୍ୟାକୁଳ
ହୃଦୟ କେତେ ଯେ ପାଗଳ
ଥରେ ଭାବିଛ କି ଏ କଥା ନନ୍ଦ
ଦୁଲ୍ଲାଳ !

କିନ୍ତୁ ଆଜି ମୁଁ ମୋ ଅନ୍ତଃକରଣରୁ
ନିର୍ମଳ ହୃଦୟରେ କରୁଛି ନିବେଦନ
ମୋତେ ଛାଡି ଆଉ ଯାଅ ନାହିଁ
ମୋ ଭିତରେ ସେମିତି ହିଁ ରହିଥାଅ
ଆତ୍ମା ପୁରୁଷଟେ ହୋଇ।

ହେ କାହ୍ନା !
ହୁଅ ନାହିଁ ଏତିକି ନିଷ୍ଠୁର
ଦେବତାରୁ ପୁଣି ହୁଅନି ପଥର
ତୁମେ ଭୁଲିଗଲେ ମୋତେ
ଭାଙ୍ଗିଯାଇ ବିକ୍ଷିପ୍ତ ହୋଇଯିବ
ଏହି ମୋ ହୃଦୟ-ମୁକୁର।

ଭାବିଛି ମୁଁ ତୁମେ ମୋ ଚକ୍ଷୁର
ଜ୍ୟୋତି
ଆଉ ବୁକୁର ସ୍ପନ୍ଦନ
ମୋ ମନ-ମନ୍ଦିରେ ପରା
ତୁମକୁ କରେ ମୁଁ ନିତ୍ୟ ବନ୍ଦନ।

ନା ମୁଁ ତୁମ ପ୍ରୀତି ବିନା
ନା ତୁମେ ମୋ ପ୍ରୀତି ବିନା
ହୋଇ ପାରିବ କି ଭାବର ସ୍ୱଚ୍ଛ
ଧାରାଟିଏ
ନଶ୍ୱର ଏହି ଦୁନିଆରେ
ତୁମେ ମୋ ଶାଶ୍ୱତ ଈଶ୍ୱର
ତୁମ ବିନା ଏ ଜୀବନେ
ମୋକ୍ଷ ମୋତେ ଦେବ ଅବା କିଏ ?

+ପାଟପୁର କନିସି ଗଞ୍ଜାମ
ମୋ ୯୯୩୮୬୧୯୯୮୧

## ମୁଁ ମନ୍ଦିର ଯିବି କି ମସଜିଦ ଏହା ମୋର ବ୍ୟକ୍ତିଗତ ଇଚ୍ଛା, ଏଥିପାଇଁ କାହାରି ପ୍ରଶ୍ନର ଉ  ର ଦେଇ କ୍ଷମା ମାଗି ପାରିବି ନାହିଁ: ସାରା ଅଲି ଖାନ



ବଲିଉଡ ଅଭିନେତ୍ରୀ ସାରା ଅଲି ଖାନଙ୍କ ବାପା ସେ ?ଫ ଅଲି ଖାନ ମୁସଲମାନ ହୋଇଥିବା ବେଳେ ମା' ଅମୃତା ସିଂହ ହିନ୍ଦୁ । ସାରା ତାଙ୍କ ଶେଷନାମ ଅଲି ଖାନ ଲେଖୁଥିବାରୁ ମନ୍ଦିର ଯିବାକୁ ନେଇ ସାରା ଅଲ୍ଲି ଖାନଙ୍କୁ ଅନେକଥର ଲୋକ ଟ୍ରୋଲ କରିଛନ୍ତି । ମନ୍ଦିର ଓ ମସଜିଦ ଯିବାକୁ ନେଇ ଅନେକ ପ୍ରଶ୍ନ ବି ଲୋକେ ସାରାଙ୍କୁ ପଚାରିଛନ୍ତି ।

ନିକଟରେ ସରନେମକୁ ନେଇ ଏକ ସାକ୍ଷାତକାରେ ସାରାଙ୍କୁ ପ୍ରଶ୍ନ କରାଯାଇଥିଲା । ଏହି ପ୍ରଶ୍ନର ଉ  ର ଦେଇ ସାର କହିଛନ୍ତି, 'ପୂର୍ବରୁ ଲୋକେ ମୋତେ ସରନେମକୁ ନେଇ ଖୁବ ଟ୍ରୋଲ କରିଛନ୍ତି । ଯେଉଁଥିପାଇଁ ମୋତେ କଷ୍ଟ ବି ହୋଇଥିଲା । ମୁଁ କେମିତି ଏସବୁର ସାମ୍ନା କରିବି କିଛି ବୁଝି ପାରି ନଥିଲି । ଧୀରେଧୀରେ ମୋତେ ଏସବୁ ସାମାନ୍ୟ ଲାଗିଥିଲା । ନିଜ ପାଇଁ କେମିତି ଲଢ଼ିବି ତାହା ଜାଣି ଯାଇଥିଲି ।

ମୋର ଧାର୍ମିକ ମାନ୍ୟତା କ'ଣ, ମୁଁ କେଉଁ ପୋଷାକ ପିନ୍ଧିବି, କେମିତି ବିମାନବନ୍ଦରରେ ଯିବି କ'ଣ ଖାଇବି ଏହା ମୋର ବ୍ୟକ୍ତି କଥା । ଏଥିପାଇଁ ମୁଁ କେବେ କାହାରି ପ୍ରଶ୍ନର ଉ  ର ଦେଇ ପାରିବି ନାହିଁ କି କ୍ଷମା ବି ମାଗି ପାରିବି ନାହିଁ।'

## ବାପା ହେବା ଖୁସିରେ ବର୍ଷକ ପାଇଁ ଛୁଟି ନେବେ ରଣବୀର



ଅଭିନେତା ରଣବୀର ସିଂ ଏବଂ ଦୀପିକା ପାଦୁକୋନଙ୍କ ଘରକୁ ଖୁବଅଳ୍ପ ଦିନ ମଧ୍ୟରେ ନୂଆ ଅତିଥିଙ୍କ ଆଗମନ ହେବ। ଅନେକ ବର୍ଷ ଧରି ଡେଟିଂ କରିବା ପରେ ରଣବୀର ଓ ଦୀପିକା ପରସ୍ପରକୁ ୨୦୧୮ ନଭେମ୍ବର ୧୪ ତାରିଖରେ ଇଟାଲୀର କୋମୋ ହ୍ରଦର ଭିଲ୍ଲା ଡେଲ ବାଲବିୟାନେଲୋରେ ବିବାହ କରିଥିଲେ। ଏହି ଷ୍ଟାର ଦମ୍ପତି ଖୁବଶୀଘ୍ର ବାପା ଓ ମା' ହେବାକୁ ଯାଉଛନ୍ତି । ଉଭୟ ଏହାକୁ ନେଇ ବହୁତ ଖୁସି ଏବଂ ଉତ୍ସାହିତ ଅଛନ୍ତି। ଏହି ମୁହୂର୍ତ୍ତକୁ ରଣବୀର ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ପରିବାର ସହିତ ସମୟ କାଟିବା ପାଇଁ ରଣବୀର ଏକବର୍ଷ ପାଇଁ ବରତି ନେବାର ଯୋଜନା କରୁଛନ୍ତି। ଏଥିସହିତ ନୂଆ ଅତିଥିର ସ୍ୱାଗତ ପାଇଁ ଦୀପିକା ଓ ରଣବୀର ଦୁହେଁ ସେମାନଙ୍କ କାମକୁ ଧୀରେଧୀରେ ସାରିଦେବାକୁ ଚେଷ୍ଟା କରୁଛନ୍ତି। କାହିଁକି ନା ନୂଆ ଅତିଥିକୁ ସେମାନେ ଅଧିକରୁ ଅଧିକ ସମୟ ଦେଇ ପାରିବେ। ତେବେ ରଣବୀର ଓ ଦୀପିକା ବାପା ଓ ମା' ହେବା ଖବର ପାଇବା ପରେ ଷ୍ଟାର ଦମ୍ପତିଙ୍କ ଫ୍ୟାନ୍ସମାନେ ବି ଖୁବ ଖୁସି ହେବା ସହିତ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଆସିଲା 'କଙ୍ଗୁଭା'ର ଟିଜର: ଭୟଙ୍କର ଭୂମିକାରେ ବବି ଦେଓଲଙ୍କ ଜଲୱା






ପ୍ରଥମେ 'କଙ୍ଗୁଭା'ର ପ୍ରଥମ ଲୁକ୍ ଏକ ଉତ୍ତେଜନା ସୃଷ୍ଟି କଲା, ତା'ପରେ ଫିଲ୍ମର ସୁଟିଂ ଏବଂ ବଜେଟ୍ ମଧ୍ୟ ଆଶ୍ଚର୍ଯ୍ୟ କଲା ଏବଂ ବର୍ତ୍ତମାନ 'କଙ୍ଗୁଭା'ର ଟିଜର ରିଲିଜ୍ ହୋଇଛି। ବର୍ତ୍ତମାନ ଏହି ଟିଜର ୟୁଟ୍ୟୁବରେ ଏକ ଆଲୋଡ଼ନ ସୃଷ୍ଟି କରିଛି। ଏଥିରେ ବବି ଦେଓଲ୍ ଭିଲେନ୍ ଉଧିରନ୍ ଭୂମିକାରେ ନଜର ଆସିଛନ୍ତି। ବହୁ ପ୍ରତୀକ୍ଷିତ 'କଙ୍ଗୁଭା' ସାଉଥ୍ ଇଣ୍ଡଷ୍ଟ୍ରୀର ଏମିତି ଏକ ଚଳଚ୍ଚିତ୍ର ଯାହାକୁ ନେଇ ପ୍ରତିଦିନ କିଛି ନା କିଛି ନୂଆ ଖବର ଆସୁଛି। ସର୍ବ ପ୍ରଥମେ 'କଙ୍ଗୁଭା'ର ପ୍ରଥମ ଲୁକ୍ ଏକ ଉତ୍ତେଜନା ସୃଷ୍ଟି କଲା, ତା'ପରେ ଫିଲ୍ମର ସୁଟିଂ ଏବଂ ବଜେଟ୍ ମଧ୍ୟ ଆଶ୍ଚର୍ଯ୍ୟ କଲା ଏବଂ ବର୍ତ୍ତମାନ 'କଙ୍ଗୁଭା'ର ଟିଜର ରିଲିଜ୍ ହୋଇଛି। ବର୍ତ୍ତମାନ ଏହି ଟିଜର ୟୁଟ୍ୟୁବରେ ଏକ ଆଲୋଡ଼ନ ସୃଷ୍ଟି କରିଛି। ଏହି ଚଳଚ୍ଚିତ୍ରରେ ସିଙ୍ଘମ୍ ସୂର୍ଯ୍ୟା ମୁଖ୍ୟ ଭୂମିକାରେ ଥିବାବେଳେ 'ଆନିମଲ୍' ଫିଲ୍ମର ଅବରାର ବା ବବି ଦେଓଲ୍ ଭିଲେନ୍ ଉଧିରନ୍ ଭୂମିକାରେ ନଜର ଆସିଛନ୍ତି। ଫିଲ୍ମର ଏହି ତାରକାମାନଙ୍କର ଝଲକ ପାଇବା ମାତ୍ରେ ପ୍ରଶଂସକମାନେ ପାଗଳ ହୋଇଯାଇଛନ୍ତି। କେବଳ ଫିଲ୍ମର ଆକ୍ସନ୍ ଏବଂ ଚରିତ୍ରମାନଙ୍କର ଚେହେରା ଆଶ୍ଚର୍ଯ୍ୟଜନକ ନୁହେଁ, ଫିଲ୍ମର ଗ୍ରାଫିକ୍ସ ମଧ୍ୟ ଚମତ୍କାର ହୋଇଛି। ସେଥିପାଇଁ 'କଙ୍ଗୁଭା'ର ଟିଜର ମାତ୍ର ୧୮ଘଣ୍ଟା ଭିତରେ ୟୁଟ୍ୟୁବରେ ୧୨ ମିଲିୟନ୍‌ରୁ ଅଧିକ ଭିୟୁ ପାଇସାରିଲାଣି। ସେହିପରି ଖବର ଲେଖାହେବା ବେଳକୁ ୧୧ ହଜାରରୁ ଅଧିକ ପ୍ରତିକ୍ରିୟା ଆସିସାରିଥିଲା।

'ସିଙ୍ଘମ' ଅଭିନେତା ସୂର୍ଯ୍ୟ ଶିବକୁମାରଙ୍କ ମ୍ୟାଗ୍ନମ୍ ଓପସ୍ 'କଙ୍ଗୁଭା'କୁ ଗ୍ରୀନ୍ ଷ୍ଟୁଡିଓ ଦ୍ୱାରା ନିର୍ମିତ ହୋଇଛି ଏବଂ ଏହାକୁ ଶିବା ନିର୍ଦ୍ଦେଶନା ଦେଇଛନ୍ତି। 'କଙ୍ଗୁଭା'ର ସୁଟିଂ ପ୍ରାୟ ଦୁଇ ବର୍ଷ ଧରି ଚାଲିଛି ଏବଂ ବର୍ତ୍ତମାନ ଏହାର ପୋଷ୍ଟ-ପ୍ରଡକ୍ସନ କାମ ଚାଲିଛି। ଫିଲ୍ମର ବଡ ବଜେଟ୍ ମଧ୍ୟ ଲୋକଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି। ଫିଲ୍ମର ବଜେଟ୍ ୩୦୦ ରୁ ୩୫୦ କୋଟି ମଧ୍ୟରେ ହେବ ବୋଲି କୁହାଯାଉଛି। ଏହିପରି, ବଜେଟ୍ ଦୃଷ୍ଟିରୁ ମଧ୍ୟ ଫିଲ୍ମ ପ୍ରଶଂସକଙ୍କ ହୋସ୍ ଉଡାଇ ଦେଉଛି। ଏହା ସହିତ ଏହାର ସୁଟିଂ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ଫିଲ୍ମ ବିଷୟରେ କହିବାକୁ ଗଲେ ନିର୍ମାତା 'ଆଡନା ଆର୍ଟ ଷ୍ଟୁଡିଓ'ରେ ଏହାର ଡବିଂ ସେସନ୍ ଆରମ୍ଭ କରିଛନ୍ତି। ନିକଟରେ ଫିଲ୍ମର ମୁଖ୍ୟ ଅଭିନେତା ସୁପରଷ୍ଟାର ସୂର୍ଯ୍ୟ ଶିବକୁମାର ଏହି ଫିଲ୍ମର ଡବିଂ ଆରମ୍ଭ କରିଛନ୍ତି। ନିର୍ମାତା ଲକ୍ଷ୍ୟ ରଖିଛନ୍ତି ଯେ ଦର୍ଶକଙ୍କୁ ଏକ ବିଶ୍ୱସ୍ତରୀୟ ସିନେମାଟିକ୍ ଅଭିଜ୍ଞତା ଦେବା, ଯାହା ରୂପେଲି ପରଦାରେ କୌଣସି ବିନା ସାଲିସ୍‌ରେ ଏକ ଆନ୍ତର୍ଜାତୀୟ ସିନେମାର ସମକକ୍ଷ ହୋଇପାରିବ। ଷ୍ଟୁଡିଓ ଗ୍ରୀନ୍ ର କେ.ଇ ଗତ ୧୬ ବର୍ଷ ମଧ୍ୟରେ 'ସିଙ୍ଘମ୍' ସିରିଜ୍, 'ପରୁଥୀ ବୀରନ୍', 'ସିରୁଥାଇ', 'କୋମ୍ବନ୍', 'ନାନ୍ ମହାନ୍ ଆଲ୍ଲା', 'ମଦ୍ରାସ', 'ଟେଡି' ଏବଂ 'ପାଥୁ ଥାଲା' ସମେତ ଅନେକ ବ୍ଲକ୍‌ଷ୍ଟର୍ ହିଟ୍ ଦେଇଥିବାରୁ ଜାନୱେଲ୍ ରାଜା ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିରେ ଏକ ବଡ ନାମ ପାଲଟିଯାଇଛନ୍ତି।

## ଅଙ୍କିତା ଲୋଖଣ୍ଡେଙ୍କ ତୃତୀୟ ବିବାହ : ସୋସିଆଲ ମିଡ଼ିଆରେ ଭାଇରାଲ



ଲୋକପ୍ରିୟ ଟିଭି ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେଙ୍କ ପ୍ରଶଂସକଙ୍କ ପାଇଁ ଏକ ଆଶ୍ଚର୍ଯ୍ୟଜନକ ଖବର ଆସୁଛି। ଅଭିନେତ୍ରୀ ପୁଣି ଥରେ କନ୍ୟା ସାଜି ତୃତୀୟ ଥର ବିବାହ କରିଛନ୍ତି। ପୁଣିଥରେ ଅଙ୍କିତା ଲୋଖଣ୍ଡେଙ୍କର ଏକ ବିବାହ ବନ୍ଧନରେ ବାନ୍ଧି ହେବାର ଖବର ସାମ୍ନାକୁ ଆସିଛି। ଏହା ଶୁଣି ପ୍ରଶଂସକ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। କିନ୍ତୁ ଏହା ସତ୍ୟ ଯେ ଅଙ୍କିତା ତୃତୀୟ ଥର ପାଇଁ ବିବାହ କରିଛନ୍ତି। ଏହାର ପ୍ରମାଣ ମଧ୍ୟ ଅଛି। ତାଙ୍କର ବିବାହର ଫଟୋ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ, ପ୍ରଶ୍ନ ଉଠୁଛି ଅଙ୍କିତାଙ୍କ ନୂଆ ବର କିଏ ଏବଂ ତାଙ୍କ ସ୍ୱାମୀ ଭିକି ଜୈନଙ୍କ ସହ କ'ଣ ହେଲା ? ଯେତେବେଳେ ଅଙ୍କିତା ତାଙ୍କ ସ୍ୱାମୀ ଭିକିଙ୍କ ସହିତ ରିୟଲିଟି ସୋ ବିଗ୍ ବସ୍ ୧୭ ସିଜିନର ଏକ ଅଂଶ ହୋଇଥିଲେ। ସେତେବେଳେ ସେମାନଙ୍କ ସମ୍ପର୍କରେ ଅନେକ ମତଭେଦ ଦେଖାଦେଇଥିଲା । ଜାତୀୟ ଟିଭିରେ ଉଭୟଙ୍କ ମଧ୍ୟରେ ବହୁଥର ଝଗଡା ହୋଇଥିଲା ଏବଂ ଏପରିକି କଥା ଛାଡପତ୍ର ପର୍ଯ୍ୟନ୍ତ ପହଞ୍ଚିଥିଲା। ଅଙ୍କିତା କ୍ରୋଧରେ ଭିକିଙ୍କୁ ଅନେକ ଥର ଛାଡ଼ପତ୍ର ଦେବାକୁ ଧମକ ଦେଇଥିଲେ। ଏହି ସମୟରେ, ବର୍ତ୍ତମାନ ସେମାନଙ୍କ ବିବାହର ଖବର ଆସିଛି । ଏଭଳି ପରିସ୍ଥିତିରେପ୍ରଶଂସକମାନେ ଆଶଙ୍କାରେ ଅଛନ୍ତି ଯେ ଅଙ୍କିତା ଭିକିଙ୍କୁ ଛାଡପତ୍ର ଦେଇ ଅନ୍ୟ କାହାକୁ ବିବାହ କରିଛନ୍ତି କି ? କିଛି ପ୍ରଶଂସକ ଚାହୁଛନ୍ତି ଅଙ୍କିତା ଏବଂ ଭିକି ଅଲଗା ହେବା ଉଚିତ୍ । ବାସ୍ତବରେ ଅଙ୍କିତାଙ୍କ ପ୍ରଶଂସକ ଏବଂ ସାଧାରଣ ଲୋକେ ଶୋ'ରେ ଅଭିନେତ୍ରୀଙ୍କ ସହ ଭିକି ଏବଂ ତାଙ୍କ ମା'ଙ୍କ ଆଚରଣରେ ଅସନ୍ତୁଷ୍ଟ ଅଛନ୍ତି। ଏଭଳି ପରିସ୍ଥିତିରେ ଏହି ବିବାହ ଖବର ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ତେବେ ଏହି ବିବାହର ସତ୍ୟତା କ'ଣ ? ବାସ୍ତବରେ, ବର୍ତ୍ତମାନ ଯେଉଁ ଭିଡିଓ ସାମ୍ନାକୁ ଆସିଛି ସେଥିରେ ଅଙ୍କିତା ସରଳତା ସହିତ ମନ୍ଦିରରେ ସାତଫେରା ନେଉଥିବାର ନଜର ଆସିଛନ୍ତି। ସେ ଭିକିଙ୍କୁ ତୃତୀୟ ଥର ପାଇଁ ବିବାହ କରିଛନ୍ତି। ଉଭୟଙ୍କର ଚେହେରା ବହୁତ ସରଳ ଦେଖାଯାଉଛି। ଦୁହେଁ ପରସ୍ପର ଆଡକୁ ପ୍ରେମର ସହ ଚାହୁଁଛନ୍ତି । ତେବେ, ବର୍ତ୍ତମାନ ସେମାନଙ୍କ ତୃତୀୟ ବିବାହ ଖବରର ସତ୍ୟତା ବିଷୟରେ କିଛି କୁହାଯାଇପାରୁ ନାହିଁ। କାରଣ ଏହି ଦମ୍ପତି ନିଜ ଅଫିସିଆଲ ସୋସିଆଲ ମିଡିଆ ଆକାଉଣ୍ଟ ଜରିଆରେ ଏହି ଫଟୋ ସେୟାର କରିନାହାନ୍ତି। ଏହି ଫଟୋ ଇଣ୍ଟରନେଟରେ ଭାଇରାଲ ହୋଇଛି। ଯଦି ଅଙ୍କିତା ପୁଣି ଥରେ ବିବାହ କରିଥାନ୍ତେ, ତେବେ ସେ ପୂର୍ବ ପରି ତାଙ୍କ ପ୍ରଶଂସକଙ୍କୁ ଏହା ଜଣାଇଥାନ୍ତେ। ଏପରି ପରିସ୍ଥିତିରେ, ଏହା ହୋଇପାରେ ଏହି ଫଟୋ କିଛି ସୁଟିଂର ଏକ ଅଂଶ ଏବଂ ଉଭୟ ଏକ ମ୍ୟୁଜିକ୍ ଭିଡିଓରେ ଦେଖା ଦେବାକୁ ଯାଉଛନ୍ତି।

## ଲୋକପ୍ରିୟ ଅଭିନେତା ଅଜୟ ବେହେରା



ଓଡ଼ିଶାର କଳା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଯିଏ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେ ହେଉଛନ୍ତି ଲୋକପ୍ରିୟ କଳାକାର ଅଜୟ ବେହେରା। ଭଦ୍ରକ ଜିଲ୍ଲାର ବାସୁଦେବପୁର ପୌର ପାଳିକାର ଭୈରବପୁର ଠାରେ ସେ ଜନ୍ମ ଗ୍ରହଣ କରନ୍ତି । ତାଙ୍କର ପିତା ଘନଶ୍ୟାମ ବେହେରା ଓ ମାତା ଅବନ୍ତି ବେହେରା । ପତ୍ନୀ ଅନିତା ବେହେରା । ତାଙ୍କର ଦୁଇ ପୁଅ ଜଗନ୍ନାଥ ଓ ଚନ୍ଦନ । ଅଜୟ ବେହେରାଙ୍କ ଅଭିନୟ ଜୀବନରେ ସଫଳ ନାଟକ ହେଉଛି ରତି ପାହିବାକୁ ଅଳପ ବାକି, ଭାଇ ଭାଙ୍ଗି ଦେଲା ଭଉଣୀ ଶଙ୍ଖା, ଆ ଜହ୍ନ ମାମୁଁ ସରଗ ଶଶି, କହଲ ବଉଳ କିଏ ତୋ ବର, ଅନ୍ଧ ଦେଶେ ଗଲି ଦର୍ପଣ ବିକି । ଅଜୟ ବେହେରା ଖୁବ୍ ସୁନ୍ଦର ଅଭିନୟ କରିଛନ୍ତି ଗାଁ ଡ୍ରାମାରେ ଓ ବିଭିନ୍ନ ଅଞ୍ଚଳରେ । ଅଭିନୟ ବ୍ୟତୀତ ସେ ସୁନ୍ଦର ଭାବେ ମଞ୍ଚରେ ସାୟରି କୁହନ୍ତି ଓ ମଞ୍ଚରେ ଆଙ୍କରିଂ କରିଥାନ୍ତି । ଏହା ବ୍ୟତୀତ ସେ ଜଣେ ଜଣାଶୁଣା କବି । ସୁନ୍ଦର କବିତା ସେ ଲେଖନ୍ତି । ବାସୁଦେବପୁର ସଙ୍ଗୀତ କଳା ପରିଷଦ, ବାଇ ଚଢେଇ ସାହିତ୍ୟ ଅନୁଷ୍ଠାନ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ଓ ବହୁ ଅନୁଷ୍ଠାନରୁ ସେ ପୁରସ୍କାର ଲାଭ କରିଛନ୍ତି ଓ ସମ୍ବର୍ଦ୍ଧିତ ହୋଇଛନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ଭଜନ ଜଣାଣ ସେ ଗାଇଥାନ୍ତି ଓ ଆଧ୍ୟାତ୍ମିକ ଚିନ୍ତାଧାରାରେ ବଟ ଚାଲନ୍ତି । ବାସୁଦେବପୁର ବ୍ଲକ ରୋଡରେ ସେ ମାମୁନି ଲସି ଭଣ୍ଡାର ଦୋକାନ କରି ଜୀବନ ଜୀବିକା ନିର୍ବାହ କରୁଛନ୍ତି । ଅନେକ ସମୟ ରେ ପରିବେଶ ସୁରକ୍ଷା ପାଇଁ ସେ ଗଛ ଲଗାନ୍ତି ଓ ଲୋକ ମାନଙ୍କୁ ମାଗଣାରେ ଜଳ ଦାନ କରିଥାନ୍ତି । ଏହି କଳା ସଂସ୍କୃତି ପ୍ରେମୀ ସାଧକ ଅଜୟ ବେହେରା ସାହିତ୍ୟ ସିନେମା ଯାତ୍ରା ସିରିଏଲ୍ ଆଲବମକୁ ଭଲ ପାଆନ୍ତି । ସଙ୍ଗୀତ ନାଟକ ଚଳଚ୍ଚିତ୍ର ସଂଳାପକୁ ସେ ଆଲୋଚନା କରନ୍ତି । ଈଶ୍ୱରଙ୍କ କୃପାରୁ ତାଙ୍କର ଭବିଷ୍ୟତର ଚଲାପଥରେ ପୁଷ୍ପ ବୃଷ୍ଟି ହେଉ ।

ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ: ୯୯୩୭୯୭୬୩୫୧

# ପାହାଡ ଚଢ଼ି ପାରୁନି ବିକାଶ: ସିନ୍ଧିଗୁଡ଼ାରେ ଉତ୍କଟ ଜଳ ସମସ୍ୟା, ପାଣି ପାଇଁ ୨ କିମି ଯାଉଛନ୍ତି ଗ୍ରାମବାସୀ



ମାଲକାନଗିରି, ୨୧/୩ (ନି.ପ୍ର): ମାଲକାନଗିରି ଜିଲ୍ଲାର ବଣ୍ଡାଘାଟିରେ ଆଜି ବି ସରକାରଙ୍କର ମୌଳିକ ସୁବିଧା ପହଞ୍ଚି ପାରି ନାହିଁ। ଏହି ବଣ୍ଡାଘାଟିରେ ଆଦିମ ଜନଜାତି ବଣ୍ଡା ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି। ଏମାନଙ୍କର ଉନ୍ନତି ଏବଂ ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଂକା ଖର୍ଚ୍ଚ କରିଚାଲିଛନ୍ତି। ଏପରିକି ଏମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ କରିବା ପାଇଁ ବଣ୍ଡା ଉନ୍ନୟନ ସଂସ୍ଥା ମଧ୍ୟ ସରକାର ଖୋଲିଛନ୍ତି। କିନ୍ତୁ ବଣ୍ଡାଘାଟିର ବିକାଶର ଚିତ୍ର ଆଜି ପର୍ଯ୍ୟନ୍ତ ବଦଳିଲା ନାହିଁ, ଯାହାର ସଦ୍ୟତମ ଉଦାହରଣ ହେଉଛି ଏହି ଘାଟିରେ ରହିଥିବା ଦୁଇଟି ପଞ୍ଚାୟତ ମଧ୍ୟରୁ ଅନ୍ଦ୍ରାହାଲ ପଞ୍ଚାୟତର ସିନ୍ଧିଗୁଡା ଗ୍ରାମ।ପାହାଡ ଉପରେ ରହିଥିବା ସିନ୍ଧିଗୁଡା ଗ୍ରାମରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି।

ସମସ୍ତେ ବଣ୍ଡା ସଂପ୍ରଦାୟର ଲୋକେ।ପାହାଡ ଉପରେ ଚାଷବାସ କରିବା ସହ ଜଂଗଲ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ। ଜଂଗଲଜାତ ଦ୍ରବ୍ୟ ସଂଗ୍ରହ କରି ନିକଟସ୍ଥ ହାଟମାନଙ୍କରେ ସେଗୁଡିକ ବିକ୍ରି କରି ନିଜର ଦୈନନ୍ଦିନ ସାମଗ୍ରୀ ଘରକୁ ନିଅନ୍ତି। ଆଜି ଲୋକେ ସରକାରଙ୍କ ସମସ୍ତ ସୁବିଧା ପାଇ ପାରୁନାହାନ୍ତି। ସବୁଠାରୁ ବଡ ଦୁଃଖ ହେଲା ଏହି ଗ୍ରାମରେ ରହିଥିବା ଜଳ ସଂକଟ। ଗ୍ରାମର ମହିଳାମାନେ ପାହାଡ ଉପରେ ପ୍ରାୟ ଦୁଇ କିଲୋମିଟର ପାଦରେ ଚାଲି ଚାଲି ଚୁଆରୁ ପାଣି ସଂଗ୍ରହ କରି ନିଜର ଗୁଜରାଣ ମେଣ୍ଟାଉଛନ୍ତି। ପ୍ରଶାସନ ସବୁ ଜାଣି ଅଜଣା ପାଲଟିଛି। ଗ୍ରାମବାସୀ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଉନ୍ନୟନ ସଂସ୍ଥା ପର୍ଯ୍ୟନ୍ତ ପାଣି ପାଇଁ ଗୁହାରି କରି ଥକିଗଲେ। ଶେଷରେ ଚୁଆ ପାଣି ଉପରେ ନିର୍ଭର କରି ଚଳୁଛନ୍ତି।

ବର୍ଷାଦିନ ହେଲେ ପାଣି ମିଳିବା କଷ୍ଟସାଧ ବୋଲି ବଣ୍ଡା ମହିଳାମାନେ କହନ୍ତି। କେବଳ ପାଣି ହିଁ ପହଞ୍ଚି ନାହିଁ। ଏହାବ୍ୟତୀତ ରାସ୍ତା ନାହିଁ, ସ୍କୁଲ ନାହିଁ। ଅଙ୍ଗନବାଡି ନାହିଁ। ଲୋକେ ଅତି ଦୟନୀୟ ଭାବେ ବଞ୍ଚି ରହିଛନ୍ତି। ସରକାର ଏମାନଙ୍କ ପାଇଁ ଏତେ ଟଂକା ଖର୍ଚ୍ଚ କରୁଛନ୍ତି କିନ୍ତୁ ଏହି ଟଂକା କୁଆଡେ ଯାଉଛି ତାହାର ତଦନ୍ତ କରୁନାହାନ୍ତି।ଜୀବନଜୀବିକା ନଥିବାରୁ ବଣ୍ଡା ପୁରୁଷମାନେ ଦିନ ତମାମ ଜଂଗଲ ଭିତରେ ବିଭିନ୍ନ ଜଂଗଲଜାତ ଦ୍ରବ୍ୟ ଖୋଜିଥାନ୍ତି। ଆଜି ବି ଲୋକେ ଅଦଳ ବଦଳ ପ୍ରଥା ଉପରେ ବିଶ୍ୱାସ କରନ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ବାଧ୍ୟ ହୋଇ ଏମାନେ ନିଜ ପାଖରେ ଯାହା ଥାଏ ତାହା ଦେଇ ନିଜର ଅତ୍ୟାବଶକୀୟ ଜିନିଷ ମାଗିଥାନ୍ତି। ବଣ୍ଡାକୁ ନେଇ ରାଜ୍ୟ ସରକାରଙ୍କର ଦରଦ ରହିଥିଲେ ମଧ୍ୟ ସେମାନେ ଆଜି ବି ମୁଖ୍ୟସ୍ରୋତରେ ସାମିଲ ହୋଇପାରୁନାହାନ୍ତି। କାଁ ଭାଁ ପିଲା ପାଠ ପଢି ଆଗକୁ ବଢିଛନ୍ତି ସତ। କିନ୍ତୁ ବହୁ ପିଲା ଅପାଠୁଆ ହୋଇ ଘରେ ପରିବାରକୁ ସହଯୋଗ କରୁଥିବା ଦେଖିବାକୁ ମିଳେ। ବଣ୍ଡାଘାଟିର ଏହି ଗ୍ରାମ ଉପରେ ସରକାର ଓ ପ୍ରଶାସନର ନଜର ପଡିଲେ ଲୋକେ ଉପକୃତ ହୋଇପାରନ୍ତେ ବୋଲି କୁହାଯାଇଛି।

# ସିଂହଗାଁ କଂଗ୍ରେସ କର୍ମୀ ସମ୍ମିଳନୀ

କେନ୍ଦ୍ରାପଡ଼ା, ୨୧/୩ (ନି.ପ୍ର): କେନ୍ଦ୍ରାପଡା ବିଧାନସଭା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ ପଂଚାୟତରେ ଏକ ନିର୍ବାଚନୀ ବୈଠକ ସିଂହଗାଁଠାରେ ପଂଚାୟତ ସଭାପତି ଦୀପକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା କହିଥିଲେ ଯେ, ଆମେ ବିଧାନସଭା ଯିବା ଲକ୍ଷ୍ୟ ପୂରଣ ନେଇ ଆମକୁ 'କର ବା ମର' ଆହ୍ୱାନରେ ସମ୍ମୁଖୀନ। ସୁତରାଂ ଆମେ ସମସ୍ତେ ଏକାଠି ଲଢି ସିଂହଗାଁ ପଂଚାୟତରେ ମୋତେ ବିଜୟୀ କରିବାକୁ ନିବେଦନ କରିଥିଲେ । ଗତ ୨୦୧୯ ନିର୍ବାଚନରେ କଂଗ୍ରେସ ମାତ୍ର ୫୮ଖଣ୍ଡ ଭୋଟରେ ପରାଜିତ ହୋଇଥିଲା। ଏଥର ଏପରି ସର୍ବନିମ୍ନ ୫୮ଖଣ୍ଡ ଭୋଟରେ କଂଗ୍ରେସର ବିଜୟ ହେବ ପ୍ରାଣ ମୂର୍ଚ୍ଛା ଉଦ୍ୟମ କରିବା ଜରୁରୀ। ଏହି ବୈଠକରେ ପଂଚାୟତ କଂଗ୍ରେସ ସଭାପତି ଦୀପକ କୁମାର ନାୟକ, ପୂର୍ବତନ ସରପଂଚ କାଙ୍ଗାଳୀ ଚରଣ ସେଠୀ, ପୂର୍ବତନ ସଭାପତି ସଞ୍ଜୟ କୁମାର ବେହୁରାଙ୍କୁ ନେଇ ଏକ ତିନିଜଣିଆ ପଂଚାୟତ ନିର୍ବାଚନ କମିଟି ଗଠିତ କରାଯାଇଛି । ଏତଦ୍‌ବ୍ୟତୀତ ସିଂହଗାଁ ପଂଚାୟତ ଅନ୍ତର୍ଗତ ତିନିଗୋଟି ବୁଥ୍ ପାଇଁ ତିନିଗୋଟି ବୁଥ୍ କମିଟି ମଧ୍ୟ ଗଠନ କରାଯାଇ ନିର୍ବାଚନ ଦାୟିତ୍ୱ ଅର୍ପଣ କରାଯାଇଛି । ସିଂହଗାଁ ପଂଚାୟତକୁ ବ୍ଲକ ଓ ଜିଲ୍ଲା ସଦର ମହକୁମା ସହ ସଂଯୋଗ କରୁଥିବା କଣ୍ଡିଆନାଳ ସେତୁର ମଞ୍ଜୁରୀ ଓ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ କରିଥିବାରୁ ପଂଚାୟତ ବାସୀଙ୍କ ତରଫରୁ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କୁ ଧନ୍ୟବାଦ ଅର୍ପଣ କରି ଏକ ପ୍ରସ୍ତାବ ପାରିତ ହୋଇଥିଲା। ଏହି ବୈଠକରେ ସର୍ବଶ୍ରୀ ପ୍ରଭାକର ପାତ୍ର, ବ୍ରଜକିଶୋର ଦାସ, ରମ୍ୟରଞ୍ଜନ ସାମଲ, ମାନସ ରଞ୍ଜନ ସେଠୀ, ପ୍ରଶାନ୍ତ କୁମାର ଦାସ, କାଙ୍ଗାଳି ଚରଣ ସେଠୀ, ରାଜୀବ କୁମାର ସେଠୀ ଓ ଜ୍ୟୋତିରଞ୍ଜନ ପ୍ରଧାନ ଭାଷଣ ଦେଇ ଗଣେଶ୍ୱର ବେହେରାଙ୍କ ସମ୍ମାନ ରକ୍ଷା କରିବାକୁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସତ୍ୟ ନାରାୟଣ ଦାସ, ରାଜୀବ ସେଠୀ, କସ୍ତୁରି ସେଠୀ, ମାନସ ସେଠୀ, ପ୍ରକାଶ ମଲ୍ଲିକ, ଉଦୟନାଥ ମଲ୍ଲିକ, ଯୋଗେନ୍ଦ୍ର ମଲ୍ଲିକ, ବସନ୍ତ କୁମାର ସୂତାର, ବିକ୍ରମ ନାୟକ, ଲିପନ ନାୟକ, ଅଜୟ ଦାସ, କେଦାରନାଥ ପଲାଇ, ନରହରି ଦାସ, ସୁମନ୍ତ ଦାସ, ନାରାୟଣ ସେଠୀ, ଦୀପ୍ତିରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଜୟପୁର ଅବକାରୀ ବିଭାଗର ଚଢାଉ: ୩ ଗିରଫ

ଜୟପୁର , ୨୧/୩ (ନି.ପ୍ର): ଜୟପୁର ଅବକାରି ନିରିକ୍ଷକ କାର୍ଯ୍ୟାଳୟ ତରଫରୁ ଚଢାଉ କରି ୩ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ମୁଳାସର ଗ୍ରାମର ସୁନାଦେଇ ହରିଜନ, ସୁନା ଧର ହରଜନ ଓ ମଞ୍ଜୁ ହରିଜନ । ଅବକାରି ବିଭାଗ ସୁଚନା ଅନୁଯାଇ ଦେଶି ମଦ ଚାଲାଣ ପାଇ ପ୍ରସ୍ତୁତ ହେଉଥିବା ବେଳେ ମୁଳାସର ଗ୍ରାମ ନିକଟ କ୍ଷେତରେ ଚଢାଉ କରାଯାଇଛି । ଚଢାଉ କରି ୩ ଅଭିଯୁକ୍ତ କୁ ଗିରଫ କରି ସେ ମାନଙ୍କ ଠାରୁ ୧୨୦ ଲିଟର ଦେଶି ମଦ ଜବତ କରାଯାଇଛି । ଚଢାଉରେ ଡିଏସଇ ସ୍ୱାଗତିକା ମହାନ୍ତି ଙ୍କ ନେତୃତ୍ୱରେ ଅବକାରି ନିରିକ୍ଷକ ଶଶି କାନ୍ତ ଦଓ ଚଢାଉ କରିଥିଲେ ।

# ଟ୍ରେନରୁ ପଡି ବ୍ୟବସାୟୀ ମୋହନ ସାହୁଙ୍କ ମୃତ୍ୟୁ

କନ୍ଧମାଳ, ୨୧/୩ (ନି.ପ୍ର): ଆନ୍ଧ୍ରପ୍ରଦେଶ ବିଜୟନଗରମ ଠାରେ ଟ୍ରେନରେ ଦୁର୍ଘଟଣା ଘଟି ଫୁଲବାଣୀ ନଦିଖଣ୍ଡି ସାହିର ଜଣେ ଯୁବକ ମୋହନ ସାହୁ (୪୨)ଙ୍କ ମୃତ୍ୟୁ ଘଟିଛି। ସୁଚନା ଅନୁସାରେ ମୋହନ ତାଙ୍କ ପିତା ଓ ପରିବାର ସହ ତିରୁପତି ବୁଲିବା ପାଇଁ ଯାଇଥିଲେ। ଗତ ରବିବାର ଦିନ ବୁଲାବୁଲି ସାରି ଟ୍ରେନ୍ ଯୋଗେ ଫେରୁଥିବା ବେଳେ ସୋମବାର ମଧ୍ୟରାତ୍ରରେ ସମସ୍ତେ ଶୋଇଥିବା ବେଳେ ମୋହନ ପରିସ୍ରା କରିବା ପାଇଁ ଉଠି ଟ୍ରେନର ଶୌଚାଳୟକୁ ଯାଇଥିଲେ। ଶୌଚାଳୟରୁ ବାହାରି ନିଜ ବର୍ଥକୁ ଫେରିବା ବାଟରେ ଗେଟ ପାଖରେ ପଡିଥିବା ପାଣିରେ ତାଙ୍କର ଗୋଡ ଖସିଯିବାରୁ ସେ ଟ୍ରେନ୍ ବାହାରକୁ ଖସି ପଡିଥିଲେ। ଫଳରେ ଟ୍ରେନର ଟ୍ରାକ୍ ଭିତରେ ପଡି ଯାଇଥିଲେ। ଏହା ଦ୍ୱାରା ତାଙ୍କ ସମ୍ପୂର୍ଣ୍ଣ ଶରୀର ଛିନ୍ନବିଛିନ୍ନ ହୋଇଯାଇଛି। ଏହା ତାଙ୍କ ପରିବାର ଲୋକେ ଜାଣିବା ବେଳକୁ ଟ୍ରେନଟି ପ୍ରାୟ ୭୦ କିମି ଦୂରକୁ ଚାଲି ଯାଇଥିଲା। ପରିବାର ଲୋକେ ଟ୍ରେନକୁ ଅଟକାଇ ଖୋଜାଖୋଜି କରିବା ବେଳକୁ ମୋହନ ବିଜୟନଗରମ ନିକଟରେ ପଡିରହିଥିବା ସୁଚନା ପାଇଲେ। ଆଜି ରେଳବାଇ ପୋଲିସ ଶବକୁ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛନ୍ତି।

# ସ୍ତ୍ରୀକୁ ନିର୍ଯ୍ୟାତନା, ସ୍ୱାମୀ ନାମରେ ମାମଲା

ଜୟପୁର , ୨୧/୩ (ନି.ପ୍ର): ସ୍ତ୍ରୀକୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଜି ଅପରାହ୍ନ ୪ଟା ସମୟରେ ଅଭିଯୋଗ ହୋଇଛି । ଅଭିଯୋଗ କୁ ଭିତ୍ତି କରି ସ୍ୱାମୀ ଲଖନ ଜୟପୁରିଆ ନାମରେ ମାମଲା ରୁଜୁ ହୋଇଥିବା ବିଷୟ ଜୟପୁର ମହିଳା ଥାନା ଅଧିକାରୀ ଅନିତା କୁଜୁର ସୁଚନା ଦେଇଛନ୍ତି । ପୋଲିସ ସୁଚନା ଅନୁଯାୟୀ ଜୟପୁପର ସଦର ଥାନା ଅନ୍ତର୍ଗତ ପାତ୍ରପୁଟ ରେ ରହୁଥିବା ତୁଳା ଜୟପୁରିଆ ଗତ ୧୧ ବର୍ଷ ତଳେ ଲଖନ ଜୟପୁରିଆକୁ ବିବାହ କରିଥିଲେ ।

# ଅଦିନିଆ ବର୍ଷାରେ ବେହାଲ କଳାହାଣ୍ଡି ଚାଷୀ: ୩୦ରୁ ୪୦ ପ୍ରତିଶତ ପିଆଜ ଚାଷ ନଷ୍ଟ ଆଶଙ୍କା



ଭବାନୀପାଟଣା, ୨୧/୩ (ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ଗତ ୨ ଦିନ ଧରି ଅଦିନିଆ ବର୍ଷା ଯୋଗୁଁ କଳାହାଣ୍ଡି ଚାଷୀ ବେହାଲ ହୋଇ ପଡ଼ିଛନ୍ତି। ଡାଲି ଜାତୀୟ ଶସ୍ୟ, ପନିପରିବା ଓ ପିଆଜ ଚାଷୀ ବହୁଳ ଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି। ପ୍ରାୟ ୩୦ରୁ ୪୦ ପ୍ରତିଶତ ପିଆଜ ଓ ପନିପରିବା ଚାଷ ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି। ପାଣିପାଗ ବିଭାଗର ରିପୋର୍ଟ ଅନୁଯାୟୀ ବୁଧବାର ଭବାନୀପାଟଣା ସଦର ବ୍ଲକ୍‌ରେ ୧୨ ମିମି, କେସିଙ୍ଗା ବ୍ଲକ୍‌ରେ ୩୩.୬ ମିମି, କର୍ଲାମୁଣ୍ଡା ବ୍ଲକ୍‌ରେ ୩୮ ମିମି, ମଦନପୁର ରାମପୁର ବ୍ଲକ୍‌ରେ ୪୬ ମିମି, ନର୍ଲା ବ୍ଲକ୍‌ରେ ୩୫ ମିମି, ଲାଞ୍ଜିଗଡ଼ ବ୍ଲକ୍‌ରେ ୨୫.୮ ମିମି, ଥୁଆମୂଳ ରାମପୁର ବ୍ଲକ୍‌ରେ ୪ ମିମି, ଧର୍ମଗଡ଼ ବ୍ଲକ୍‌ରେ ୧୨ ମିମି, ଜୁନାଗଡ଼ ବ୍ଲକ୍‌ରେ ୨୩.୬ ମିମି, କଲମପୁର ବ୍ଲକ୍‌ରେ ୧୩.୨ ମିମି, ଜୟପାଟଣା ବ୍ଲକରେ ୪ ମିମି, କୋକସରା ବ୍ଲକ୍‌ରେ ୧୭ ମିମି ଓ ଗୋଲାମୁଣ୍ଡା ବ୍ଲକ୍‌ରେ ୪୩.୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହି ଅଦିନିଆ ବର୍ଷା ଯୋଗୁଁ ଭେଣ୍ଡି, ଜହ୍ନି, କୋବି ସମେତ ବିଭିନ୍ନ ପନିପରିବା କ୍ଷତି ହୋଇଛି। ସେହିଭଳି ପିଆଜ ଚାଷୀମାନେ ପ୍ରାୟ ୩୦ରୁ ୪୦ ପ୍ରତିଶତ ନଷ୍ଟ ହୋଇଥିବା ଆଶଙ୍କା କରୁଛନ୍ତି। ଡାଲି ଜାତୀୟ ଶସ୍ୟ ପାଇଁ ଅମଳ ହୋଇଥିବା ମୁଗ, ବିରି ଖଳାରେ ଥିବା ବେଳେ ଗଜା ହେବାର ଆଶଙ୍କା ରହିଛି। ଉଭୟ ପନିପରିବା ଓ ପିଆଜ ଚାଷୀ ବାରମ୍ବାର ଅଦିନିଆ ବର୍ଷା ଯୋଗୁଁ ଚିନ୍ତାରେ ପଡ଼ିଛନ୍ତି।

ଗତବର୍ଷ ପିଆଜ ମୂଲ୍ୟ କମ୍ ଥିବା ଯୋଗୁଁ ଚାଷୀ କମ୍ ପରିମାଣର ଚାଷ କରିଥିଲେ। ଭବାନୀପାଟଣା ସଦର ବ୍ଲକ ମାଟିଆ ଗ୍ରାମର ଚାଷୀ ଗୋପବନ୍ଧୁ ସାହୁଙ୍କ କହିବା ଅନୁଯାୟୀ ଗତଥର ପିଆଜ ମୂଲ୍ୟ କମ୍ ଥିବା ଯୋଗୁଁ ଏଥର ୨୦୦ ହେକ୍ଟର ଜମିରେ ପିଆଜ ଚାଷ କରିଛି। ଅଦିନିଆ ବର୍ଷା ଯୋଗୁଁ ପ୍ରାୟ ୩୦ରୁ ୪୦% ପିଆଜ ଏବଂ ପନିପରିବା ଚାଷ ନଷ୍ଟ ହୋଇଛି ବୋଲି କହିଥିଲେ। ଧାନ ଚାଷ ପରିବର୍ତ୍ତେ ପନିପରିବା ଓ ଅନ୍ୟ ଚାଷ ପ୍ରତି ଆକୃଷ୍ଟ ହୋଇଥିବା ଚାଷୀ ବର୍ତ୍ତମାନ ପ୍ରକୃତିର ଦାଉ ସାଧିବା ଯୋଗୁଁ ଅଡୁଆରେ ପଡ଼ିଛନ୍ତି। ଏନେଇ ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ କିଶୋର ମହାଲିଙ୍ଗଙ୍କୁ ପଚାରିବାରୁ ବର୍ତ୍ତମାନ କର୍ମଚାରୀମାନେ ନିର୍ବାଚନ ତାଲିମରେ ଥିବା ଯୋଗୁଁ ସବିଶେଷ ରିପୋର୍ଟ ଆସିପାରି ନାହିଁ ଗୁରୁବାର ପ୍ରାଥମିକ ରିପୋର୍ଟ ଆସିବ ବୋଲି କହିଥିଲେ। ସେହିଭଳି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପଚାରିବାରୁ ଡାଲି ଜାତୀୟ ଶସ୍ୟ କ୍ଷୟକ୍ଷତି ନେଇ ରିପୋର୍ଟ ଏପର୍ଯ୍ୟନ୍ତ ଆମର ହସ୍ତଗତ ହୋଇନାହିଁ ବୋଲି କହିଥିଲେ।

# କୋରାପୁଟର ପୂର୍ବଘାଟ ପର୍ବତମାଳାରୁ ଦୁଇଟି ନୂତନ ପ୍ରଜାତିର ଜିଆ ଆବିଷ୍କାର

ଜୟପୁର, ୨୧/୩ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷକ ମାନଙ୍କ ବିଜ୍ଞାନକୁ ଅବଦାନ କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷକ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ, କେରଳର କୋଟ୍ଟାୟମର ବୈଜ୍ଞାନିକଙ୍କ ସହଯୋଗରେ ଓଡ଼ିଶାର ପୂର୍ବ ଘାଟରୁ ପୂର୍ବରୁ ଦୁଇଟି ନୂତନ ପ୍ରଜାତିର ମେଗାସ୍କୋଲେକ୍ସ ଜିଆ ଠାବ କରିଛନ୍ତି। କୋରାପୁଟର ବିଭିନ୍ନ ସ୍ଥାନରେ ହୋଇଥିବା ଜିଆର ବିବିଧତା ଅଧ୍ୟୟନରେ ଅୟୁସ୍ମିତା ନାୟକ ରାଣୀ ଡୁଡୁମା ଏବଂ କୋରାପୁଟର ଜୟପୁର ଘାଟି ଅଂଚଳରୁ କିଛି ବଡ଼ ଜିଆର ନମୁନା ସଂଗ୍ରହ କରିଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ), କୋରାପୁଟର ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପଳିତାଙ୍କ ତତ୍ତ୍ୱାବଧାନରେ ଗବେଷକମାନେ ପରୀକ୍ଷାଗାରରେ ଏହି ନମୁନାଗୁଡ଼ିକୁ ଗୁରୁତର ସହ ପରୀକ୍ଷା କରିଥିଲେ। ପରବର୍ତୀ ସମୟରେ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ସଂସ୍ଥାର ଅବସରପ୍ରାପ୍ତ ବୈଜ୍ଞାନିକ ଡ. ଆର୍ ପାଲିଓ୍ୱାଲ ଏବଂ ଜିଆ ବିଶେଷଜ୍ଞ ଡ. ପ୍ରଶାନ୍ତ ନାରାୟଣନ୍ ଏବଂ କେରଳର ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟର ଉନ୍ନତ ପରିବେଶ ଅଧ୍ୟୟନ ଓ ନିରନ୍ତର ବିକାଶ କେନ୍ଦ୍ରର ଡ. ପ୍ରଶାନ୍ତ ନାରାୟଣନ ଏବଂ ଡକ୍ଟର ଏପି ଥୋମାସଙ୍କ ସହଯୋଗରେ ଏହି ଦୁଇଟି ବୃହତ୍ ଜିଆ ପ୍ରଜାତିକୁ ଦୁଇଟି ନୂତନ ପ୍ରଜାତି ଭାବରେ ଚିହ୍ନଟ କରାଯାଇଥିଲା ଯାହା ବିଜ୍ଞାନ ପାଇଁ ସମ୍ପୂର୍ଣ୍ଣ ନୂଆ । ଏହି ଦୁଇ ନୂଆ ପ୍ରଜାତିର ଜିଆ ହେଲେ ମେଗାସ୍କୋଲେକ୍ସ ଜୟପୋରଘାଟିଏନ୍ସିସ୍ ଓ ମେଗାସ୍କୋଲେକ୍ସ କ୍ୱାଦରିପାପିଲାଟସ୍। କୋରାପୁଟର ଏହି ଦୁଇ ନୂଆ ପ୍ରଜାତିର ରିପୋର୍ଟ ପ୍ରତିଷ୍ଠିତ ଆନ୍ତର୍ଜାତିକ ପତ୍ରିକା ଜୁଟାକ୍ସାରେ ପ୍ରକାଶ ପାଇଛି। ଏହି ଦୁଇଟି ନୂଆ ଜିଆ ପ୍ରଜାତି ଭାରତର ଓଡ଼ିଶା ରାଜ୍ୟର ଅପେକ୍ଷାକୃତ ଅଣ-ଅନ୍ୱେଷିତ ପୂର୍ବ ଘାଟ ପର୍ବତମାଳାରୁ ଆବିଷ୍କୃତ ମେଗାସ୍କୋଲେକ୍ସ ପ୍ରଜାତିର ଅଟେ । ସେମାନେ ଏକ ପ୍ରଜାତିର ଅଟନ୍ତି ଯେଉଁଥିରେ ୭/୮/୯ ର ଆନ୍ତ-ବିଭାଗୀୟ ଖଣ୍ଡରେ ଶୁକ୍ରାଣୁ-ଥଳୀର ଛଦ୍ର, ହୋଲାଣ୍ଡ୍ରିକ୍, ସେମିନାଲ ଭେସିକଲ ୯ ଓ ୧୨ ଭାଗରେ ଥିବାବେଳେ ପେନିଆଲ୍ ସେଟା ଏବଂ କ୍ୟାଲସିଫେରସ୍ ଗ୍ରନ୍ଥିର ଅନୁପସ୍ଥିତି ଦେଖାଯାଏ । ଏହି ଦୁଇଟି ନୂତନ ପ୍ରଜାତି ବାଦାମୀ ରଙ୍ଗର ମାଟି ଥିବା ପର୍ଣ୍ଣମୋଚୀଜଙ୍ଗଲରେ ଦେଖାଯାଏ । ଏହି ଦୁଇଟି ପ୍ରଜାତି ଭାରତର ଓଡ଼ିଶା ରାଜ୍ୟ କୋରାପୁଟ ଜିଲ୍ଲା ଜୟପୁର ଘାଟି ଏବଂ ରାଣୀ ଦୁଡୁମାରେ ହିଁଦେଖା ଯାଏ । ଏହି ଆବିଷ୍କାର ସହିତ ବିଶ୍ୱରେ ମୋଟ ମେଗାସ୍କୋଲେକ୍ସ ପ୍ରଜାତିର ସଂଖ୍ୟା ୭୦କୁ ବୃଦ୍ଧି ପାଇଛି, ଯେଉଁଥିରୁ ୩୪ ଟି ଭାରତରେ ଦେଖିବାକୁ ମିଳିଛି । ଭାରତରେ, ଅଧିକାଂଶ ମେଗାସ୍କୋଲେକ୍ସ ପ୍ରଜାତି ଭାରତୀୟ ପ୍ରାୟଦ୍ୱୀପର ଦକ୍ଷିଣ-ପଶ୍ଚିମ କୋଣରେ ଥିବା ପଶ୍ଚିମ ଘାଟ ପର୍ବତ ଶୃଙ୍ଖଳାର ଦକ୍ଷିଣ ଭାଗରେ ସୀମିତ । ଏହି ନୂତନ ପ୍ରଜାତିର ଆବିଷ୍କାର ପରେ ମେଗାସ୍କୋଲେକ୍ସ ଜିଆ ଗୋଷ୍ଠୀର ପରିସୀମା ଭାରତୀୟ ପ୍ରାୟଦ୍ୱୀପରୁ ଉତର ଉପଦ୍ୱୀପ ଭାରତରେ ଉତର ପୂର୍ବଘାଟ ପର୍ବତମାଳାର ଉତରଦିଗ ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି ।

# ୭୧ ବର୍ଷର ରେକର୍ଡ ଭାଙ୍ଗିଲା: ଓଡ଼ିଶାରେ ପାଗ ଅସ୍ୱାଭାବିକ, ବସନ୍ତରେ ବର୍ଷା ଓ ଶୀତର ଅନୁଭୂତି



ଭୁବନେଶ୍ୱର, ୨୧/୩ (ନି.ପ୍ର): କାଳବୈଶାଖୀ ପ୍ରଭାବରେ ସାରା ଓଡ଼ିଶାରେ ବର୍ଷା ଲାଗିରହିଛି। ଉପକୂଳଠାରୁ ଆଭ୍ୟନ୍ତରୀଣ ଓଡ଼ିଶା ପର୍ଯ୍ୟନ୍ତ, ସବୁଠି ବର୍ଷା ସହ କୋହଲା ପାଗ ଜାରି ରହିଥିବାରୁ ଗ୍ରୀଷ୍ମରେ ଉଭୟ ଶୀତ ଓ ବର୍ଷା ଅନୁଭୂତ ହେଉଛି। ବର୍ଷା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦିନର ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ତଳକୁ ଖସିଛି। ସର୍ବକାଳୀନ ରେକର୍ଡ ବିଭିନ୍ନ ସ୍ଥାନରେ ଭାଙ୍ଗିଛି। ପୁରୀ, ଭୁବନେଶ୍ୱର, କଟକ, ଚାନ୍ଦବାଲି ଓ ବାରିପଦାର ତାପମାତ୍ରା ସର୍ବକାଳୀନ ରେକର୍ଡ କରିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ସର୍ବକାଳୀନ ରେକର୍ଡ କରିଛି। ୧୯୫୨ ମସିହାଠାରୁ ଆଜି ମଧ୍ୟରେ ଅର୍ଥାତ୍ ଗତ ୭୧ ବର୍ଷ ମଧ୍ୟରେ କେବଳ ୧୯୭୦ ମସିହା ମାର୍ଚ୍ଚ ୬ରେ ଭୁବନେଶ୍ୱରରେ ଦିନର ସବୁଠାରୁ କମ୍ ସର୍ବୋଚ୍ଚ ତାପମାତ୍ରା ୨୪.୩ ଡିଗ୍ରି ରହିଥିଲା। ତେବେ ଆଜି ଦିନରେ ସର୍ବୋଚ୍ଚ ତାପମାତ୍ରା ୧୯.୨ ଡିଗ୍ରି ରେକର୍ଡ ହୋଇଛି। କେବଳ ଭୁବନେଶ୍ୱର ନୁହେଁ, ପୁରୀରେ ତ ୧୩୪ ବର୍ଷର ରେକର୍ଡ ଭାଙ୍ଗିଛି। ୧୮୮୯ ମାର୍ଚ୍ଚ ୧୨ରେ ପୁରୀରେ ସର୍ବୋଚ୍ଚ ତାପମାତ୍ରା ୨୪.୬ ଡିଗ୍ରି ରହିଥିଲା। ୧୩୪ ବର୍ଷ ପରେ ଆଜି ଦିନରେ ପୁରୀରେ ୨୦.୪ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି କଟକରେ ୧୨୧ ବର୍ଷର ରେକର୍ଡ ଭାଙ୍ଗି ଆଜି ଦିନର ତାପମାତ୍ରା ୨୦ ଡିଗ୍ରି ରେକର୍ଡ ହୋଇଛି। ୧୯୭୦ ମସିହା ମାର୍ଚ୍ଚ ୬ରେ କଟକରେ ସର୍ବୋଚ୍ଚ ତାପମାତ୍ରା ୨୩.୬ ଡିଗ୍ରି ଥିଲା। ଚାନ୍ଦବାଲିରେ ମଧ୍ୟ ୭୨ ବର୍ଷର ରେକର୍ଡ ଭାଙ୍ଗିଛି। ୧୯୫୧ରୁ ଆଜି ମଧ୍ୟରେ ୧୯୭୦ ମାର୍ଚ୍ଚ ୭ରେ ୨୨.୯ ଡିଗ୍ରି ରହିଥିବା ବେଳେ ଆଜି ୨୧ ଡିଗ୍ରି ରହିଥିଲା। ଅନୁରୂପ ଭାବେ ବାରିପଦାରେ ୨୦.୪ ଡିଗ୍ରି ରହିଥିଲା, ୧୯୫୫ରୁ ଆଜି ପର୍ଯ୍ୟନ୍ତ ଅର୍ଥାତ୍? ୬୮ ବର୍ଷ ମଧ୍ୟରେ ୧୯୭୦ ମାର୍ଚ୍ଚ ୫ରେ ଦିନର ସର୍ବୋଚ୍ଚ ତାପମାତ୍ରା ୨୨.୩ ଡିଗ୍ରି ରେକର୍ଡ କରାଯାଇଥିଲା। ଉପକୂଳ ଓଡ଼ିଶାର ପ୍ରାୟ ଅଞ୍ଚଳରେ ଦିନର ସର୍ବୋଚ୍ଚ ତାପମାତ୍ରା ସ୍ୱାଭାବିକଠାରୁ ୧୦ରୁ ୧୭.୬ ଡିଗ୍ରି କମ୍ ରହିଥିଲା। ବାଲେଶ୍ୱରରେ ସ୍ୱାଭାବିକ ତୁଳନାରେ ୧୩.୬ ଡିଗ୍ରି କମ୍ ରହିଥିବା ବେଳେ ଚାନ୍ଦବାଲିରେ ୧୫, କଟକରେ ୧୬.୬, ପାରାଦୀପରେ ୧୦.୮, ଭୁବନେଶ୍ୱରରେ ୧୭.୬, ଗୋପାଳପୁରରେ ୧୨.୫, ପୁରୀରେ ୧୧.୫, ଅନୁଗୁଳରେ ୧୫.୫, ବାରିପଦାରେ ୧୬.୩, କେନ୍ଦୁଝରରେ ୧୧.୮, ସୁନ୍ଦରଗଡ଼ରେ ୧୦.୮, ଫୁଲବାଣୀରେ ୧୩.୨, ଟିଟିଲାଗଡ଼ରେ ୧୦.୪ ଡିଗ୍ରି କମ୍ ରହିଥିଲା ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି। ପାଣିପାଗ କେନ୍ଦ୍ରର ତଥ୍ୟ ଅନୁଯାୟୀ ମଙ୍ଗଳବାର ସକାଳ ୮ଟା ୩୦ରୁ ବୁଧବାର ସକାଳ ୮ଟା ୩୦ ମଧ୍ୟରେ ୮ଟି ସ୍ଥାନରେ ପ୍ରବଳ ବର୍ଷା ?ରେକର୍ଡ ହୋଇଥିଲା। ଢେଙ୍କାନାଳ ଜିଲ୍ଲାର ଗଁଦିଆରେ ୭୨.୨ ମିମି ବର୍ଷା ହୋଇଥିବା ବେଳେ ଭୁବନରେ ୭୨, ଅନୁଗୁଳ ଜିଲ୍ଲାର ଅଠମଲ୍ଲିକରେ ୬୮, ତାଳଚେରରେ ୬୫, ବେ?ଦ୍ଧର କର୍ଣ୍ଣାମାଳରେ ୬୬.୨, କନ୍ଧମାଳର ଦାରିଙ୍ଗବାଡ଼ିରେ ୬୬, ବାଲିଗୁଡ଼ାରେ ୬୦, ବଲାଙ୍ଗୀରର ପାଟଣାଗଡ଼ରେ ୬୫.୨, ନୂଆପଡ଼ାର କୋମନାରେ ୬୫, କଟକର ନିଆଳିରେ ୬୪ ଓ ଖୋର୍ଦ୍ଧା ଜିଲ୍ଲା ଜଟଣୀରେ ୬୦ ମିମି ବର୍ଷା ହୋଇଛି। ରାଜ୍ୟରେ ହାରାହାରି ୨୫.୨ ମିମି ବର୍ଷା ହୋଇଛି। ଏହି ସମୟରେ ରାଜ୍ୟର ସ୍ୱାଭାବିକ ବର୍ଷା ୦.୬ ମିମି ତୁଳନାରେ ୩,୮୯୬% ଅଧିକ ରହିଛି। ବୌଦ୍ଧରେ ୪୭.୮ ମିମି ବର୍ଷା ହୋଇଛି, ଯାହାକି ସ୍ୱାଭାବିକ ତୁଳନାରେ ୪୭,୭୦୦% ଅଧିକ। ସୋନପୁରରେ ସ୍ୱାଭାବିକ ତୁଳନାରେ ୩୯,୦୬୭% ଅଧିକ ବର୍ଷା ହୋଇଥିବା ବେଳେ ଅନୁଗୁଳରେ ୨୨,୨୬୧%, ନୂଆପଡ଼ାରେ ୨୧,୭୦୦%, ନବରଙ୍ଗପୁରରେ ୧୬,୫୪୫%, ଖୋର୍ଦ୍ଧାରେ ୧୪,୪୩୩%, ଦେବଗଡ଼ରେ ୧୧,୭୬୭% ଅଧିକ ବର୍ଷା ହୋଇଛି। ଏହା ଅସ୍ୱାଭାବିକ ବର୍ଷା ବୋଲି କୁହାଯାଇପାରେ। ଗୁରୁବାର ପୂର୍ବାହ୍ନ ସୁଦ୍ଧା କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ବିଜୁଳି ସହ ପ୍ରବଳ ବର୍ଷା ହେବାକୁ ଥିବାରୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଏବଂ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ଅନୁଗୁଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରି ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାକୁ ଥିବାରୁ ୟେଲୋ ଓ୍ୱାର୍ଣ୍ଣିଂ ଦିଆଯାଇଛି। ଏହାପରେ ପାଗରେ ପରିବର୍ତ୍ତନ ଆସିବ। ଦିନର ସର୍ବୋଚ୍ଚ ତାପମାତ୍ରା ପୁଣିଥରେ ଉପରମୁହାଁ ହେବ। ୨୧ରୁ ୨୪ ତାରିଖ ମଧ୍ୟରେ ତାପମାତ୍ରା ଧୀରେ ଧୀରେ ବୃଦ୍ଧି ପାଇବ। ବର୍ଷା ପରିମାଣ କମିବ। ୨୨ ତାରିଖରୁ ପାଗ ମୁଖ୍ୟତଃ ଶୁଖିଲା ରହିବାକୁ ଥିବାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରା ୮ରୁ ୧୦ ଡିଗ୍ରି ମଧ୍ୟରେ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ୩୯ ଡିଗ୍ରି ପହଞ୍ଚିପାରେ ବୋଲି ଶ୍ରୀ ଦାସ ଆକଳନ କରିଛନ୍ତି।

# ଶ୍ରମିକ କର୍ମଚାରୀ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଦାବିପତ୍ର ପ୍ରଦାନ

ଜୟପୁର , ୨୧/୩ (ନି.ପ୍ର): ଶ୍ରମିକ କର୍ମଚାରି ମିଳିତ କ୍ରିୟାନୁଷ୍ଠାନ କମିଟି ଜୟପୁର ତରଫରୁ ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ଜିଲା ଶ୍ରମ ଅଧିକାରି ବୃନ୍ଦାବନ ସେଠୀଙ୍କ ଜରିଆରେ ୫ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । ସେବା କାଗଜ କଲ, କେସିସି ବ୍ୟାଙ୍କ, ପରିବହନ କର୍ମଚାରି ଙ୍କୁ ନେଇ ମିଳିତ କ୍ରିୟାନୁଷ୍ଠାନ ତରଫରୁ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ ସେବା କାଗଜ କଳ ଶ୍ରମିକ ମାନଙ୍କୁ ମାସ ମାସ ଧରି ଦରମା ଦେଉ ନାହିଁ । ଅବସର ପ୍ରାପ୍ତ ମୃତ ଶ୍ରମିକଙ୍କ ପରିବାରକୁ ପି.ଏଫ ଗ୍ରାଚ୍ୟୁଇଟି ବକେୟା ପାଉଣା କିଛି ମିଳୁ ନାହିଁ । ତେଣୁ କାଗଜ କଳର ଚାରୋଟି ୟୁନିୟନ ଓ ମ୍ୟାନେଜମେଣ୍ଟର ମିଳିତ ବୈଠକ ଡକାଇବା ସହ ମ୍ୟାନେଜମେଣ୍ଟକୁ ଆସିବାରୁ ବାଧ କରାଯାଉ, କାଗଜ କଳ, କେସିସି ବ୍ୟାଙ୍କ, ପରିବହନ ବିଭାଗର ଅବସର ପ୍ରାପ୍ତ ଓ ମୃତ ଶ୍ରମିକ କର୍ମଚାରି ମାନଙ୍କ ଗ୍ରାଚ୍ୟୁଇଟି କେସ୍ ତ୍ୱରାନ୍ୱିତ କରାଯାଉ, ବିଭିନ୍ନ ଆଳରେ ତାରିଖ ଘୁଞ୍ଚାଇ ବୃଦ୍ଧାବସ୍ଥାରେ ଶ୍ରମିକ ମାନଙ୍କୁ ହୈରାଣ ହରକତ କରାନଯାଉ, ସବନିମ୍ନ ମଜୁରୀ ଆଇନକୁ କଡାକଡି ଭାବରେ ଲାଗୁ କରିବା ପାଇଁ ଜୟପୁର ଓ କୋରାପୁଟ ଜିଲାର ସମସ୍ତ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଆଇନ ଅନ୍ତର୍ଗତ ତନଖି କରି ଶ୍ରମିକ ମାନଙ୍କୁ ନ୍ୟାୟ ଦିଆଯାଉ । ଇପିଏଫ ପେନସନର୍ସ ମାନଙ୍କୁ ସବନିମ୍ନ ୯ ହଜାର ଟଙ୍କା ପେନସନ ସହ ମହଙ୍ଗା ଭତ୍ତା ଦେବା ସହ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ ସେବା ସୁବିଧାରେ ଅନ୍ତର୍ଭୁକ୍ତ କରାଯାଉ ଆଦି ଦାବି ରହିଛି । ଏହି ଦାବି ପତ୍ର ପ୍ରଦାନ ସମୟରେ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ଉମା କାନ୍ତ ରଥ, ପ୍ରଦୀପ ପାଙ୍ଗିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଆରଟିଓ କହି ରାସ୍ତାରେ ଗାଡ଼ି ଯାଞ୍ଚ କରୁଥିଲେ: ମାଡ଼ି ବସିଲା ପୁଲିସ୍



ଜଲେଶ୍ୱର, ୨୧/୩ (ନି.ପ୍ର): ଆରଟିଓ ଅଫିସର କହି ରାସ୍ତା ପାର୍ଶ୍ୱରେ ଗାଡ଼ିର କାଗଜପତ୍ର ଯାଞ୍ଚ କରୁଥିଲେ। ଦୀର୍ଘ ଦିନ ଧରି ଏହି ବେପାର ଚଳାଇଥିଲେ। ହେଲେ ଆଜି ବେଳା ଭଲନଥିଲା। ସକାଳେ ବକ୍ରା ଖୋଜୁଥିବା ବେଳେ ପୁଲିସ୍ ହାବୁଡ଼ରେ ପଡ଼ିଥିଲେ ଦୁଇ ଫେକ୍ ଆରଟିଓ ଅଫିସର। ବାଲେଶ୍ୱର ଦେଇ ଯାଇଥିବା ୬୦ ନମ୍ବର ଜାତୀୟ ରାଜପଥର ଲକ୍ଷ୍ମଣ ନାଥ ଟୋଲ୍ ଗେଟ୍ ନିକଟରୁ ପୁଲିସ୍‌କୁ ଏହି ସଫଳତା ମିଳିଛି। ଜଲେଶ୍ୱର ଅଞ୍ଚଳର ତୁଷାର ରଞ୍ଜନ ପରିଡ଼ା ଓ ଝାରଖଣ୍ଡ ନନ୍ଦଦିଆ ଗାଁର ଦେବେନ୍ଦ୍ର ନାଥ ସାହୁ ୬୦ ନମ୍ବର ଜାତୀୟ ରାଜପଥର ଲକ୍ଷ୍ମଣ ନାଥ ଟୋଲ୍ ପ୍ଲାଜା ଓ ଆଖପାଖ ଅଞ୍ଚଳରେ ନିୟମିତ ଛିଡ଼ା ହେଉଥିଲେ। ଆଉ ସେମାନେ ନିଜକୁ ଆଟିଓ ଅଫିସ୍‌ର ଭାବେ ପରିଚୟ ଦେଉଥିଲେ। ସେହି ରାସ୍ତା ଦେଇ ଯିବାଆସିବା କରୁଥିବା ଗାଡ଼ିର କାଗଜପତ୍ର ଯାଞ୍ଚ କରୁଥିଲେ। ଯାହାର କାଗଜପତ୍ର ଠିକ୍ ନଥିଲା, ତା'ଠାରୁ ମୋଟା ଅଙ୍କର ଫାଇନ୍ ଆଦାୟ କରୁଥିଲେ। ଦୀର୍ଘଦିନ ଧରି ଦେବେନ୍ଦ୍ର ଓ ତୁଷାର ଏ କାରବାର କରୁଥିଲେ। ବାଲେଶ୍ୱର ଏସ୍‌ପି ସାଗରୀକା ନାଥ ଏ ସମ୍ପର୍କରେ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ। ଏହା ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ସାଦା ପୋଷାକରେ ସେହି ଅଞ୍ଚଳରେ ଘୂରି ବୁଲୁଥିଲା ଜଲେଶ୍ୱର ଥାନା ପୁଲିସ୍। ହେଲେ ସେମାନେ ଜାଣିପାରି ବାରମ୍ବାର ସ୍ଥାନ ବଦଳାଉ ଥିଲେ। ଯେଉଁଥିପାଇଁ ପୁଲିସ୍ ପଞ୍ଝାରେ ପଡ଼ି ପଡୁନଥିଲେ। ଆଜି ସକାଳେ ଦେବେନ୍ଦ୍ର ଓ ତୁଷାର ଲକ୍ଷ୍ମଣ ନାଥ ଗେଟ୍ ନିକଟରେ ଥିବା ଏକ ଘରେ ନିଜର ପଶରା ମେଲାଇଥିଲେ। ଯିବା ଆସିବା ଗାଡ଼ିର କାଗଜପତ୍ର ଯାଞ୍ଚ କରୁଥିଲେ। ସେହି ସମୟରେ ସାଦା ପୋଷାକରେ ସେଠାରେ ପୁଲିସ୍ ପହଞ୍ଚିଥିଲା। ଗାଡ଼ି କାଗଜପତ୍ର ଯାଞ୍ଚ ବେଳେ ସାଦା ପୋଷାକରେ ଥିବା ପୁଲିସ୍ ଦେବେନ୍ଦ୍ର ଓ ତୁଷାରଙ୍କୁ ଧରିଥିଲା। ସେମାନଙ୍କର ଆଇଡି କାର୍ଡ ମାଗିଥିଲା। ହେଲେ ସେମାନେ କିଛି ପ୍ରମାଣ ଦେଖାଇ ପାରିଲେ ନାହିଁ। ଏହା ପରେ ସେମାନଙ୍କୁ ପୁଲିସ ଗିରଫ କରିଥିଲା। ସେମାନଙ୍କଠାରୁ ୧୧ଟି ଅସଲି ଦେଖାଯାଉଥିବା ନକଲି ଷ୍ଟାମ୍ପ ଜବତ କରିଥିଲା। ଏଥିସହ ପରିବହନ ବିଭାଗ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଏପିଟିଡି ଚେକ୍ ପୋଷ୍ଟ ରସିଦ୍ ଜବତ କରିଥିଲା। ସେହିପରି ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଓଡ଼ିଶା ସରକାରଙ୍କ ଆରଟିଓ ରସିଦ ପ୍ରମୁଖ ଜବତ କରିଛି।

# ତାମିଲନାଡୁ ରାଜ୍ୟପାଳଙ୍କ ଉପରେ ମନଇଚ୍ଛା ବର୍ଷିଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ, ୨୧/୩ : ରାଜ୍ୟ ସରକାରଙ୍କ ସହ ବାରମ୍ବାର ତିକ୍ତତା ସୃଷ୍ଟି କରୁଥିବା ତାମିଲନାଡୁ ରାଜ୍ୟପାଳ ଆରଏନ ରବିଙ୍କ ଉପରେ ସୁପ୍ରିମକୋର୍ଟ ମନଇଚ୍ଛା ବର୍ଷିଛନ୍ତି। ଡିଏମକେ ନେତା କେ ପୋନମୁଡିଙ୍କୁ ରାଜ୍ୟ ସରକାର ପୁଣିଥରେ କ୍ୟାବିନେଟ ମନ୍ତ୍ରୀ କରିବାକୁ ଚାହୁଁଛନ୍ତି।

ଗୋଟିଏ ଅପରାଧିକ ମାମଲାରେ ତାଙ୍କ ଦଣ୍ଡାଦେଶ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇବାରୁ କ୍ଷମତାସୀନ ଡିଏମକେ ସରକାର ପୋନମୁଡିଙ୍କୁ ମନ୍ତ୍ରୀ ପଦ ଦେବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ରାଜ୍ୟପାଳ ଡିଏମକେ ସରକାର ପରାମର୍ଶ ଗ୍ରହଣ କରୁ ନାହାନ୍ତି। ଏଥିପାଇଁ ଆଜି ସର୍ବୋଚ୍ଚ ଅଦାଲତ ରାଜ୍ୟପାଳ ରବିଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ୩ ଜଣିଆ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିବା ସହ ରାଜ୍ୟପାଳ ରବି ନିଜର କାର୍ଯ୍ୟପନ୍ଥା ଦ୍ୱାରା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା କହିଛନ୍ତି। ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି, ଏହି ମାମଲାରେ ରାଜ୍ୟପାଳ ଯେଉଁ ଭଳି କାମ ସବୁ କରୁଛନ୍ତି, ତା'କୁ ନେଇ ଆମେ ଗଭୀର ଭାବେ ଚିନ୍ତିତ। ସେ ଭାରତର ସୁପ୍ରିମକୋର୍ଟଙ୍କୁ ଅବମାନା କରିଛନ୍ତି। ଯେତେବେଳେ ଦଣ୍ଡାଦେଶ ଉପରେ କୋର୍ଟ ରୋକ ଲଗାଉଛନ୍ତି, ସେଥିରେ ରାଜ୍ୟପାଳଙ୍କ ଅନ୍ୟ କିଛି କରିବାର କିମ୍ବା କହିବାର ନାହିଁ। ଆମେ ଆସନ୍ତାକାଲି ଯାଏ ଅପେକ୍ଷା କରିବୁ। ଆସନ୍ତାକାଲି ଯାଏ ଆମେ ରାଜ୍ୟପାଳଙ୍କ ଉପରେ ସବୁ କିଛି ଛାଡୁଛୁ। ଅନ୍ୟଥା କିଛି ବି ନିର୍ଦ୍ଦେଶ ଦିଆଯାଇ ପାରେ। ଆମେ ବର୍ତ୍ତମାନ କିଛି ବି କହୁନୁ ବୋଲି ସିଜେଆଇ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟାରମଣୀଙ୍କୁ କହିଛନ୍ତି।

ସିଜେଆଇ ଆହୁରି କହିଛନ୍ତି ଯେ ସମ୍ବିଧାନ ଅନୁସାରେ ରାଜ୍ୟପାଳ କାମ କରନ୍ତୁ ବୋଲି କଡ଼ା ନିର୍ଦ୍ଦେଶ ଜାରି କରିବା ଠାରୁ ଆମେ ଦୂରେଇ ରହିବାକୁ ଚାହୁଁଛୁ। ଏପରି ସ୍ଥିତି ଯେମିତି ନ ଆସିବ, ସେଥିପାଇଁ ଆମେ ଆସନ୍ତାକାଲି ଯାଏ ସମୟ ଦେଉଛୁ। ପୋନମୁଡିଙ୍କୁ ପୁଣି ମନ୍ତ୍ରୀ ଭାବେ ନିଯୁକ୍ତି ଦେବା ପାଇଁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ସୁପାରିସ କରିଥିଲେ। ଏହି ସୁପାରିସରେ ମୋହର ମାରିବା ପାଇଁ ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଦାବି କରି ଡିଏମକେ ସରକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ପୋନମୁଡିଙ୍କୁ ଗୋଟିଏ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୩ ବର୍ଷ ଜେଲଦଣ୍ଡ ମିଳିଥିଲା। ଏହା ବିରୋଧରେ ସେ ସୁପ୍ରିମକୋର୍ଟ ଯାଇଥିଲେ। ମାର୍ଚ୍ଚ ୧୧ରେ ତାଙ୍କ ଦଣ୍ଡାଦେଶ ଉପରେ ସର୍ବୋଚ୍ଚ ଅଦାଲତ ରୋକ ଲଗାଇଥିଲେ। ସୁପ୍ରିମକୋର୍ଟ କହିଛନ୍ତି, ରାଜ୍ୟପାଳ ହେଉଛନ୍ତି କେବଳ ଜଣେ ନାମମାତ୍ର ମୁଖ୍ୟ। ତାଙ୍କର କାମ ହେଲା ନିର୍ବାଚିତ ସରକାରଙ୍କ ସହ ଆଲୋଚନା କରିବା ଓ ନିଷ୍ପତ୍ତିକୁ ପାଳନ କରିବା। ଆମେ ସମସ୍ତେ ଆଇନର ବନ୍ଧନରେ ଆବଦ୍ଧ ହୋଇ ରହିଛେ ତ? କେମିତି ସାମ୍ବିଧାନିକ ପଦରେ ଥିବା ବ୍ୟକ୍ତି ଏମିତି କହିପାରିବେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି।

# କଂଗ୍ରେସର ସମସ୍ତ ଆକାଉଣ୍ଟ ଫ୍ରିଜ, ଟ୍ରେନ୍ ଟିକେଟ୍ କିଣିବାକୁ ବି ଟଙ୍କା ନାହିଁ'

ନୂଆଦିଲ୍ଲୀ, ୨୧/୩ : କଂଗ୍ରେସର ସମସ୍ତ ଆକାଉଣ୍ଟକୁ କରାଯାଇଛି ଫ୍ରିଜ୍। ଗଣତନ୍ତ୍ର ଉପରେ ଏହା ଆକ୍ରମଣ। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଆକାଉଣ୍ଟକୁ ଜାଣିଶୁଣି ଫ୍ରିଜ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି। ଅସୁର ଶକ୍ତି ବିରୋଧରେ ଆମର ଲଢେଇ ଜାରି ରହିବ ବୋଲି ସେ କହିଛନ୍ତି।



ଲୋକ ସଭା ନିର୍ବାଚନ ପୂର୍ବରୁ ଗୁରୁବାର କଂଗ୍ରେସ ଏକ ସାମ୍ବାଦିକ ସମ୍ମିଳନୀ କରିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧି ଏବଂ ରାହୁଲ ଗାନ୍ଧି ମଧ୍ୟ ଏଥିରେ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ଏଜେନ୍ସିର ଅପବ୍ୟବହାର ଏବଂ ନିର୍ବାଚନ ଚାନ୍ଦା ପ୍ରସଙ୍ଗରେ ଖଡଗେ, ସୋନିଆ, ଅଜୟ ମାକେନ, ରାହୁଲ ଗାନ୍ଧି ପ୍ରମୁଖ ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଆକାଉଣ୍ଟ ଫ୍ରିଜ କରିବା ପ୍ରସଙ୍ଗରେ ବିଜେପିକୁ ଦାୟୀ କରିଛି କଂଗ୍ରେସ। ଏହା କେବଳ କଂଗ୍ରେସର ଆକାଉଣ୍ଟ ଫ୍ରିଜ ନୁହେଁ, ବରଂ ଗଣତନ୍ତ୍ର ଉପରେ ଆକ୍ରମଣ ସହ କଣ୍ଠରୋଧ କରାଯାଇଛି। ଆମ ନେତାମାନେ କୌଣସି ସ୍ଥାନକୁ ଯା' ଆସ କରିପାରୁନାହାଁନ୍ତି। ଏମିତି କି ଟ୍ରେନରେ ମଧ୍ୟ ଯିବା ଆସିବା କରିପାରୁନାହାଁନ୍ତି। ଗୋଟିଏ ସହରରୁ ଅନ୍ୟ ସହରକୁ ଯିବା କଂଗ୍ରେସ ନେତାଙ୍କ ପାଇଁ କଷ୍ଟକର ହେଉଛି। ଆମେ ବିଜ୍ଞାପନ ମଧ୍ୟ ଦେଇପାରୁନୁ ବୋଲି ଅଭିଯୋଗ କରିଛନ୍ତି ରାହୁଲ ଗାନ୍ଧି।

ଆମେ କୌଣସି ପ୍ରଚାର କରିପାରିବୁ ନାହିଁ। ବିମାନ କଥା ଛାଡିଦିଅନ୍ତୁ, ଆମ ପାଖରେ ଟ୍ରେନ୍ ଟିକେଟ୍ କାଟିବାକୁ ମଧ୍ୟ ଟଙ୍କାଟିଏ ନାହିଁ। ନିର୍ବାଚନର ଦୁଇ ମାସ ପୂର୍ବରୁ ଏହା କରାଯାଇଛି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାର କ୍ଷମତା ଆମ ଠାରୁ ଛଡାଇ ନିଆଯାଉଛି ବୋଲି କହିଛନ୍ତି ରାହୁଲ।

ଇଲେକ୍ଟୋରାଲ ବଣ୍ଡରୁ ବିଜେପିକୁ ବହୁ ଫାଇଦା ମିଳିଛି। ହେଲେ ଜନସାଧାରଣଙ୍କ ଟଙ୍କା ଯାହା କିଛି ମିଳିଛି, ଜାଣିଶୁଣି ତା' ଉପରେ ବ୍ରେକ୍ ଲଗାଯାଇଛି ବୋଲି ସୋନିଆ ଗାନ୍ଧି କହିଛନ୍ତି। ସେହିପରି ଆମକୁ ଗଣତନ୍ତ୍ରକୁ ବଞ୍ଚାଇବାକୁ ପଡିବ। ପ୍ରତ୍ୟେକ ରାଜନୈତିକ ଦଳ ସମାନ ସୁଯୋଗ ପାଇବା ଉଚିତ୍। ଶାସକ ବିଜେପି ସରକାର ଦେଶର ସମ୍ବଳ, ଗଣମାଧ୍ୟମ ଏବଂ ସାମ୍ବିଧାନିକ ତଥା ନ୍ୟାୟିକ ଅନୁଷ୍ଠାନଗୁଡିକ ଉପରେ କବ୍‌ଜା କରିଛି ବୋଲି ସେ ଅଭିଯୋଗ କରିଛନ୍ତି।

## ଆୟବା ବିଶ୍ୱ ଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୨୧/୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଆୟବା ପଂଚାୟତର ଆୟବା ଗ୍ରାମରେ ପ୍ରସିଦ୍ଧ ଶୈବ ପୀଠ ବାବା ସ୍ୱପ୍ନେଶ୍ୱର ମହାଦେବ ଙ୍କ ମନ୍ଦିର ପରିସରରେ ଚତୁର୍ଥ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ମହାଯଜ୍ଞର ଶୁଭାରମ୍ଭ ରେ ଅଙ୍କୁରା ରୋପଣ, କଳସ ଯାତ୍ରା, ଗୁରୁ, ସୂର୍ଯ୍ୟ ଓ ୧ ଗୋ-ପୂଜା ସହ ଷୋଡଶ ଉପଚାର ପୂଜା ସହ ଗୀତା ପାଠ, ଚଣ୍ଡୀ ଯଜ୍ଞ ସମେତ ଅଷ୍ଟମ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଯଜ୍ଞର ପୂର୍ଣ୍ଣାହୂତି ପରେ ସବୁ ବର୍ଷ ଭଳି ସପ୍ତାହ ବ୍ୟାପି ଅନୁଷ୍ଠିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ରେ ପ୍ରତ୍ୟହ ସଂନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା । ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ରଙ୍କ ଭଜନ ପରିବେଷଣ ସହ ସମ୍ବଲପୁରୀ ଓ ଓଡିଶୀ ନୃତ୍ୟ ଶ୍ରଦ୍ଧାଳୁ ମାନଙ୍କୁ ଆକର୍ଷିତ କରିଥିଲା । ଆୟବା ଗ୍ରାମର ଗ୍ରାମବାସୀଙ୍କ ପ୍ରତ୍ୟେକ୍ଷ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ଓ ଆଖପାଖ ଅଂଚଳର ବହୁ ଗ୍ରାମବାସୀ ଯୋଗ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଦିଲ୍ଲୀ ମୁଖ୍ୟମନ୍ତ୍ରୀ...

ଇଡିର ଅଧିକାରୀମାନେ ତାଙ୍କ ଘର ସର୍ଚ୍ଚ କରୁଥିବା ବେଳେ ବୟାନ ମଧ୍ୟ ରେକର୍ଡ କରିଥିଲେ। ପ୍ରିଭେନସନ ଅଫ ମନି ଲଣ୍ଡରିଂ ଆକ୍ଟର ଧାରା ୫୦ ଅନୁଯାୟୀ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରଥମେ କେଜ୍ରିୱାଲ ଓ ତାଙ୍କ ପରିବାର ଲୋକଙ୍କ ଫୋନକୁ ମଧ୍ୟ ଇଡି ଜବତ କରି ନିଆଯାଇଥିଲା। ଏହାପରେ ଦୁଇ ଘଣ୍ଟା କାଳ ତାଙ୍କୁ ପ୍ରଶ୍ନ ପଚରା ଯାଇଥିଲା। ପ୍ରାୟ ୨ ଘଣ୍ଟାର ଜେରା ପରେ କେଜ୍ରିୱାଲଙ୍କୁ ଇଡି ବାନ୍ଧିଛି। ଇଡି ରେଡ କରୁଥିବା ବେଳେ କେଜ୍ରିୱାଲଙ୍କ ଲିଗାଲ ଟିମ ସୁପ୍ରିମକୋର୍ଟରେ ପହଞ୍ଚି ଜରୁରୀ ଶୁଣାଣି ପାଇଁ ମଧ୍ୟ ଆବେଦନ କରିଥିଲା। ହେଲେ ସୁପ୍ରିମକୋର୍ଟ ଆସନ୍ତାକାଲି ଆସିବାକୁ କହିଛନ୍ତି। ସେହିପରି ଇଡିର ରେଡ ବିରୋଧରେ ଆପର ବରିଷ୍ଠ ନେତାଙ୍କ ଠାରୁ ଆରମ୍ଭ କରି କର୍ମୀମାନେ ବିକ୍ଷୋଭ ଜାରି ରଖିଛନ୍ତି। କେବଳ ଦିଲ୍ଲୀ ନୁହେଁ, ବରଂ ପଞ୍ଜାବ ଓ ହରିଆଣାରେ ମଧ୍ୟ ବିକ୍ଷୋଭ ଆରମ୍ଭ ହୋଇ ଯାଇଛି। କେଜ୍ରିୱାଲଙ୍କ ବାସଭବନ ଆଗରେ ଆପ କର୍ମୀମାନେ ବିକ୍ଷୋଭ କରୁଥିବା ବେଳେ ପୁଲିସ୍ ତାଙ୍କୁ ଉଠାଇ ନେଇଛି। ଏହାପୂର୍ବରୁ ଅବକାରୀ ନୀତି ଦୁର୍ନୀତି ଘଟଣାରେ ଇଡି ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ କେ କବିତାଙ୍କୁ ଗିରଫ କରିଥିଲା। ସେହିପରି ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଓ ଆପ୍ ସାଂସଦ ସଞ୍ଜୟ ସିଂହ ସମାନ ଘଟଣାରେ ଗିରଫ ହୋଇ ଜେଲରେ ରହିଛନ୍ତି।

## ଗୋଟିଏ ପରିବାରର....

୧୯ ଜଣ ସାକ୍ଷୀଙ୍କ ବୟାନ ତଥା ଅନ୍ୟାନ୍ୟ ତଥ୍ୟ,ପ୍ରମାଣ ଆଧାରରେ କୋର୍ଟ ୮ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଆଉ ୩ ଜଣଙ୍କୁ ନିର୍ଦ୍ଦୋଷରେ କୋର୍ଟ ଖଲାସ କରିଥିଲେ। ସରକାରୀ ଓକିଲ ସୌଭାଗ୍ୟ ମିଶ୍ର କହିଛନ୍ତି, ଦୀର୍ଘ ୧୧ ବର୍ଷ ପରେ ଏହି ମାମଲାରେ ରାୟ ପ୍ରକାଶ ପାଇଛି। ଦୁଇ ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଏନେଇ ମାମଲା ମଧ୍ୟ ରୁଜୁ ହୋଇଥିଲା। ଘଟଣା ଦିନ ଗୁଲା ସ୍ୱାଇଁ ଓ ତାଙ୍କ ପୁଅ ରାଜୀବ ସ୍ୱାଇଁ ଗାଁ ପୋଖରୀରେ ଗାଧୋଉଥିବା ବେଳେ ଭଗବାନ ସ୍ୱାଇଁ ଓ ଅନ୍ୟମାନେ ଆସି ସେମାନଙ୍କୁ ଖଣ୍ଡା ଏବଂ ଅନ୍ୟାନ୍ୟ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଗୁଲା ଓ ରାଜୀବଙ୍କ ମୃତ୍ୟୁ ଘଟିଥିଲା। ଘଟଣା ଘଟିବା ବେଳେ ଗୁଲାଙ୍କ ପତ୍ନୀ ମଧ୍ୟ ପୋଖରୀ ନିକଟରେ ଥିଲେ। ଏହି ଆକ୍ରମଣରେ ସେ ଆହତ ହୋଇଥିଲେ।

## ବରିଷ୍ଠ ବିଜେଡି ନେତା ....

ପୁଅ ସମ୍ବିତ ରାଉତରାୟଙ୍କ ସୂଚନା ଅନୁଯାୟୀ, ଗତ ୧୮ ତାରିଖ ବିଳମ୍ବିତ ରାତିରେ ଦାମ ରାଉତ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ମେଡିକାଲ ନେବା ବାଟରେ ତାଙ୍କର ହୃଦଘାତ ହୋଇଥିଲା। କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହେବାପରେ ଦାମ ରାଉତଙ୍କୁ ଉଚଜ ଦିଆଯାଇ ନଥିବା ସମ୍ବିତ ରାଉତରାୟ ଅଭିଯୋଗ କରିଛନ୍ତି। ସିପିଆର ନ ଦେବାରୁ ତାଙ୍କ ଅବସ୍ଥା ସଂକଟାପନ୍ନ ହୋଇଥିଲା। ଏହାପରେ ତୁରନ୍ତ ତାଙ୍କୁ ସେଠାରୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ରାଉତଙ୍କର ଚିକିତ୍ସା ଚାଲିଛି। ତେବେ ସମ୍ବିତଙ୍କ ଅଭିଯୋଗ ଉପରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି ଯେ, ଉଚଜ ଦେଲା ଭଳି ଅବସ୍ଥା ନଥିଲା। କାଜୁଆଲିଟିରେ ପହଞ୍ଚିବା ପରେ ତୁରନ୍ତ ଚିକିତ୍ସା ଆରମ୍ଭ କରାଯାଇଥିଲା। ତାଙ୍କର ଅକ୍ସିଜେନ୍ ସାଚୁରେସନ କମିଯାଇଥିଲା। କିଡ୍‌ନୀ ଠିକ୍ ନଥିଲା। ଡାକ୍ତର ତୁରନ୍ତ ଦେଖିଥିଲେ, ଇସିଜି ହୋଇଥିଲା, ଅକ୍ସିଜେନ୍ ଦିଆଯାଇଥିଲା। ଯେହେତୁ ଆମର ଏଠି କିଡ୍‌ନୀ ଡାକ୍ତର ନାହାନ୍ତି, ରେଫର କରିବାକୁ ପଡ଼ିଲା।ପ୍ରାଥମିକ ଚିକିତ୍ସା ସାରି ୩୦ ମିନିଟ ଭିତରେ ତାଙ୍କୁ ରେଫର କରାଯାଇଥିଲା। ତାଙ୍କୁ ସିପିଆର ଦେଲା ଭଳି ଅବସ୍ଥା ନଥିଲା, ତେଣୁ ଦିଆଯାଇନଥିଲା ବୋଲି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ କହିଛନ୍ତି। ଓଡ଼ିଶା ରାଜନୀତିରେ ଦାମୋଦର ରାଉତ ଜଣେ ଟାଣୁଆ ନେତା ଭାବେ ଜଣାଶୁଣା। ଏହାସହ 'ବିଜେଡିର ତୁଣ୍ଡ' ଭାବେ ପରିଚିତ ଥିଲେ ଡାକ୍ତର ରାଉତ। ପ୍ରଥମେ ଜନତା ଦଳ ଓ ପରବର୍ତ୍ତୀ ସମୟରେ ବିଜେଡିରୁ ବିଧାୟକ ଭାବେ ନିର୍ବାଚିତ ହେବା ସହ ନବୀନଙ୍କ ସରକାରରେ ମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ ଦାମ ରାଉତ। ପରବର୍ତ୍ତୀ ସମୟରେ ବିବାଦୀୟ ମନ୍ତବ୍ୟ ଦେଇ ଶାସକ ଦଳକୁ ବିପଦରେ ପକାଇଥିଲେ ଡାକ୍ତର ରାଉତ। ଯେଉଁଥିପାଇଁ ତାଙ୍କୁ ମନ୍ତ୍ରୀ ପଦ ହରାଇବାକୁ ପଡ଼ିଥିଲା। ତା'ପରେ ମଧ୍ୟ ତାଙ୍କ ତୁଣ୍ଡ ବନ୍ଦ ହୋଇନଥିଲା। ସେ ପୂର୍ବ ଅପେକ୍ଷା ଅଧିକ କହିଲେ। ସେଥିପାଇଁ ତାଙ୍କୁ ଦଳରୁ ବିଦା ହେବାକୁ ପଡ଼ିଥିଲା। କିଛି ଦିନର ନିରବତା ପରେ ଡାକ୍ତର ରାଉତ ବିଜେପିରେ ମିଶିଥିଲେ। ଏପରିକି ବିଜେପି ତାଙ୍କୁ ଜଗତସିଂହପୁର ଜିଲ୍ଲାର ବାଲିକୁଦା-ଏରସମାରେ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିଥିଲା। ମାତ୍ର ସେଠାରେ ତାଙ୍କୁ ପରାଜିତ ହେବାକୁ ପଡ଼ିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବିଜେପିକୁ ବାଏ ବାଏ କରିଥିଲେ ଦାମ। ଗତ କିଛି ମାସ ପୂର୍ବରୁ ଦାମଙ୍କ ଉପରୁ ବହିଷ୍କାର ପ୍ରତ୍ୟାହାର କରି ପୁଣିଥରେ ବିଜେଡିକୁ ଫେରାଇ ଆଣିଥିଲେ ନବୀନ ପଟ୍ଟନାୟକ। ୧୯୪୨ ମସିହା ଜୁଲାଇ ୨ ତାରିଖରେ ଜଗତସିଂହପୁରରେ ଜନ୍ମ ଲାଭ କରିଥିବା ଦାମ ରାଉତ ଓଡ଼ିଶା ବିଧାନସଭାକୁ ବିଧାୟକ ଭାବେ ୭ଥର ନିର୍ବାଚିତ ହୋଇଛନ୍ତି।

## କେନ୍ଦ୍ରକୁ ନିର୍ବାଚନ ....

ପୋଲ୍ ପ୍ୟାନେଲ। ଗରସପ୍ତଣ ଏହି ମେସେଜ୍ ପଠାଇବା ଫଳରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ନେଇ ଏକାଧିକ ଅଭିଯୋଗ ହେବା ପରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେପଟେ ମନ୍ତ୍ରଣାଳୟ ପ୍ୟାନେଲକୁ କହିଛି ଯେ, ପ୍ରଧାନମନ୍ତ୍ରୀଙ୍କ ନାମ ଉଲ୍ଲେଖ ଥିବା ଚିଠି ମାର୍ଚ୍ଚ ୧୫ରେ ପଠାଇ ଦିଆଯାଇଥିଲା। ଏହା ପର ଦିନ କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ ହୋଇଥିଲା। ସେଥିମଧ୍ୟରୁ କିଛି ମେସେଜ୍ ଏବେ ଡେଲିଭର୍ ହେଉଛି। ସିଷ୍ଟମ୍ ଏବଂ ନେଟୱାର୍କ ସମସ୍ୟା କାରଣରୁ ଏପରି ହୋଇ ଥାଇପାରେ ବୋଲି ମନ୍ତ୍ରଣାଳୟ କହିଛି। ଚଳିତ ବର୍ଷ ସାତଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୯ରେ ହେବାକୁ ଥିବାବେଳେ ଏପ୍ରିଲ ୨୬ରେ ଦ୍ୱିତୀୟ, ୭ ମେ'ରେ ତୃତୀୟ, ୧୩ ମେ'ରେ ଚତୁର୍ଥ, ୨୦ ମେ'ରେ ପଞ୍ଚମ, ୨୫ ମେ'ରେ ଷଷ୍ଠ ଏବଂ ଜୁନ୍ ୧ରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ହେବ। ଜୁନ ୪ରେ ଏକାଠି ସମସ୍ତ ସାତ ପର୍ଯ୍ୟାୟ ନିର୍ବାଚନର ଫଳାଫଳ ପ୍ରକାଶ ପାଇବ। ଏନେଇ ନିର୍ବାଚନ କମିଶନ ମାର୍ଚ୍ଚ ୧୬ରେ ତାରିଖ ପ୍ରକାଶ କରିବା ସହ କୋଡ ଅଫ୍ କଣ୍ଡକ୍ଟ ଲାଗୁ କରାଇଥିଲେ।

# ଦୁର୍ଘଟଣାରେ ଯୁବ ସରପଂଚଙ୍କ ବିୟୋଗ

ଧର୍ମଶାଳା, ୨୧/୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଅଘଟଣ । ସଡକ ଦୁର୍ଘଟଣାର ଶିକାର ହୋଇ ଯୁବ ସରପଂଚଙ୍କ ମୃତ୍ୟୁ ଘଟିଛି । ଧର୍ମଶାଳା ବ୍ଲକ ଚୋରମୁହାଁ ପଂଚାୟତର ଯୁବ ସରପଂଚ ପ୍ରଦ୍ୟୁମ୍ନ ମହାନ୍ତି ଆଜି ଏକ ବାଇକ୍ ଯୋଗେ ଧର୍ମଶାଳା ଥାନା ଅନ୍ତର୍ଗତ ଗୋକର୍ଣ୍ଣେଶ୍ୱର-କାଏମା ନଦୀ ବନ୍ଧ ରାସ୍ତା ଦେଇ ଯିବା ସମୟରେ ଭୁବନ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ । ଫଳରେ ବାଇକ ସହ ନଦୀ ବନ୍ଧ ତଳକୁ ଖସି ପଡି ଗୁରୁତର ହୋଇପଡିଥିଲେ । ସ୍ଥାନୀୟ ଲୋକେ ଏହାକୁ ଦେଖି ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷେ ଖବର ପାଇ ଧର୍ମଶାଳା ପୋଲିସ ଶବକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଧର୍ମଶାଳା ଅଂଚଳରେ ଶୋକରଛାୟା ଖେଳିଯିବା ସହ ମେଡିକାଲ ପରିସରରେ ଲୋକାରଣ୍ୟ ହୋଇପଡିଛି । ଖବର ପାଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଂହଚି ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ମହାନ୍ତି ସରପଂଚ ହେବା ପରଠାରୁ ସେ ପଂଚାୟତର ବିକାଶରେ ସାମିଲ ହୋଇ ସମସ୍ତଙ୍କ ପ୍ରିୟ ହୋଇପାରିଥିଲେ । ତାଙ୍କର ଏଭଳି ମୃତ୍ୟୁ ଘଟଣାକୁ ନେଇ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ସରପଂଚ ସଂଘ ,ଯୁବ ସଂଗଠନ,ସାହିତ୍ୟ ଅନୁଷ୍ଠାନ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି ।

# ନାବାଳିକା ଦୁଷ୍କର୍ମ ମାମଲା: ଅଭିଯୁକ୍ତକୁ ୨୦ ବର୍ଷ ଜେଲ ୨୩ ହଜାର ଟଙ୍କା ଜୋରିମାନା

କନ୍ଧମାଳ, ୨୧/୩ (ନି.ପ୍ର): ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରାଜଜ ଏବଂ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସଞ୍ଜିତ କୁମାର ବେହେରା, ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ମାମଲାର ପିଡିତା ଓ ୧୨ ଜଣ ସାକ୍ଷୀଙ୍କ ବୟାନ ଡାକ୍ତରୀ ରିପୋର୍ଟ ଆଧାରରେ ମାମଲାର ଅଭିଯୁକ୍ତ ବବଲୁ ନାୟକ(୨୭)କୁ ଦୋଷୀ ସାବ୍ୟସ୍ତ କରି ତାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୩ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ,ତାକୁ ଆଉ ଅଧିକ ୨ ବର୍ଷ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ପ୍ରକାଶ କରିଛନ୍ତି ବିଚାରପତି। ପିଡିତାଙ୍କୁ କ୍ଷତି ପୂରଣ ବାବଦରେ ୬ ଲକ୍ଷ ଟଙ୍କା ପ୍ରଦାନ କରା ଯିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସୁଚନା ଅନୁସାରେ ବବଲୁ, ପେଷାରେ ଜଣେ ମିସ୍ତ୍ରୀ ଅଟେ। ସେ ପିଡିତାଙ୍କ ଗାଁ ରେ ଏକ ମନ୍ଦିରରେ କାମ କରୁଥିବା ସମୟରେ ପିଡିତାଙ୍କ ସହ କଥାବାର୍ତାରେ ଘନିଷ୍ଠତା ବଢାଇ ଥିଲା। ପରେ ତାକୁ ବିଭିନ୍ନ ପ୍ରଲୋଭନ ସମେତ ବିବାହର ପ୍ରତିଶ୍ରୁତି ଦେଇ ତା ସହିତ ଶାରିରୀକ ସମ୍ପର୍କ ରଖିଥିଲା। ଗତ ୨୦୨୧ ମସିହା ଜୁନ୍ ମାସ ୨୬ ତାରିଖରେ ସେ ପିଡିତାକୁ ଧମକ ଦେଇ ଡାକି ନେଇ ଅଟୋରେ ନିଜ ଘରକୁ ଯିବା ପରେ ପିଡିତାଙ୍କ ପିତାଙ୍କୁ ଫୋନ ରେ ପିଡିତାକୁ ସେ ଅପହର କରିଛି ବୋଲି କହିବା ସହ ଏହି ବାବଦରେ କାହାକୁ କହିଲେ ଉଭୟଙ୍କୁ ଜୀବନରେ ମାରି ଦେବା ବୋଲି ଧମକ ଦେଇଥିଲା। ଏହା ପରେ ପିଡିତାଙ୍କ ପିତା ଗତ ୨୦୨୧ ମସିହା ଜୁନ୍ ୨୮ ତାରିଖରେ ଫିରିଙ୍ଗିଆ ଥାନାରେ ଏହି ସଂକ୍ରାନ୍ତରେ ଏକ ଅଭିଯୋଗ କରିଥିଲେ। ଫିରିଙ୍ଗିଆ ଥାନା ପୋଲିସ ଅଭିଯୋଗ ଅନୁଯାୟୀ ଏକ ମାମଲା ୭୧/୨୦୨୧ ରୁଜୁ କରି ବବଲୁକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଶଶୁର ଘରକୁ ଆସି ବେକରେ ରଶି ଲଗାଇ ଜ୍ୱାଇଁର ଆତ୍ମହତ୍ୟା : ସାଇଣ୍ଟିଫିକ୍ ଟିମର ତଦନ୍ତ

ଧର୍ମଶାଳା, ୨୧/୩ (ନି.ପ୍ର): ଶଶୁର ଘରକୁ ଆସି ବେକରେ ରଶି ଲଗାଇ ଜ୍ୱାଇଁର ଆତ୍ମହତ୍ୟା କରିଥିବା ଜଣାପଡିଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା କୋତପୁର ଫାଣ୍ଡି ଅନ୍ତର୍ଗତ କୋତପୁରସ୍ଥିତ ବ୍ରାହ୍ମଣୀର ଶାଖା କେଲୁଅ ନଦୀ ପଠାରେ ଏଭଳି ଘଟଣା ଘଟିଛି । ମୃତ ଯୁବକ ଜଣକ ହେଲେ କୁଆଖିଆ ଥାନା ଅନ୍ତର୍ଗତ ହରିପୁରସ୍ଥିତ ଗୌରୀଶ୍ୟାମ ପାଟଣା ଗ୍ରାମର ମୋତିଲାଲା ପଣ୍ଡାଙ୍କ ପୁଅ ସୁଶାନ୍ତ(୪୫) ବୋଲି ଜଣାପଡିଛି । କୋତପୁର ପୋଲିସ ଓ ଯାଜପୁର ସାଇଁଟିଫିକ୍ ଟିମ୍ ଘଟଣାସ୍ଥଳରେ ପଂହଚି ଗଛରୁ ମୃତ ଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଚଳାଇଛି । ଅଭିଯୋଗ ମୁତାବକ, ମୋତିଲାଲଙ୍କ ପୁଅ ସୁଶାନ୍ତ ତାଙ୍କ ପତ୍ନୀ,ଗୋଟିଏ ପୁଅ ଓ ଗୋଟିଏ ଝିଅ ସହିତ ପୁରୀର ଲୋକାନାଥ ମନ୍ଦିର ନିକଟରେ ରହି ଆସୁଥିଲେ । ସୁଶାନ୍ତ ସ୍ୱର୍ଗଦ୍ୱାର ନିକଟରେ ଚୁଡି ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରିଆସୁଥିଲେ । ସୁଶାନ୍ତଙ୍କ ପୁଅ ବର୍ଷେ ପୂର୍ବେ ପେଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ । ତେବେ ଚଳିତ ମାସ ପୁଅ ମ୍ୟାଟ୍ରିକ୍ ପରୀକ୍ଷା ଦେଇଥିଲା । ପୁଅର ବଡ ରୋଗ ଭାବି ସୁଶାନ୍ତ ବର୍ଷେ ହେବ ମାନସିକ ଭାରସାମ୍ୟ ହରାଇ ବସୁଥିଲେ । ଚଳିତ ମାସ ୧୭ ତାରିଖ ଦିନ ସହ ପରିବାର ସହିତ ଶଶୁର ଘର କୋତପୁର ଗ୍ରାମର ଚୈତନ୍ୟ ଦାସଙ୍କ ଘରକୁ ଆସିଥିଲେ । ତେବେ ଗତ କାଲି ସନ୍ଧ୍ୟାରେ ସୁଶାନ୍ତ କେଉଁ ଆଡେ ଚାଲି ଯାଇଥିଲେ । ଚୈତନ୍ୟଙ୍କ ପରିବାର ବହୁ ଖୋଜାଖୋଜି କରି ନିରାଶ ହୋଇ ସୁଶାନ୍ତଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ବହୁ ଖୋଜାଖୋଜି ପରେ କୋତପୁର ହାଟ ନିକଟସ୍ଥ କେଲୁଅ ନଦୀ ପଠାରେ ଥିବା ଏକ ଗମ୍ଭାରୀ ଗଛରେ ସୁଶାନ୍ତ ବେକରେ ରଶି ଲଗାଇ ଝୁଲୁଥିବାର ଦେଖିବାକୁ ପାଇଥିଲେ । ପରେ ମୃତ ସୁଶାନ୍ତଙ୍କ ପୁତୁରା ଅବିନାଶ ପଣ୍ଡା କୋତପୁର ଫାଣ୍ଡିରେ ଅଭିଯୋଗ କରିଥିଲେ । ତେବେ ଆଜି କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସଦଳବଳେ ଘଟଣାସ୍ଥଳରେ ପଂହଚି ସାଇଁଟିଫିକ୍ ଟିମର ସହାୟତା ନେଇଥିଲେ । ଆଜି ସକାଳ ସମୟରେ ସାଇଁଟିଫିକ୍ ଟିମ୍ ପଂହଚି ଗଛର ମୃତ ଦେହକୁ ଉଦ୍ଧାର କରି ତଦନ୍ତ ଚଳାଇଥିଲେ । ଫାଣ୍ଡିରେ କେସ୍ ନଂ ୧୧।୨୪ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆଯାଇଥିବା ନେଇ ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସୂଚନା ଦେଇଛନ୍ତି ।

ଶୁକ୍ରବାର, ମାର୍ଚ୍ଚ ୨୨, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ହାତୀ ପହଞ୍ଚାଉଛି କ୍ଷତି କିନ୍ତୁ ମିଳୁନାହିଁ ସହାୟତା ରାଶି: ତେଜୁଛି ଅସନ୍ତୋଷ, ଧାରଣାରେ ବସିବେ ଗ୍ରାମବାସୀ

ବେତନଟୀ, ୨୧/୩ : ପ୍ରତି ବର୍ଷ ବେତନଟୀ ରେଞ୍ଜ ଅଧୀନ ଥିବା ଅଞ୍ଚଳରେ ହାତୀ ଉପଦ୍ରବ ଦ୍ୱାରା ବହୁ ଧନ ଜୀବନ କ୍ଷୟକ୍ଷତି ହେଉଥିବା ବେଳେ ସରକାରୀ ସହାୟତା ଯୋଗାଇଦେବାରେ ପ୍ରଶାସନ ଆନ୍ତରିକତା ଦେଖାଉନଥିବା ଗ୍ରାମବାସୀ ମାନେ ଅଭିଯୋଗ କରୁଛନ୍ତି ଓ ଯାହା ଫଳରେ ଅଧିକାଂଶ ପରିବାର ଏବେ ବେସାହାରା ହୋଇ ଅତି ଦୟନୀୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି ଓ ଅଭିଯୋଗ ଅନୁଯାୟୀ ବେତନଟୀ ରେଞ୍ଜ ଅଧୀନ ବଡାମପୁର ଜଙ୍ଗଲ ବିଭାଗରେ ଅଧୀନରେ ଥିବା ଅଞ୍ଚଳରେ ହାତୀ ଉପଦ୍ରବ ଦ୍ୱାରା ବହୁ ଲୋକ ମୃତ୍ୟୁ ବରଣ କରିଥିବା ବେଳେ ବହୁ ଫସଲ ନଷ୍ଟ ହୋଇଛି ଓ ଏ ନେଇ ଲୋକମାନେ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଦେବା ସତ୍ତ୍ୱେ ତାଙ୍କୁ କ୍ଷତିପୂରଣ ରାଶି ମିଳିନାହିଁ ଓ ତେବେ ଏ ସଂକ୍ରାନ୍ତରେ ସେମାନେ ଜିଲ୍ଲା ସ୍ତରୀୟ ଜନଶୁଣାଣୀରେ କ୍ଷତିପୂରଣ ନିମନ୍ତେ ନିବେଦନ କରିଥିଲେ ଓ କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁଁ ସେମାନଙ୍କୁ ଏପର୍ଯ୍ୟନ୍ତ ସରକାରୀ ସହାୟତା ରାଶି ପହଞ୍ଚିବା ଦୂରରେ ଥାଉ କୌଣସି ଅଧିକାରୀ ସେଠାରେ ପହଞ୍ଚି ତାହାର ଆକଳନ ମଧ କଲେ ନାହିଁ ଓ ଏଣୁ ଆଜି ବଡାମପୁର ଅଞ୍ଚଳରେ କ୍ଷତିଗ୍ରସ୍ତ ଲୋକମାନେ ଆଜି ବେତନଟୀ ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ଏକ ଲିଖିତ ଅଭିଯୋଗ କରିବା ସହ ଯଦି ବିଭାଗୀୟ ଅଧିକାରୀ ଏହାର କୌଣସି ସମାଧାନ ନ'କରନ୍ତି ତେବେ ଆସନ୍ତା ଏପ୍ରିଲ ମାସ ୨ ତାରିଖରେ ସମୂହ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ଓ ଏହି ଗ୍ରାମବାସୀ ମାନେ ହେଲେ ହିମାଂଶୁ ମହାନ୍ତ , ପଦ୍ମଲୋଚନ ମହାନ୍ତ, ସଂଜିତ ମହାନ୍ତ , ସଚିଦାନନ୍ଦ ମହାନ୍ତ , ନବିଦ୍ର ନାଏକ, ରବିନ୍ଦ୍ର କିସ୍କୁ, ସମାୟ ସରେନ, ଚୈତନ୍ୟ ଟୁଡୁ, ଭାମା ନାଏକ ପ୍ରମୁଖ ଦାବିପତ୍ର ଦେଇଥିବା ଜଣାପଡିଛି।

# ଝିଲ ଗଡିଆରେ ଏରିଏଟର ଚଳାଉଥିବା ସମୟରେ ଚାପିହୋଇ ମୃତ୍ୟୁ

ଲଙ୍ଗଳେଶ୍ୱର, ୨୧/୩ (ନି.ପ୍ର): ଯମ ଛକି ବସିଥିଲା ଚିଙ୍ଗୁଡ଼ି ଗଡିଆ ଆଡିରେ ଅନନ୍ତ କୁ ନେବାପାଇଁ, ଏମିତି ଏକ ଦୁର୍ଘଟଣା ଘଟି ଯାଇଛି ବାଲିଆପାଳ ଥାନା ଜାମକୁଣ୍ଡା ଫାଣ୍ଡି ଅଧୀନ ଜମ୍ବୀରାଇ ପଞ୍ଚାୟତ ଜମ୍ବୀରାଇ ଗ୍ରାମର ଜଗନ୍ନାଥ ଗାରୁ ଙ୍କ ପୁତ୍ର ଅନନ୍ତ ଗାରୁ (୫୦), ସେ ତାଙ୍କର ନିଜସ୍ୱ ଜାଗାରେ ରୋଜଗାର ପାଇଁ ଚିଙ୍ଗୁଡ଼ି ଝିଲ କରିଛନ୍ତି,ସକାଳ ଚାରିଟାରେ ଚିଙ୍ଗୁଡ଼ି ଗଡିଆ ରେ ଥିବା ମେସିନକୁ ଚଳାଇବାକୁ ଯାଇଥିଲେ । ମେସିନକୁ ଚଳାଇବା ପରେ ଅନନ୍ତ ପିନ୍ଧିଥିବା କପଡ଼ାଟି ସେହି ମେସିନରୁ ଯାଇଥିବା ପାଇପରେ ଲାଗିଯାଇଥିଲା ଫଳରେ ଅନନ୍ତଙ୍କ ମୃତ୍ୟୁ ହୋଇ ଯାଇଥିଲା. ଆସିବା ବିଳମ୍ବ ହେବାରୁ ଅନନ୍ତ ର ପୁଅ ଝିଲ ପାଖକୁ ଯାଇ ବାପା ର ଅବସ୍ଥା ଦେଖି ଘର ଲୋକ ଙ୍କୁ ଖବର ଦେଇ ଥିଲା। ପରେ ଜାମକୁଣ୍ଡା ଫାଣ୍ଡି ରେ ଲିଖିତ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ଘଟଣା



ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଶବ କୁ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ । କେଶ ନମ୍ବର ୧୦/୨୪ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ପଶ୍ଚିମ ବଙ୍ଗରେ ବ୍ରାଉନ ସୁଗାର ସହିତ ଜଣେ ଗିରଫ

ସିଲିଗୁଡ଼ି, ୨୧/୩ (ନି.ପ୍ର): ବୁଧବାର ବିଳମ୍ବିତ ରାତିରେ ଖାଲପଡା ଆଉଟପୋଷ୍ଟ ପୋଲିସ ବିପୁଳ ପରିମାଣର ବ୍ରାଉନ ସୁଗାର ଜବତ କରିବା ସହିତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିଙ୍କ ନାମ କୌଲାଶ ସାହନି। ଅଭିଯୁକ୍ତ ଜଣକ ସିଲିଗୁଡିର ଟିକିଆପଡା ଅଂଚଳର ବାସିନ୍ଦା। ଅଭିଯୁକ୍ତଙ୍କ ନିକଟରୁ ପ୍ରାୟ ୫୭ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି ପୋଲିସ। ପୋଲିସ ସୂତ୍ର ଅନୁଯାୟୀ, ଖାଲପଡା ଆଉଟପୋଷ୍ଟ ପୋଲିସ ଗୁପ୍ତ ତଥ୍ୟ ଆଧାରରେ ଡଂଗିପଡାଠାରେ ଅଭିଯାନ ଆରମ୍ଭ କରି ଅଭିଯୁକ୍ତକୁ ଗିରଫ କରିଥିଲା।

# କୁଲଡିହା ଅଭୟାରଣ୍ୟ ପାଦଦେଶରେ ମିଳିତ କୁମ୍ବିଂ ଅପରେସନ: ୫ ଗୁଳି ଭର୍ତ୍ତି ଦେଶୀ ବନ୍ଧୁକ ସହ ୪ ଗିରଫ

ନୀଳଗିରି , ୨୧/୩ (ନି.ପ୍ର): ଏକ୍ସନ୍ ମୋଡରେ ବନବିଭାଗ। ଗତ ସୋମବାର ମଧ ରାତିରେ ବନବିଭାଗର ସର୍ଚ୍ଚ ଅପରେସନ ବେଳେ ଶିକାରୀଙ୍କ ଗୁଳିରେ ଦୁଇ ବନକର୍ମଚାରୀ ଗୁରୁତର ହେବା ପରେ ଏକ୍ସନ ମୋଡକୁ ଆସିଛି କୁଲଡ଼ିହା ବନବିଭାଗ। ମଙ୍ଗଳବାର ଭୋର ସମୟରେ ନୀଳଗିରି ପୋଲିସ ଏବଂ ବନବିଭାଗର ମିଳିତ ଚଢାଉ ପରେ ଔପଦା ବ୍ଲକ୍ କାଣ୍ଡଗରଡି ପଞ୍ଚାୟତ ମଲ୍ଲିବଣିଆ ଗ୍ରାମର ଜଗବନ୍ଧୁ ସିଂ ନାମକ ବ୍ୟକ୍ତିଙ୍କ ଘରୁ ୪ ରୁ ଅଧିକ ଦେଶୀ ବନ୍ଧୁକ, ଲୁହା ବ୍ୟାରେଲ ସହ ବନ୍ଧୁକ ତିଆରି ସରଞ୍ଜାମ, ଦେଶୀ ପିସ୍ତଲ ମିଳିବା ପରେ ବନ୍ଧୁକ ତିଆରି କାରଖାନା ଚାଲିଥିବା ଠାବ କରାଯାଇଥିଲା।



ତେବେ ଅଭୟାରଣ୍ୟ ପାଦଦେଶରେ ବହୁ ସଂଖ୍ୟାରେ ଦେଶୀ ବନ୍ଧୁକ ଥିବାର ସୂଚନା ବନବିଭାଗ ପାଖରେ ଥିବାରୁ ଉକ୍ତ ଅଞ୍ଚଳରେ ବନ୍ୟପ୍ରାଣୀ ପିସିସିଏଫ୍ ଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦଙ୍କ ନେତୃତ୍ୱରେ କୁଲଡିହା ରେଞ୍ଜର ପ୍ରବୀର ମୁର୍ମୁ, ଫରେଷ୍ଟର, ଫରେଷ୍ଟ ଗାର୍ଡ, ସବୁଜବାହିନୀ, ଶିମିଳିପାଳ ଟାଇଗର ପ୍ରୋଟେକ୍ସନ୍ ଫୋର୍ସ ଓ ନୀଳଗିରି ପୋଲିସର ମିଳିତ ସହଯୋଗରେ ରାତିଅଧିଆ କୁମ୍ବିଂ ଅପରେସନ କରାଯାଇଥିଲା। ଶିଆଡିମାଳ ପଞ୍ଚାୟତ ବାବନ୍ଧ ନିକଟବର୍ତ୍ତୀ ଡେଉଁଚଖାଲ ଗ୍ରାମରେ ଚଢ଼ାଉ କରି ଜୁଣିଆ ସିଂ (୬୫), ମଗୁଂଲୁ ସିଂ (୨୭), କାଳା ସିଂ (୩୫) ସହିତ ରବିନ୍ଦ୍ର ସିଂ ଙ୍କୁ ଗିରଫ ସେମାନଙ୍କ ନିକଟରୁ ୫ଟି ଗୁଳି ଭର୍ତ୍ତି ଦେଶୀବନ୍ଧୁକ ଜବତ କରିଥିଲେ। ନୀଳଗିରି ପୋଲିସ ପକ୍ଷରୁ ଦୁଇଟି କେସ ୯୨/୨୪ ଓ ୯୩/୨୪ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି। ଆଗକୁ ଅଧିକ କୁମ୍ବିଂ ଅପରେସନ ଜୋରଦାର କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ପଥରରେ ଛେଚି ସମ୍ପର୍କୀୟ ଖୁଡ଼ିକୁ ମାରିଲା ପୁତୁରା: ପୁତୁରା ମେଡିକାଲରେ ଭର୍ତ୍ତି, ପୋଲିସର ତଦନ୍ତ ଜାରି



ନୀଳଗିରି, ୨୧/୩ (ନି.ପ୍ର): ସମ୍ପର୍କରେ ଦୁଇ ଭାଇ ସାମାନ୍ୟ ଘଟଣାକୁ କେନ୍ଦ୍ର କରି ଝଗଡ଼ା ଲାଗିଥିବା ବେଳେ ଶେଷରେ ଖୁଡି ପ୍ରତିବାଦ କରିବା ଯୋଗୁଁ ଏକ ପଥରରେ ଛେଚି ନିଜ ଖୁଡିକୁ ମାରିଦେଲା ପୁତୁରା। ଏପଟେ ପୁତୁରା ଓ ତାର ବାପା ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ନୀଳଗିରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ନୀଳଗିରି ଥାନା ଅନ୍ତର୍ଗତ କାଂସ ପଞ୍ଚାୟତର କୁଳାପାଳ ଗ୍ରାମର ସନ୍ତୋଷ କୁମାର ପଣ୍ଡା ର ପୁଅ ପପୁନ୍, ଓରଫ ଅମିତ୍ ପଣ୍ଡା (୨୯) ଓ ଉକ୍ତ ଗ୍ରାମର ସମ୍ପର୍କୀୟ ନିଶିକାନ୍ତ ପଣ୍ଡାର ପୁଅ ଅସିତ୍ ପଣ୍ଡା (୨୬) ଏକ ଦୁର୍ଘଟଣା ଜନିତ ଅର୍ଥରାଶିକୁ ନେଇ ଝଗଡ଼ା ଲାଗିଥିଲେ। ଗାଁ ଦାଣ୍ଡରେ ଏଭଳି ଝଗଡ଼ା ଲାଗିଥିବାର ଦେଖି ଅସିତ୍ ର ମାଆ ସଂଯୁଲତା (୫୦) ଝଗଡ଼ା ନକରିବା ପାଇଁ ଉଭୟଙ୍କୁ ବାରଣ କରୁଥିବାବେଳେ ଅମିତ୍ ଉତକ୍ଷିପ୍ତ ହୋଇ ନିକଟରେ ପଡ଼ିଥିବା ଏକ ପଥରରେ ମୁଣ୍ଡକୁ ଛେଚି ରକ୍ତାତ୍ କରିପକାଇଥିଲା । ପରେ ୧୦୮ଗାଡିରେ ସଂଯୁଲତାକୁ ନୀଳଗିରି ମେଡିକାଲ ଆଣିଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏପଟେ ଗୁରୁତର ଅବସ୍ଥାରେ ସନ୍ତୋଷ କୁମାର ପଣ୍ଡା ଓ ତାର ପୁଅ ଅମିତ୍ ନିଳଗିରି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ନିଳଗିରି ଥାନାର ଅଧିକାରୀ ଗୋପାଳ କର୍ଣ୍ଣ ସଦଳବଳେ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତ ଦେହକୁ ଶବ ବ୍ୟବଚ୍ଛେଦ ପାଇଁ ଶବ ଗୃହରେ ରଖାଯାଇଛି। ଏନେଇ ମୃତକର ସ୍ୱାମୀ ନିଶିକାନ୍ତ ପଣ୍ଡା ନୀଳଗିରି ଥାନାରେ ଅଭିଯୋଗ କରିଥିବାର ଜଣାଯାଇଛି।

# ସ୍ୱଚ୍ଛତା ପକ୍ଷ ୨୦୨୪ ପାଳନ ଉପଲକ୍ଷେ ସେଲ ରାଉରକେଲା ଇସ୍ପାତ କାରଖାନାରେ ସ୍ୱଚ୍ଛତା ଶପଥ ଏବଂ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ

ରାଉରକେଲା, ୨୧/୩ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାରେ ଆୟୋଜିତ ହୋଇଥିବା ସ୍ୱଚ୍ଛତା ଅଭିଯାନରେ ବିଭିନ୍ନ ୟୁନିଟରେ ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ବହୁ ସଂଖ୍ୟକ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ। କାର୍ମିକ ଓ ପ୍ରଶାସନ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ଶପଥ ଗ୍ରହଣ ସମାରୋହ ରେ ହିନ୍ଦୀ, ଓଡିଆ ଏବଂ ଇଂରାଜୀ ଭାଷାରେ ଶପଥ ନିଆଯାଇଥିଲା ଯେଉଁଥିରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଏହି ଅଭିଯାନର ନେତୃତ୍ୱ ନେଇଥିଲେ । ଏହି ଅବସରରେ ସାଧାରଣ ପ୍ରଶାସନ ବିଭାଗ ରେ ୧୦୦ ରୁ ଅଧିକ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗରେ ଆୟୋଜିତ ହୋଇଥିବା ଅନ୍ୟ ଏକ ଶପଥ




କାର୍ଯ୍ୟକ୍ରମରେ ଟି ଏଣ୍ଡ ଆର ଏମ ବିଭାଗ ର ଜି ଏମ ଇନ ଚାର୍ଜ ଶ୍ରୀ ହିରାଲାଲ ମହାପାତ୍ର, ଅଧକ୍ଷତା କରିଥିଲେ। ଆଧୁନିକୀକରଣ ଅଗ୍ନିଶମ କେନ୍ଦ୍ରର ଅଗ୍ନିଶମ ବିଭାଗରେ ମଧ ସ୍ୱଚ୍ଛତା ସଙ୍କଳ୍ପ ଗ୍ରହଣ କରାଯାଇଥିଲା। ଏହାକୁ ଅଗ୍ନିଶମ ବିଭାଗର ଜିଏମ ଶ୍ରୀ ଜେ ବି ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ଅଧିକାରୀ ଏବଂ ୫୦ରୁ ଅଧିକ କର୍ମଚାରୀ ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ସେହିଭଳି ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ପି କେ ମହାପାତ୍ର ବ୍ଲାଷ୍ଟ ଫର୍ଣ୍ଣେସର କର୍ମଚାରୀମାନଙ୍କୁ ସ୍ୱଚ୍ଛତା ସଂକଳ୍ପ ପାଠ କରାଇଥିଲେ। ଏହି ସଂକଳ୍ପ ସମାରୋହ ଆୟୋଜନ କାର୍ମିକ ବିଭାଗ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ହଟ ଷ୍ଟ୍ରିପ୍ ମିଲ୍ - ୨ରେ ମଧ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଥିଲା। ସିଜିଏମ୍ (ଏଚ୍‌ଏସ୍‌ଏମ୍-୨) ଶ୍ରୀ ଆର କେ ମୁଦୁଲି ଏହି ଅଭିଯାନର ନେତୃତ୍ୱ ନେଇଥିଲେ ଯେଉଁଥିରେ ବହୁ ସଂଖ୍ୟକ କର୍ମଚାରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏଥିରେ ସ୍ୱଚ୍ଛତା ସଂକଳ୍ପ ଗ୍ରହଣ ମଧ ଗ୍ରହଣ କରାଯାଇଥିଲା ।

# କଟକ ଅବକାରୀ ସ୍କ୍ୱାର୍ଡ ଟିମର ଚଢ଼ାଉ: ସାତ ଜଣ ଗିରଫ

ବେତନଟୀ, ୨୧/୩ (ନି.ପ୍ର): କଟକରୁ ଆସିଥିବା ଅବକାରୀ ବିଭାଗର ସ୍କ୍ୱାର୍ଡ ଟିମ୍ ଆଜି ବେତନଟୀ ଅବକାରୀଥାନା ଇଲାକାର ବିଭିନ୍ନ ସ୍ଥାନରେ ଚଢାଉକରି ୭ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ହାତୀଝୁରି ଗ୍ରାମର ସାଲେ ହେମ୍ବ୍ରମ, ଦରବାରପୁର ଗ୍ରାମର ମଙ୍ଗୁଳି ସିଂ, ମାଣତ୍ରୀର ଜଗନ୍ନାଥ ଘଡେଇ, ମାଳିହାତୀ ଗ୍ରାମ ର ଶ୍ୟାମସୁନ୍ଦର ଓଝା , ଆଡିଆସାହିର ପ୍ରୀତି ସିଂ , ଆଗ୍ରିଆର ଗୌରମୋହନ ମାଝୀ ନିକଟରୁ ଚୋରା ଦେଶମଦ ଜବତ କରାଯାଇଥିଲା । ଏମାନଙ୍କ ନିକଟରୁ ମୋଟ୍ ୧୧୪ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ କଟକ ସ୍କୁର୍ଡ ଟିମ୍ ୭ଟି ପୃଥକ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ତେବେ ଆଡିଆସାହିର ପ୍ରୀତି ସିଂ ଏବଂ ଆଗ୍ରିଆର ଗୌରମୋହନ ଓଝାକୁ ନୋଟିସ ବଳରେ ଛାଡିଦିଆ ଯାଇଥିଲା । ଆଉ ପାଞ୍ଚ ଜଣଙ୍କୁ ବେତନଟୀ କୋର୍ଟ ରେ ହାଜର କରାଯାଇଛି।

# କଣ୍ଟାପାଳ ହାଇସ୍କୁଲରେ ବିଶ୍ୱ ବନ ଦିବସ ପାଳିତ



ବାରିପଦା, ୨୧/୩ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟକ୍ଷପାଳ ପରିସରରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ଅନୁଷ୍ଠିତ ଆଲୋଚନା ଚକ୍ରରେ ସଭାପତିତ୍ୱ କରିବା ସହ ଛାତ୍ର ଛାତ୍ରୀ ମାନଙ୍କୁ ବନଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଅବଗତ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତକ୍ଷ ର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷକ୍ଷକର୍ମଚକ୍ଷରୀ କାର୍ଯ୍ୟକ୍ରମ ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ବରପଦା ଇଞ୍ଜିନିୟରିଂ କଲେଜରେ ୧୪୪ ଧାରା ଜାରି

ଭଦ୍ରକ, ୨୧/୩ (ନି.ପ୍ର): ବରପଦା ଇଞ୍ଜିନିୟରିଂ କଲେଜର ମୁଖ୍ୟ ଫାଟକ ନିକଟରେ ବିଗତ ୫ ମାସ ଧରି ଧାରଣାରେ ବସି ଆସୁଥିବା ଧାରଣାରତ ଆନ୍ଦୋଳନ କାରୀଙ୍କ ଦ୍ୱାରା ବିଶେଷକରି ଏକମାସ ତଳୁ ଅଧିକ ବିଶୃଙ୍ଖଳିତ ଓ ହିଂସାତ୍ମକ ଆଚରଣ ଯୋଗୁଁ ଶାନ୍ତି ଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ଭଦ୍ରକ ମନୋଜ ପାତ୍ରଙ୍କ ଦ୍ୱାରା ଉକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ବି.ଆଇ.ଇ.ଟି ଏବଂ ବି.ଏଏସ୍.ଇ.ଟି., ବରପଦା ର ମୁଖ୍ୟ ଫାଟକ ଏବଂ ଅନୁଷ୍ଠାନ ରୁ ୧୦୦ ମିଟର ଦୂରତା ସୀମା ମଧ୍ୟବର୍ତ୍ତୀ ଅଞ୍ଚଳରେ ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ଧାରା ଜାରି କରାଯାଇଛି। ପୋଲିସ୍ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଏହି ୧୪୪ ଧାରା ୨୧.୦୩.୨୦୨୪ ରୁ ଜାରି କରାଯାଇଛି। ଏହି ଧାରା ର ନିୟମାନୁଯାୟୀ ୪ ଜଣରୁ ଅଧିକ ଜନ ସାଧାରଣ ଉକ୍ତ ଅଞ୍ଚଳରେ ଏକାଠି ହୋଇପାରିବେ ନାହିଁ। ଉକ୍ତ ଘଟଣାର ତଦନ୍ତ ଆଧାରରେ ଯାହା ଜଣାଯାଏ ଭଦ୍ରକ ନାଗରିକ ସୁରକ୍ଷା ପରିଷଦ, ବରପଦା, ବିକାଶ ମଞ୍ଚ ଏବଂ ବରପଦା ବୈଷୟିକ ଶିକ୍ଷାନୁଷ୍ଠାନ କର୍ମଚ୍ଚରୀ ସଂଗଠନ ଗଢ଼ି ଦୀର୍ଘଦିନ ଧରି ଏହି ଧାରଣା ଓ ଆନ୍ଦୋଳନ କରି ଆସୁଥିଲେ। ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଅଣଶିକ୍ଷକ କର୍ମଚ୍ଚରୀ ମାନଙ୍କୁ ଅନୁଷ୍ଠାନ ଭିତରକୁ ଯିବା ବନ୍ଦକରି ଦେଇଥିଲେ। ଫଳରେ ଦିନକୁ ଦିନ ଅନୁଷ୍ଠାନ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିଲା। ଆନ୍ଦୋଳନକାରୀ ମାନେ ଆଇନ୍ କୁ ହାତକୁ ନେବାରେ ଭୟ କରୁନଥିବାରୁ ଶିକ୍ଷକ ଓ ଅଣଶିକ୍ଷକ କର୍ମଚ୍ଚରୀମାନେ ନିଜକୁ ନିରାପଦ ମଣୁନଥିଲେ। ଅନୁଷ୍ଠାନର ବିଦ୍ୟାର୍ଥୀ ମାନଙ୍କ ଭବିଷ୍ୟତକୁ ଲକ୍ଷ୍ୟ ରଖି ଶିକ୍ଷକ ଓ ଅଣଶିକ୍ଷକ ସମସ୍ତ କର୍ମଚ୍ଚରୀ ଯେପରି ନିରାପଦରେ ଯାଇ ସେମାନଙ୍କ କର୍ତ୍ତବ୍ୟ ନିଭାଇ ପାରିବେ ସେ ନେଇ ସୁରକ୍ଷା ଓ ସହାୟତା ଯୋଗାଇ ଦେବାକୁ ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

# କ୍ୟାନଫେଷ୍ଟର ୩ୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଲା ନାଟକ 'ନିଃସଙ୍ଗ ନାୟକ'

ପାରାଦୀପ, ୨୧/୩ (ନି.ପ୍ର): ପାରାଦ୍ୱୀପ ଜୟଦେବ ସଦନ ପରିସରରେ କ୍ୟାନମାସ ଦ୍ୱାରା ଆୟୋଜିତ ୨୧ତମ ଜାତୀୟ ନାଟକ ମହୋତ୍ସବ କ୍ୟାନଫେଷ୍ଟର ୩ୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ନାଟକ 'ନିଃସଙ୍ଗ ନାୟକ' । ଆଜିର ସନ୍ଧ୍ୟାକୁ ପ୍ରସିଦ୍ଧ କବି କାଳୀଚରଣ ପଟ୍ଟନାୟକଙ୍କ ସ୍ମୃତି ଉତ୍ସର୍ଗ କରାଯାଇଥିଲା । ପ୍ରାଚୀନ ଉତ୍କଳର ଉତ୍କଳୀୟ ସଂସ୍କୃତି ଅତି ମହାନ। ଆଜି ପଲ୍ଲୀ ଠାରୁ ଦିଲ୍ଲୀ ସବୁଠାରେ ଉତ୍କଳୀୟ କଳା,ସଂସ୍କୃତି ନିଜର ଖ୍ୟାତି ବିସ୍ତାର କରିଛି । କିନ୍ତୁ ଏହି ଉତ୍କଳୀୟ କଳାକୁ ବିଶ୍ୱ ଦରବାରରେ ସୁପରିଚିତ କରାଇବା ପଛରେ ଯେଉଁ କିଛି ବିଶେଷ ବ୍ୟକ୍ତି ମାନଙ୍କର ଅବଦାନ ଅଛି ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି କବି କାଳୀଚରଣ ପଟ୍ଟନାୟକ। ଶ୍ରୀମନ ନାରାୟଣ ମିଶ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ କ୍ୟାନମାସ ଗ୍ରୁପ୍ ଦ୍ୱାରା ପର୍ଯ୍ୟବେସିତ ଏହି ନାଟକ ନିସଙ୍ଗ ନାୟକ ପ୍ରସିଦ୍ଧ କବି କାଳୀଚରଣ ପଟ୍ଟନାୟକଙ୍କ ଜୀବନୀ ଉପରେ



ଆଧାରିତ । ଓଡ଼ିଶାର ସଂସ୍କୃତିକୁ ଅଗ୍ରଗତି କରାଇବାରେ କାଳୀଚରଣ କିପରି ମୁଖ୍ୟ ସାରଥୀ ସାଜିଥିଲେ ତାହା ଏହି ନାଟକରେ ଅତ୍ୟନ୍ତ ସୁନ୍ଦର ଭାବେ ଦର୍ଶାଯାଇଥିଲା। ଓଡ଼ିଶାର ନୃତ୍ୟ କଳା, ସଙ୍ଗୀତ , ଓ ବିଶେଷ ଭାବରେ ଓଡ଼ିଆ ନାଟକର ବିକାଶ ପାଇଁ କାଳୀଚରଣ କରିଥିବା ସଂଘର୍ଷର କାହାଣୀ ଦର୍ଶକଙ୍କ ହୃଦୟସ୍ପର୍ଶୀ ହୋଇଛି । ଜୀବନର ଚଲାପଥରେ ଅନେକ ବାଧା,ବିଘ୍ନର ସମ୍ମୁଖୀନ ହୋଇ ଆହତ ଅବସ୍ଥାରେ ମଧ ସେ କିପରି ଏକାକୀ ସଂଗ୍ରାମ କରିଥିଲେ ତାହା ଏହି ନାଟକର ପ୍ରତିଟି ଚରିତ୍ର ମାଧ୍ୟମରେ ଜୀବନ୍ତ ରୂପ ଦେବାକୁ କଳାକାର ମାନେ ଚେଷ୍ଟା କରିଛନ୍ତି । ନାଟକକୁ ବୃତ୍ତିଗତ କରିବାରେ କଳାକାରଙ୍କ ଆମରଣ ସଂଘର୍ଷ ଦର୍ଶକଙ୍କୁ ବିମୋହିତ କରିଛି । କଳାକାରଙ୍କ ଏହି ସଂଘର୍ଷ ଓ ଏକାକିତାର ଚିତ୍ରକୁ ନିର୍ଦ୍ଦେଶକ ଶ୍ରୀମନ ନାରାୟଣ ମିଶ୍ରଙ୍କ ନାଟକ 'ନିଃସଙ୍ଗ ନାୟକ'ର ପ୍ରତିଟି ଛବିରେ ଜୀବନ୍ତ ଭାବେ ଦର୍ଶେଇଛନ୍ତି। କଳା, ସାହିତ୍ୟ କ୍ଷେତ୍ରରେ କ୍ୟାରିୟର ସୃଷ୍ଟି କରିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ଦର୍ଶକଙ୍କୁ 'ନିଃସଙ୍ଗ ନାୟକ' ନିହାତି ଭାବରେ ପ୍ରେରଣା ଯୋଗାଇବ ବୋଲି ନିର୍ଦ୍ଦେଶକ ଶ୍ରୀମନ କହିଛନ୍ତି । ନିର୍ଦ୍ଦେଶକ ଶ୍ରୀମନ ନାରାୟଣ ମିଶ୍ରଙ୍କ ସହ କାନମାସ ଗ୍ରୁପର ସମସ୍ତ ସଦସ୍ୟ ଏହି ନାଟକରେ ଜୀବନ୍ତ ଅଭିନୟ କରି ଦର୍ଶକଙ୍କ ମନ ଜିଣିଛନ୍ତି । କବି କାଳୀଚରଣଙ୍କ ଜୀବନ ସଂଘର୍ଷ ପ୍ରତ୍ୟେକ ଦର୍ଷକର ହୃଦୟକୁ ସ୍ପର୍ଷ କରିଛି । ଶେଷରେ ଦର୍ଶକ ମାନେ ମଧ ନାଟକରେ ଭାବପ୍ରବଣ ହୋଇ ମଞ୍ଚ କଳାକାର ମାନଙ୍କୁ କରତାଳି ଦେଇ ନିଜର ଭଲପାଇବା ଦର୍ଶାଇଛନ୍ତି । ଆଜି ୩ୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦର ପ୍ରାଧିକରଣ ଟ୍ରାଫିକ ବିଭାଗର ଉପଦେଷ୍ଟା ଆଶିଷ ବୋଷ ଯୋଗ ଦେଇ କଳାକାର ମାନଙ୍କ ଜୀବନ୍ତ ଅଭିନୟକୁ ପ୍ରଶଂସା କରିବା ସହ ନିର୍ଦ୍ଦେଶକଙ୍କ ପ୍ରଚେଷ୍ଟା ଅନନ୍ୟ ତଥା ଉଚ୍ଚକୋଟୀର ବୋଲି କହିଛନ୍ତି ।ଭୋପାଳର ହାମ୍ ଗ୍ରୁପ ପକ୍ଷରୁ ଆସନ୍ତାକାଲି ତଥା ଚତୁର୍ଥ ସଂଧ୍ୟାରେ ହିନ୍ଦୀ ଭାଷାରେ ନିର୍ଦ୍ଦେଶକ ବଳେନ୍ଦ୍ର ସିଂ ଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହେବାକୁ ଯାଉଛି ନାଟକ 'ଯଯାତି' ।

# ସ୍ୱାମୀର ଛୁରାମାଡରେ ପତ୍ନୀ ଗୁରୁତର : ସ୍ୱାମୀ ଗିରଫ

ବେତନଟୀ , ୨୧/୩ (ନି.ପ୍ର): ବୈଶିଙ୍ଗା ଥାନା ଅଧୀନ ଯୁଗଳ ଗ୍ରାମ ର ସ୍ୱାମୀ ର ଝୁରାମାଡରେ ପତ୍ନୀ ଆଜି ଗୁରୁତର ହୋଇଥିବା ଜଣାପଡିଛି। ଏହି ଘଟଣା ସମୟରେ ସ୍ୱାମୀ ଙ୍କୁ ପୁଲିସ ଅଟକ ରଖିଥିବା ବେଳେ ପତ୍ନୀ ଗୁରୁତର ଅବସ୍ଥାରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ରେ ଅଛନ୍ତି। ଘଟଣାରୁ ପ୍ରକାଶ ଯୁଗଳ ଗ୍ରାମ ର ଟୁନା ବେହେରା (୪୮) ଦୀର୍ଘ ଦିନ ହେବ ତାଙ୍କ ପତ୍ନୀ ଙ୍କ ସହିତ ମନମାଳିନ ଫଳରେ ପତ୍ନୀ ସ୍ୱାମୀ ଘର ଛାଡ଼ି ବାପଘର ଜାମପଦା ଗ୍ରାମରେ ? ରହିଆସୁଥିଲେ। ପତ୍ନୀ ବାପା ଘରେ ରହି ନିଜ ସ୍ୱାମୀ ଘର ଗାଁ କୁ ଦୋନା ପିଟିବା ପାଇଁ ଆସୁଥିବା ବେଳେ ସ୍ୱାମୀ ପତ୍ନୀ ଙ୍କ ର ପରକୀୟା ପ୍ରତି କୁ ନେଇ ସନ୍ଦେହ କରିଆସୁଥିଲେ ଆଜି ସବୁଦିନ ଭଳି ପତ୍ନୀ ଯୁଗଳ ଗାଁ କୁ ଆସିଥିବା ବେଳେ ସ୍ୱାମୀ ତାଙ୍କ ପତ୍ନୀ ଙ୍କ ସହିତ କଥା କଟାକଟି ହୋଇଥିଲା ଫଳରେ ଉତ୍ୟକ୍ତ ହୋଇ ସ୍ୱାମୀ ପତ୍ନୀ ଙ୍କୁ ବେକରେ, ହାତରେ ପିଠିରେ ବିଭିନ୍ନ ସ୍ଥାନରେ ଝୁରାରେ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ପତ୍ନୀ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ହେଉଛନ୍ତି। ପତ୍ନୀ ଙ୍କର ଭାଇ ଙ୍କ ଅଭିଯୋଗ କ୍ରମେ ବୈଶିଙ୍ଗା ପୁଲିସ ସ୍ୱାମୀ ଟୁନା ବେହେରାଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo